READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ହଜିଗଲା ବିକ୍ରମ !

ବର୍ଷ-୩ | ସଂଖ୍ୟା-୩୬ | ୨୩ - ୨୯ ସେପ୍ଟେମ୍ବର, ୨୦୧୯ | ଭୁବନେଶ୍ୱର | Monday Weekly | VOL-3 | ISSUE-36 | 23rd - 29th SEPTEMBER, 2019 | BHUBANESWAR | ₹ 5/- (8 Pages)

# ଜରିମାନାକୁ ଦୋଷ ଦେଇ ଖସିଗଲେ ଚଳିବନି

**ଭୁବନେଶ୍ୱର, (ତାରକ ମହାନ୍ତି):** ଭାରତରେ ସେପ୍ଟେମ୍ବର ପହିଲାରୁ ଲାଗୁ ହୋଇଥିବା ନୂଆ ମଟର ଯାନ ଆଇନକୁ ନେଇ ଆମ ରାଜ୍ୟରେ ଭିନ୍ନ ମତ

## ନୂଆ ମଟର ଯାନ ଆଇନ

ପ୍ରକାଶ ପାଉଛି। ଦାୟିତ୍ୱହୀନ ଗାଡି ଚାଳକ, ମଦୁଆ ଡ୍ରାଇଭର, କାଗଜପତ୍ର ନଥିବା ଗାଡି ମାଲିକ ଓ ଫୋନ୍‌ରେ ଗପି ଗପି ଟ୍ରାଫିକ୍ ନିୟମ ଉଲ୍ଲଘଂନ କରୁଥିବା ବ୍ୟକ୍ତିମାନେ ଏହାକୁ ଘୋର ବିରୋଧ କରୁଛନ୍ତି। ତେବେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନୀତି ନିୟମ ନ ମାନିବା କେତେଦୂର ଯୁକ୍ତିଯୁକ୍ତ। ଆଗରୁ ଆମ ଦେଶରେ ମଟର ଯାନ ଆଇନ ଯାହା ଥିଲା ତାହାକୁ ଡରୁ ନଥିଲେ ସମ୍ପୃକ୍ତ ଗାଡି ଚାଳକମାନେ। ଯେଉଁଥିପାଇଁ ବର୍ଷକୁ ବର୍ଷ ଦୁର୍ଘଟଣାର ସଂଖ୍ୟା ବଢ଼ି ଚାଲିଛି। ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଜାଣିପାରିବା ଯେ, ୮୦% ଦୁର୍ଘଟଣା କେବଳ ଏହିଭଳି ବ୍ୟକ୍ତି ବିଶେଷଙ୍କ ଯୋଗୁଁ ଘଟୁଛି। ମାତ୍ରାଧିକ ଦୁର୍ଘଟଣାରେ ଲୋକଙ୍କ ଜୀବନ ଯାଉଥିଲା ବେଳେ ଆଉ ଯେଉଁମାନେ ପଙ୍ଗୁ ବା ଅକର୍ମଣ୍ୟ ହୋଇ ବଞ୍ଚୁଛନ୍ତି ସେମାନଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଦୁର୍ଘଟଣାରେ ପୀଡିତ ଲୋକଙ୍କ ପାଇଁ ତାଙ୍କ ପରିବାରର ଆର୍ଥିକ ମେରୁଦଣ୍ଡ ମଧ୍ୟ ଦୋହଲି ଯାଉଛି। ଅର୍ଥାଭାବରେ ଥିବା ପରିବାର ଲୋକ ପୀଡିତ ଲୋକର ବ୍ୟୟବହୁଳ ଚିକିତ୍ସା ପାଇଁ ଯେଭଳି ଅସୁବିଧାର ସମ୍ମୁଖୀନ




ହେଉଛନ୍ତି ସେକଥା କେହି କେବେ ଚିନ୍ତା କରୁନାହାନ୍ତି। ଆଇନର ଗଳାବାଟକୁ ସହଜ ମନେ କରି ସମସ୍ତ ବେଆଇନ କାର୍ଯ୍ୟ କରୁଥିବା ଗାଡି ଚାଳକମାନେ ମଧ୍ୟ ଗୋଟିଏ ଗୋଟିଏ ପରିବାରର ସଦସ୍ୟ। ସେମାନେ ଜାଣିରଖିବା ଉଚିତ୍ ଯେ, ତାଙ୍କ ପାଇଁ ଯେଉଁ ଦୁର୍ଘଟଣା ଘଟିଲା ସେଥିରେ କାହାର ପରିବାର ଉଜୁଡିଗଲା ତ ଦେଶର ପ୍ରଭୂତ କ୍ଷତି ହେଉଛି। ଗାଡି ଚଳାଇବାକୁ ହେଲେ ପ୍ରଥମେ ନିଜର ସୁରକ୍ଷା ନିମନ୍ତେ ହେଲମେଟ୍, ସିଟ୍ ବେଲ୍ଟ ଆଦିର ଉପଯୋଗ କରିବା କଥା। କିନ୍ତୁ ଯେଉଁମାନେ ନିଜେ ଠିକ୍ ନଥାଇ ଆଇନକୁ ଦୋଷ ଦେଉଛନ୍ତି ସେମାନେ ଗଣତନ୍ତ୍ରକୁ ସୁରକ୍ଷା ଦେଉଛନ୍ତି ନା' ଏହାକୁ ନଷ୍ଟ କରିବା ପାଇଁ ମସୁଧା ଚଳାଇଛନ୍ତି। ବର୍ତ୍ତମାନ ଲାଗୁ ହୋଇଥିବା ନୂଆ ଆଇନ ଅନୁସାରେ ଜରିମାନାର ପରିମାଣ ଅଧିକା ଦର୍ଶାଉଥିବା ➤ ପୃ-୬

# ବଳାତ୍କାରୀଙ୍କୁ ଫାଶୀ

## ଦେଶରେ ଓଡ଼ିଶା ପ୍ରଥମ



**ଭୁବନେଶ୍ୱର :** ଦେଶରେ ନାବାଳିକା ବଳାତ୍କାର ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ପୂର୍ବରୁ ଏଭଳି ମାମଲାରେ ଅଭିଯୁକ୍ତଙ୍କୁ କୋହଳ ଦଣ୍ଡ ମିଳୁଥିଲା। ଅତିବେଶୀରେ କିଛି ବର୍ଷ ଜେଲଦଣ୍ଡ ଭୋଗିବା ପରେ ଦୋଷୀ ମୁକୁଳି ଯାଉଥିଲେ। କିନ୍ତୁ ନିର୍ଭୟା ମାମଲା ପରେ କେନ୍ଦ୍ର ସରକାର ଆଣିଥିବା ପୋକ୍‌ସୋ ଆଇନ୍ ଅଧିନରେ ଅଭିଯୁକ୍ତକୁ ଏବେ ଫାଇ ଭଳି କଠୋର ଦଣ୍ଡାଦେଶ ମଳୁଛି। ଯାହା ଝିଅମାନଙ୍କ ପ୍ରତି ଖରାପ ମାନସିକତା ରଖୁଥିବା ଅପରାଧୀକୁ ସାବାଡ କରିବାରେ ସହାୟକ ହେଉଥିବା କୁହାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ୨ମାସ ମଧ୍ୟରେ ୪ଟି ପୃଥକ ବଳାତ୍କାର ମାମଲାରେ ଅଭିଯୁକ୍ତକୁ କୋର୍ଟ ଫାଶୀ ଦଣ୍ଡାଦେଶ ଦେଇଛନ୍ତି। ଦୁଇମାସ ମଧ୍ୟରେ ୪ଟି ବଳାତ୍କାର ମାମଲାରେ ଅଭିଯୁକ୍ତମାନଙ୍କୁ ଫାଶୀ ଦଣ୍ଡାଦେଶ ଦେବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ବୋଲି କୁହାଯାଉଛି। ପୋକ୍‌ସୋ ଆଇନ ଆଧାରରେ ପ୍ରଥମେ ଜୁଲାଇ ୨୬ରେ ଅନୁଗୁଳ ଜିଲ୍ଲା କାଙ୍ଗୁଲାରେ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତ ଅନାମ ଦେହୁରୀକୁ ଫାଶୀ ଦଣ୍ଡାଦେଶ ହୋଇଥିଲା। ଜାନୁଆରୀ ୨୦ରେ ୧୨ ବର୍ଷର ନାବାଳିକା ବାପାଙ୍କ ପାଇଁ ଖାଇବାକୁ ନେଇ ଯାଉଥିବା ବେଳେ ଅଭିଯୁକ୍ତ ତାକୁ ରାସ୍ତାରୁ ଉଠାଇ ନେଇ ବଳାତ୍କାର କରିବା ପରେ ପଥରରେ ଛେଚି ହତ୍ୟା କରିଥିଲା। ହତ୍ୟା କରିବା ପରେ ଅଭିଯୁକ୍ତ ନାବାଳିକାକୁ ନିକଟସ୍ଥ ନାଳରେ ଫିଙ୍ଗି ଦେଇ ପଳାଇଥିଲା। ଅଗଷ୍ଟ ୨୮ରେ ମୟୂରଭଞ୍ଜ ଜିଲ୍ଲାର ଯାମିନୀକାନ୍ତକୁ ଦ୍ୱିତୀୟ ଫାଶୀ ଦଣ୍ଡାଦେଶ ହୋଇଥିଲା। ୨୦୧୮ ଜୁନ୍ ୧୪ରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ଏକ ଗାଁରେ ଏହି ଅଘଟଣ ଘଟିଥିଲା। ଅଭିଯୁକ୍ତ ଯାମିନୀକାନ୍ତ ୮ ବର୍ଷର ନାବାଳିକାକୁ ସାଇକେଲ ଚଳାଇବା ଶିଖାଇବା ବାହାନାରେ ନିକଟସ୍ଥ ଜଙ୍ଗଲକୁ ଡାକି ନେଇଥିଲା। ସେଠାରେ ସେ ନାବାଳିକାକୁ ବଳାତ୍କାର କରିବା ପରେ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିଲଶ। ଜୁନ୍ ୧୫ରେ ଏନେଇ ଏକ ମାମଲା ରୁଜୁ ହେବା ପରେ ପୋଲିସ ଯାମିନୀକାନ୍ତକୁ ଗିରଫ କରିଥିଲା। ପରେ ୨୭ଜଣଙ୍କ ସାକ୍ଷ ପ୍ରମାଣ ଆଧାରରେ ପୋକ୍‌ସୋ କୋର୍ଟ ଯାମିନୀକାନ୍ତକୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ। ଚଳିତମାସ ୧୦ରେ ତୃତୀୟ ଫାଶୀ ଦଣ୍ଡାଦେଶ ହୋଇଥିଲା। ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ ଗଡହରିଶପୁରରେ ଘଟିଥିବା ନାବାଳିକା ➤ ପୃ-୬

### ବିକାଶ ଓ ନିବେଶକୁ ପ୍ରୋତ୍ସାହନ

# ଘରୋଇ କମ୍ପାନୀ ପାଇଁ କର୍ପୋରେଟ ଟିକସ ହ୍ରାସ

**ନୂଆଦିଲ୍ଲୀ:** ଭାରତ ସରକାର ଆୟକର ଆଇନ ୧୯୬୧ ଏବଂ ଅର୍ଥ (ସଂଖ୍ୟା ୨) ଆଇନ ୨୦୧୯ରେ କେତେକ ସଂଶୋଧନ ଆଣିବା ଉଦ୍ଦେଶ୍ୟରେ କର ନିର୍ଦ୍ଧାରଣ ଆଇନ (ସଂଶୋଧନ) ଅଧ୍ୟାଦେଶ ୨୦୧୯ ଆଗତ କରିଛନ୍ତି। କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଗୋଆରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଅର୍ଥମନ୍ତ୍ରୀ ଏହି ସଂଶୋଧନର ଯେଉଁ ବିଶେଷତ୍ୱ ବିଷୟରେ ସୂଚନା ଦେଇଥିଲେ। ବିକାଶ ଏବଂ ନିବେଶକୁ ପ୍ରୋତ୍ସାହନ ଦେବା ଲାଗି ଆୟକର ଆଇନରେ ଏକ ନୂଆ ବ୍ୟବସ୍ଥା କରାଯାଇଛି। ଏହା ୨୦୧୯-୨୦ ଆର୍ଥିକ ବର୍ଷ ଠାରୁ



ଲାଗୁ ହେବ। ଏହି ବ୍ୟବସ୍ଥା ଦ୍ୱାରା ଯେକୌଣସି ଘରୋଇ କମ୍ପାନୀ ୨୨% ହାରରେ ଆୟକର ପରିଶୋଧ କରିବାର ବିକଳ୍ପ ପାଇବେ। ତେବେ କୌଣସି ପ୍ରକାରର ରିହାତି କିମ୍ବା ପ୍ରୋତ୍ସାହନ ଗ୍ରହଣ ନକରିବାର ସର୍ତ୍ତରେ ସେମାନଙ୍କୁ ଏହି ସୁବିଧା ମିଳିପାରିବ। ସରଚାର୍ଜ ଏବଂ ସେସକୁ ମିଶାଇ କମ୍ପାନୀଗୁଡ଼ିକ ପାଇଁ ଲାଗୁ ଦର ୨୫.୧୭% ରହିବ। ଏପରି କମ୍ପାନୀଗୁଡ଼ିକୁ ସର୍ବନିମ୍ନ ବିକଳ୍ପ ଟିକସ ପଇଠ କରିବାର ମଧ୍ୟ ଆବଶ୍ୟକତା ରହିବ ନାହିଁ। ଉତ୍ପାଦନ କ୍ଷେତ୍ରରେ ନୂଆ ନିବେଶକୁ ଆକୃଷ୍ଟ କରିବା ଏବଂ ସରକାରଙ୍କ 'ମେକ ଇନ ଇଣ୍ଡିଆ'କୁ ପ୍ରୋତ୍ସାହନ ଦେବା ଲାଗି ଆୟକର ଆଇନରେ ଆଉ ଏକ ନୂଆ ବ୍ୟବସ୍ଥାକୁ ମଧ୍ୟ ସାମିଲ କରାଯାଇଛି। ➤ ପୃ-୬

## ଗାନ୍ଧି ଜୟନ୍ତୀରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା



**ଭୁବନେଶ୍ୱର:** ଅକ୍ଟୋବର ୨ ତାରିଖରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହେବ। ପଞ୍ଚମ ପାଳିରେ ସରକାର ଗଠନ କରିଥିବା ବିଜେଡି ରାଜ୍ୟବାସୀଙ୍କ ସମ୍ପର୍କକୁ ଆହୁରି ନିବିଡ଼ କରିବା ପାଇଁ ପ୍ରୟାସ କରିବ। ଏଥିପାଇଁ ଦଳ ଏଥର ଜନସମ୍ପର୍କ ପଦଯାତ୍ରା ୱାର୍ଡସ୍ତରରେ ଆୟୋଜନ କରିବାକୁ ଯୋଜନା କରିଛି। ଏନେଇ ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ସମସ୍ତ ନେତା ଓ କର୍ମକର୍ତ୍ତାମାନଙ୍କୁ ଚିଠି ଲେଖିଛନ୍ତି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଜେଡି ଜନ ସମ୍ପର୍କ ପଦଯାତ୍ରାକୁ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ କରି ଅକ୍ଟୋବର ୧୧ ଜୟ ପ୍ରକାଶ ନାରାୟଣ ➤ ପୃ-୬

## ବକ୍ରବାଣୀ



କୋଡିଏ ବର୍ଷର ନିର୍ମଳ ସର୍କାର
ଡିଣ୍ଡିମ ପିଟିବା କିବା ଦର୍କାର !
ବିଧାନ ପର୍ଷଦ ଗଢୁଚ କିଆଁ
କିଏ ଲଗଉଚି ଦଳରେ ନିଆଁ !
ହାରିବା ନେତାଙ୍କୁ ପାୱାର ଲୋଡ଼ା
ନହେଲେ ସେମାନେ ବନିବେ ଘୋଡା !
ଋଣ କରି ଘିଅ କେତେ ପିଇବ
ଶ୍ରେଷ୍ଠ ପୁରସ୍କାର ପୁଣି କିଣିବ !
ତୁମରି ହାତରେ ଶାସନ ଦେଇ
ଓଡ଼ିଆ ପାଇକ ଯାଇଚି ଶୋଇ !

——— ଟୁଟୁ

### ବାରବାଟୀ ଏଟି-ଓସିଏ

# ଆଶୀର୍ବାଦଙ୍କ ଖେଳ ଶେଷ !

**ଭୁବନେଶ୍ୱର:** ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ମାମଲାରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଓ ହୋଟେଲ ସୋଲାନ୍-ଇନ୍ ମାଲିକ କମଳାକାନ୍ତ ଦାସଙ୍କୁ ଗିରଫ କରିଛି ସିବିଆଇ। ଏ ଦୁହେଁ ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ସଂସ୍ଥାର ଆର୍ଥିକ କାରବାରରେ ସମ୍ପୃକ୍ତ ରହି କୋଟି କୋଟି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ସେମାନଙ୍କ ନାଁରେ ସିବିଆଇ ଗତମାସରେ ଅତିରିକ୍ତ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା ବେଳେ କୋର୍ଟ ପକ୍ଷରୁ ସେମାନଙ୍କ ବିରୁଦ୍ଧରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଥିଲା। ଯେଉଁଥିପାଇଁ ଆଶୀର୍ବାଦଙ୍କୁ କଟକରୁ ଏବଂ ପୁରୁଣା ଭୁବନେଶ୍ୱରରୁ କମଳାକାନ୍ତଙ୍କୁ ଗିରଫ କରିଛନ୍ତି ସିବିଆଇ ଅଧିକାରୀ। ଗତ ୮ବର୍ଷ ଧରି ସିବିଆଇ-ଆଶୀର୍ବାଦଙ୍କ ମଧ୍ୟରେ ଛକାପଞ୍ଝା ଚାଲିଥିଲା। ସୂଚନାଯୋଗ୍ୟ, ଦୀର୍ଘବର୍ଷ ଧରି ବାରବାଟୀ ଷ୍ଟାଡିୟମ ଆଶୀର୍ବାଦଙ୍କ କବ୍‌ଜାରେ ରହିଛି। ଜଣେ ଫୁଟବଲ ଖେଳାଳିରୁ ଓସିଏ ତଥା ଅଲମ୍ପିକ୍ ସଂଘର ମୁଖିଆ ଭାବେ ସେ ଦାୟିତ୍ୱ ନିର୍ବାହ କରୁଥିଲେ। ଓଡ଼ିଶା କ୍ରୀଡାର କ୍ଷମତା କେନ୍ଦ୍ର ଭାବେ ପରିଚିତ ଆଶୀର୍ବାଦଙ୍କ ବିନା ସମ୍ମତିରେ ବାରବାଟୀ ଚଳଚଞ୍ଚଳ ହେଉ ନଥିଲା। ବିଭିନ୍ନ ସମୟରେ ଦୁର୍ନୀତିର ଅଭିଯୋଗ ସାମ୍ନାକୁ ଆସିବା ପରେ ଆଶୀର୍ବାଦ ସିବିଆଇ ଜାଲରେ ଛନ୍ଦି ହୋଇଗଲେ। ଏଟି ଗ୍ରୁପ୍ ଲିଙ୍କ୍‌ରେ ଆଶୀର୍ବାଦଙ୍କୁ ଏକାଧିକବାର ସିବିଆଇ କାର୍ଯ୍ୟାଳୟକୁ ଡକାଯାଇ ଜେରା କରାଯାଇଛି। ଓଡ଼ିଶା କ୍ରିକେଟ ଦଳ ସହିତ ଓପିଏଲ୍-୧ର ମୁଖ୍ୟ ପ୍ରାୟୋଜକ ଭାବେ ଏଟି ଗ୍ରୁପ୍ ଥିବାରୁ ଏଥିରେ ଟଙ୍କା କାରବାରରେ ବହୁ ଅନିୟମିତତା ହୋଇଥିବା ଜଣାପଡିଛି। କଟକ



ମ୍ୟୁନିସିପାଲିଟିର କାଉନସିଲରରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ଆଶୀର୍ବାଦ ଓଡ଼ିଶା କ୍ରୀଡା ଜଗତର ଜଣେ ତୁଙ୍ଗ ନେତା ଭାବେ ପ୍ରତିଷ୍ଠା ଅର୍ଜନ କରିଥିଲେ। ତେଣୁ ନିଜକୁ କ୍ରୀଡ଼ା ଜଗତର ପିତାମହ ଭୀଷ୍ମ ଭାବୁଥିବା ଆଶୀର୍ବାଦ ବାସ୍ତବରେ ଜଣେ କଳଙ୍କିତ ଲୋକ ବୋଲି ପରେ ଚର୍ଚ୍ଚା ଜୋର ଧରିଥିଲା। ରାଜ୍ୟରେ କନିଷ୍ଠ ଖେଳାଳିଙ୍କ ବୟସ ଜାଲିଆତି ଘଟଣା ଠାରୁ ଆରମ୍ଭ କରି ବାରବାଟୀକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭାବେ ବ୍ୟବହାର କରୁଥିବା ଆଶୀର୍ବାଦଙ୍କ ଦୁର୍ନୀତିର ତାଲିକା ଖୁବ୍ ଲମ୍ବା। ବାରବାଟୀରେ ଗେଷ୍ଟ ହାଉସ, ପ୍ୟାଲେସ ଓ ଟ୍ରାଭେଲ୍ସ ଇତ୍ୟାଦି ନିର୍ମାଣ କରି ମୋଟା ଅଙ୍କର ଅର୍ଥ ହଡପ କରୁଥିଲେ ଆଶୀର୍ବାଦ। ବାରବାଟୀ ଷ୍ଟାଡିୟମରେ ଯାହାବି ବଡ ପ୍ରତିଯୋଗିତା ଆୟୋଜନ ହେଉଥିଲା ସେଥିରୁ ଉପାର୍ଜିତ ଅର୍ଥ ଆଶୀର୍ବାଦଙ୍କ ଖାତାକୁ ଯାଉଥିଲା। ନିଜ ପତ୍ନୀଙ୍କ ନାମରେ ଟ୍ରାଭେଲ ଏଜେନ୍ସି ଖୋଲାଯାଇ କ୍ରୀଡା ସମୟରେ ସେଠାରୁ ଭଡାରେ ନିଆଯାଉଥିଲା ଗାଡି ବୋଲି ଅଭିଯୋଗ ହୁଏ। ବାରବାଟୀ ଷ୍ଟାଡିୟମ ସଂଲଗ୍ନ ୨୩ ଦୋକାନ ଘର, ବାରବାଟୀ ପ୍ୟାଲେସ୍ ଓ ସରକାରୀ ଜମି ଜବରଦଖଲ ମାମଲାରେ ଆଶୀର୍ବାଦ ଏବେବି ତଦନ୍ତ ପରିସରରେ ରହିଛନ୍ତି। ପ୍ରଥମେ ଏହି ମାମଲାକୁ କ୍ରାଇମବ୍ରାଞ୍ଚ ହାତକୁ ନେଇଥିଲା ବେଳେ ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହାର ତଦନ୍ତ କରୁଥିଲେ। ଏପରିକି ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାରେ ଆଶୀର୍ବାଦଙ୍କୁ ଭର୍ତ୍ସନା କରିବା ସହିତ ଅଲିମ୍ପିକ୍ ଆସୋସିଏସନ ଠାରୁ ଦୂରେଇ ରହିବା ପାଇଁ ନିର୍ଦ୍ଦେଶ ଦେଲେ। ଏଥିସହିତ ମାମଲାର ତଦନ୍ତଭାର ➤ ପୃ-୬

# ଚମକିବ ଭୁବନେଶ୍ୱର ରେଳ ଷ୍ଟେସନ

**ଭୁବନେଶ୍ୱର :** ଭୁବନେଶ୍ୱର ରେଳ ଷ୍ଟେସନ ପୁନଃ ବିକାଶ ପାଇଁ ନୂଆଦିଲ୍ଲୀ ସ୍ଥିତ ଉଦ୍ୟୋଗ ଭବନଠାରେ ଉଭୟ ରେଳବାଇ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଅଛି। ରେଳବାଇ ପକ୍ଷରୁ ଖୋର୍ଦ୍ଧା ରୋଡ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶଶୀକାନ୍ତ ସିଂହ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ

## ନିର୍ମାଣ ହେବ ମଲ୍ଟି ମୋଡାଲ ହବ୍

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପାଧକ୍ଷ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି। ନୂଆଦିଲ୍ଲୀ ଉଦ୍ୟୋଗ ଭବନ ଠାରେ କେନ୍ଦ୍ର ରେ, ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପିୟୂଷ ଗୋୟଲ, କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ତଥା ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ରେଳବାଇ ବୋର୍ଡ ଇଞ୍ଜିନିୟରିଂ ସଦସ୍ୟ ବିଶ୍ୱେଷ ଚୌବେ ଓ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣଙ୍କ ସହିତ ଉଚ୍ଚ ଅଧିକାରୀ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଉପସ୍ଥିତ



ଥିବା ବେଳେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ ଠାରେ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ସ୍ମାର୍ଟ ସିଟି ମିଶନ ଅନ୍ତର୍ଭୁକ୍ତ ରେଳ ଷ୍ଟେସନ ମଲ୍ଟିମୋଡାଲ ହବ ନିର୍ମାଣ ଭାବରେ ଭୁବନେଶ୍ୱର ରେଳ ଷ୍ଟେସନ ସଂଲଗ୍ନ ଅଞ୍ଚଳକୁ ବିକଶିତ କରାଯିବ। ଏହି ପ୍ରକଳ୍ପକୁ ଓଡ଼ିଶା ସରକାରଙ୍କ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା ନିର୍ମାଣ କରାଯିବ। ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଜମିରେ ଏହି ମଲ୍ଟିମୋଡାଲ ହବର ଭୁବନେଶ୍ୱର ରେଳ ଷ୍ଟେସନର ନୂତନ ଟର୍ମିନାଲ ବିଲଡିଙ୍ଗ, ସିଟି ବସ ଟର୍ମିନାଲ, ପବ୍ଲିକ କାର ପାର୍କିଂଙ୍ଗ ଏବଂ ଅନ୍ୟାନ୍ୟ ସାଧାରଣ ଲୋକଙ୍କ ଉପଯୋଗୀ ମିଶ୍ରିତ ସଂସ୍ଥା ସହିତ ସବୁ ପ୍ଲାଟଫର୍ମ ଉପର ଦେଇ ଭୁବନେଶ୍ୱର ଷ୍ଟେସନର ଉଭୟ ପାର୍ଶ୍ୱକୁ ସଂଲଗ୍ନ କରୁଥିବା ଏକ କନକୋର୍ସ ନିର୍ମାଣ କରାଯିବ। ଉଭୟ ରେଳବାଇ ଓ ରାଜ୍ୟ ସରକାରଙ୍କ ଜମିରେ ନୂତନ ଷ୍ଟେସନ ବିଲଡିଙ୍ଗ ଏବଂ ଦୁଇଟି ଲାଇନ ସହିତ ପ୍ଲାଟଫର୍ମ ନିର୍ମାଣ ଯୌଥ ଭାବେ କରାଯିବ। ପ୍ରସ୍ତାବିତ ବିଲଡିଙ୍ଗରେ ତଳ ମହଲା ସହିତ ୫ ମହଲା ନିର୍ମାଣ କରାଯିବ ଯାହାକି ରେଳବାଇ ଦ୍ୱାରା ତଳ ମହଲା ସହିତ ୨ଟି ମହଲା ବ୍ୟବହାର କରାଯିବ। ରେଳବାଇ ପାଇଁ ୧.୭୪ ଲକ୍ଷ ବର୍ଗଫୁଟ ବ୍ୟବହାର କରାଯିବ। ଏହି ପ୍ରକଳ୍ପ ପାଇଁ ରେଳବାଇ ପ୍ରାୟ ୭୦ କୋଟି ଟଙ୍କା ବରାଦ କରିଛି ଯେଉଁଥିରେ ଦୁଇଟି ଅତିରିକ୍ତ ରେଳ ଲାଇନ ଓ ପୂର୍ଣ୍ଣ କଭରସେଡ ଥାଇ ଗୋଟିଏ ପ୍ଲାଟଫର୍ମ, ଫୁଟ ଓଭର ବ୍ରିଜର ସମ୍ପ୍ରସାରଣ ଏବଂ ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** ଯାନବାହନ ପ୍ରତି ସତର୍କ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଠାରୁ ପ୍ରଶଂସିତ ହେବେ। ଆର୍ଥିକ ସମସ୍ୟା ବିଗିଡି ଯିବ। କୋର୍ଟକଚେରି ବିବାଦର ସମାଧାନ ହେବ। ଧନପ୍ରାପ୍ତିର ପ୍ରବଳ ସୁଯୋଗ ରହିଛି। ବ୍ୟବସାୟରେ ଉନ୍ନତି ଘଟିବ।

**ବୃଷ** ମାନସିକ ସୁସ୍ଥତା ଅନୁଭବ କରିବେ। ରାଜନୈତିକ ବ୍ୟକ୍ତିମାନେ ସତର୍କ ରହିବେ। ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ଅଧିକ ପରିଶ୍ରମ କଲେ ଆଶାନୁରୂପ ଫଳ ମିଳିବ। ବ୍ୟବସାୟୀମାନେ ଅଧିକ ଲାଭରୁ ବଞ୍ଚିତ ରହିବେ।

**ମିଥୁନ** ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପୂଜାପାଠରେ ମନ ଅଧିକ ଲାଗି ରହିବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ।

**କର୍କଟ** ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ଆଧାତ୍ମିକ କାର୍ଯ୍ୟରେ ସମୟ କଟିବ।

**ସିଂହ** ପରିବାରର ସହଯୋଗରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ।

**କନ୍ୟା** ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ପଡିରହିଥିବା ବିବାଦର ସମାଧାନ ହେବ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ମିଳିବ। କଳାକାରମାନେ ଅସୁବିଧାରେ ପଡିବେ।

**ତୁଳା** ଚାକିରିଆଙ୍କର ଦୂର ସ୍ଥାନକୁ ବଦଳି ହୋଇପାରେ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ପାରିବାରିକ କନ୍ଦଳରୁ ଖୁବ୍‌ଶୀଘ୍ର ମୁକ୍ତି ମିଳିଯିବ।


**ବିଛା** କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ହେବ। ନୂନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ଜମିଜମା ବିବାଦ ଲାଗି ରହିବ।

**ଧନୁ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ।

**ମକର** ପରିବାର ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ।

**କୁମ୍ଭ** ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିବ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ଧନ ବୃଦ୍ଧିର ଶୁଭ ସଙ୍କେତ ପାଇବେ।

**ମୀନ** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ହୋଇଯିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ‘ପାକିସ୍ତାନ ଯେତେ ତଳକୁ ଯିବ, ଆମେ ସେତେ ଉଚ୍ଚରେ ରହିବୁ’

**ନୂଆଦିଲ୍ଲୀ:** ପାକିସ୍ତାନ କାଶ୍ମୀର ପ୍ରସଙ୍ଗକୁ ଜାତିସଂଘରେ ଉଠାଇବା ଭାରତ ପାଇଁ ଫାଇଦା ଦେବ ଏବଂ ପାକିସ୍ତାନ ନିଜେ ଏଥିପାଇଁ ଅସୁବିଧାରେ ପଡିବ ବୋଲି କହିଛନ୍ତି ଜାତିସଂଘରେ ଭାରତର ପ୍ରତିନିଧି ସୟଦ ଆକବରଉଦ୍ଦିନ୍। ସେ କହିଛନ୍ତି ଯେ, ଏହି ପ୍ରସଙ୍ଗରେ ପାକିସ୍ତାନ ଯେତେ ନୀଚ ସ୍ତରକୁ ଯିବ ଆମେ ସେତେ ଉପରେ ଉଡିବୁ। ଅତୀତରେ ଆତଙ୍କବାଦକୁ ବେଶ୍ ପ୍ରୋତ୍ସାହନ ଯୋଗାଇ ସାଧାରଣ ଘଟଣା ଭାବେ ବିବେଚନା କରି ଆସିଥିବା ପାକିସ୍ତାନ ଏବେ ‘ମେନ୍‌ଷ୍ଟ୍ରୀମ୍ ହେଟ୍‌ସ୍ପିଚ୍’ ଆରମ୍ଭ କରିବ ବୋଲି ସୟଦ୍ ଆଗୁଆ ଅନୁମାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଜାତିସଂଘର ସାଧାରଣ ଅଧିବେଶନରେ କାଶ୍ମୀର ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି। ଆସନ୍ତା ୨୭ ତାରିଖରେ ନ୍ୟୁୟର୍କଠାରେ ଆୟୋଜିତ ହେବାକୁ



ଥିବା ଏହି ଅଧିବେଶନରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଯୋଗ ଦେଇ ଅଭିଭାଷଣ ରଖିବାର ଅଛି। ଏଥିପାଇଁ ସେ ବର୍ତ୍ତମାନ ଆମେରିକା ଗସ୍ତରେ ଅଛନ୍ତି। ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଏହି ଅଧିବେଶନକୁ ନେଇ କହିଛନ୍ତି ଯେ, ଇମ୍ରାନ୍ ଖାନ୍ ଏଠାରେ ରାଷ୍ଟ୍ର ସମୂହଙ୍କ ସାମ୍ନାରେ କାଶ୍ମୀର ପ୍ରସଙ୍ଗ ଉଠାଇବେ। ତେବେ ଏହାର ପ୍ରତିକ୍ରିୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୟଦ୍ କହିଛନ୍ତି, କେଉଁ ଦେଶ ଗ୍ଲୋବାଲ ପ୍ଲାଟଫର୍ମରେ କେଉଁ ପ୍ରସଙ୍ଗ କିଭଳି ଭାବେ ଉଠାଉଛି ତାହା ଗୁରୁତ୍ୱପୂର୍ଣ୍ଣ। କିଛି ରାଷ୍ଟ୍ରର ନୀଚ ସ୍ତରକୁ ଯାଇ ପାରନ୍ତି। ଆମ ପ୍ରତିକ୍ରିୟା ରହିବ, ଆମେ ଉଚ୍ଚରେ ଉଡିବୁ। ସେମାନେ ନୀଚ ସ୍ତରରେ ପ୍ରସଙ୍ଗ ରଖିପାରନ୍ତି। ସେ ପାକିସ୍ତାନର ଆଗାମୀ ପଦକ୍ଷେପ ନେଇ କହିଥିଲେ, ସେମାନେ କ’ଣ କରିବେ ତାହା ସେମାନଙ୍କ ଉପରେ ନିର୍ଭର କରେ। ସେମାନେ ଆଗରୁ ମେନ୍‌ଷ୍ଟ୍ରିମ୍ ଆତଙ୍କବାଦକୁ ପ୍ରୋତ୍ସାହନ ଦେଇଛନ୍ତି ଆଉ ଏବେ ଆପଣମାନେ ପଚାରୁଛନ୍ତି ଏବେ ସେମାନେ ମେନ୍‌ଷ୍ଟ୍ରିମ୍ ହେଟ୍‌ସ୍ପିଚ୍‌ର ପ୍ରୟାସ କରିବେ କି ନା। ତାହା ସେମାନଙ୍କ ଉପରେ ନିର୍ଭର ରକରେ। ବିଷ ବହୁଦିନ ଧରି ତିଷ୍ଠିପାରେନି।

# ‘ବିକ୍ରମ’କୁ ଠାବ କରିପାରିଲାନି ନାସା

**ନୂଆଦିଲ୍ଲୀ:** ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଚନ୍ଦ୍ରଯାନ-୨ର ଲ୍ୟାଣ୍ଡର ‘ବିକ୍ରମ’ ସହ ସମ୍ପର୍କ ସ୍ଥାପନ କରିବାରେ ସଫଳ ହୋଇପାରି ନାହିଁ। ଫଳରେ ଧୀରେ ଧୀରେ ଆଶା କମିବାରେ ଲାଗିଛି। ବିକ୍ରମ ଜୀବନ କାଳ ୧୪ଦିନ ହୋଇଥିବା ବେଳେ ଏହାକୁ ଠାବ କରିବାରେ ସମସ୍ତ ଉଦ୍ୟମ ବିଫଳ ହୋଇଛି। ତେବେ ଆମେରିକାର ମହାକାଶ ସଂସ୍ଥା ନାସା ବିକ୍ରମକୁ ଠାବ କରିବା



ସହ ତା’ସହିତ ସମ୍ପର୍କ ସ୍ଥାପନ କରିବାରେ ସକ୍ଷମ ହେବ ବୋଲି ଭାରତୀୟମାନଙ୍କର ଆଶା ରହିଥିଲା। କିନ୍ତୁ ତାହା ବି ଶେଷ ହୋଇଯାଇଛି। ନାସା ମଧ୍ୟ ବିକ୍ରମକୁ ଠାବ କରିବାରେ ବିଫଳ ହୋଇଛି। ନାସାର ଅର୍ବିଟରରେ ଲାଗିଥିବା କ୍ୟାମେରାରେ ବିକ୍ରମ ଦୃଶ୍ୟମାନ ହେଉ ନଥିବା ନାସା ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ନାସାର ଲୁନାର ରିକାନନ୍‌ସେସ ଅର୍ବିଟର (ଏଲଆରଓ) ବିଗତ ୧୦ବର୍ଷ ଧରି ଚନ୍ଦ୍ର କକ୍ଷପଥରେ ଘୁରିବୁଲୁଛି। ଗତ ମଙ୍ଗଳବାର ଦିନ ଏଲଆରଓ ଚନ୍ଦ୍ରପୃଷ୍ଠରେ ପଡିରହିଥିବା ବିକ୍ରମ ଉପର ଦେଇ ଅତିକ୍ରମ କରିଥିଲା। କିନ୍ତୁ ଏଲଆରଓରେ ଲାଗିଥିବା କ୍ୟାମେରାରେ ବିକ୍ରମ ନଜର ଆସୁନଥିବା ନାସା ପକ୍ଷରୁ ସୂଚନା ଦିଆଯାଇଛି। ଏହାସହିତ ବିକ୍ରମ ସହିତ ସମ୍ପର୍କ ସ୍ଥାପନ କରିବାର ଆଶା ମଧ୍ୟ ଏକପ୍ରକାର ଶେଷ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୭ ତାରିଖରେ ଚନ୍ଦ୍ରଯାନ-୨ର ଲ୍ୟାଣ୍ଡର ବିକ୍ରମକୁ ଇସ୍ରୋର ବୈଜ୍ଞାନିକମାନେ ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ କରାଉଥିବା ସମୟରେ ତା’ସହିତ ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଥିଲା। ବିକ୍ରମ ଚନ୍ଦ୍ରପୃଷ୍ଠରେ ଏକ ପାର୍ଶ୍ୱକୁ ଢଳି ରହିଥିବା ଚନ୍ଦ୍ରଯାନ-୨ ଅର୍ବିଟର ନେଇଥିବା ଫଟୋରୁ ଜଣାପଡିଥିଲା। କିନ୍ତୁ ବିକ୍ରମ ସହିତ ସମ୍ପର୍କ ସ୍ଥାପନ କରିବାରେ ଇସ୍ରୋ ସଫଳ ହୋଇପାରିନାହିଁ।

# ଇ-ସିଗାରେଟ ବ୍ୟାନ୍

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଇଲେକ୍ଟ୍ରୋନିକ ସିଗାରେଟ (ଉତ୍ପାଦନ, ନିର୍ମାଣ, ଆମଦାନୀ, ରପ୍ତାନି, ପରିବହନ, ବିକ୍ରୟ, ବିତରଣ, ମହଜୁଦ ଏବଂ ବିଜ୍ଞାପନ) ନିଷେଧ ଅଧ୍ୟାଦେଶ, ୨୦୧୯ର ଘୋଷଣାକୁ ମଞ୍ଜୁର କରିଛନ୍ତି। ଏହି ମଞ୍ଜୁରି ଦେଶର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କ୍ଷେତ୍ରରେ ଏକ ବୃହତ ପଦକ୍ଷେପ ବୋଲି କୁହାଯାଉଛି। ଇଲେକ୍ଟ୍ରୋନିକ ସିଗାରେଟ ବ୍ୟାଟେରୀଯୁକ୍ତ ଉପକରଣ ହୋଇଥିବା ବେଳେ ଏହା ତରଳ ନିକୋଟିନକୁ ଗରମ କରି ଏରୋସୋଲ ଉତ୍ପନ୍ନ କରିଥାଏ। ସାଧାରଣ ସିଗାରେଟରେ ଏରୋସୋଲ ହେଉଛି ଏକ ପ୍ରକାର ନିଶାଯୁକ୍ତ ପଦାର୍ଥ। ଇ-ସିଗାରେଟରେ ସମସ୍ତ ପ୍ରକାରର ଇଲେକ୍ଟ୍ରୋନିକ ନିକୋଟିନ ଡେଲିଭରୀ ସିଷ୍ଟମ, ଜଳାଇବା ପରିବର୍ତ୍ତେ ଗରମ ହେଉଥିବା ଉତ୍ପାଦ, ଇ-ହୁକ୍କା ଏବଂ ଅନୁରୂପ ଅନ୍ୟ ଉପକରଣ ମଧ୍ୟ ସାମିଲ ରହିଛି। ଏପରି ନୂଆ ଉତ୍ପାଦ ଆକର୍ଷକ ତଥା ବିଭିନ୍ନ ସୁଗନ୍ଧଯୁକ୍ତ ହୋଇଥାନ୍ତି। ଏହାର ଉପଯୋଗ ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିକଶିତ ଦେଶଗୁଡ଼ିକରେ, ବିଶେଷ କରି ଯୁବକ ଏବଂ



ଶିଶୁମାନଙ୍କ ଠାରେ ଏହା ଏକ ମହାମାରୀର ରୂପ ନେଇଛି। ଅଧ୍ୟାଦେଶ ଘୋଷଣା ହେବା ପରେ ଇ-ସିଗାରେଟର କୌଣସି ପ୍ରକାର ଉତ୍ପାଦନ, ନିର୍ମାଣ, ଆମଦାନୀ, ରପ୍ତାନି, ପରିବହନ, ବିକ୍ରୟ (ଅନଲାଇନ ବିକ୍ରି ସମେତ), ବିତରଣ କିମ୍ବା ବିଜ୍ଞାପନ (ଅନଲାଇନ ବିଜ୍ଞାପନ ସମେତ)କୁ ଏକ ଦଣ୍ଡନୀୟ ଅପରାଧ ଭାବେ ଗ୍ରହଣ କରାଯିବ। ପ୍ରଥମ ଥର ଅପରାଧ କ୍ଷେତ୍ରରେ ଏକ ବର୍ଷ ଜେଲ ଦଣ୍ଡ କିମ୍ବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଅଥବା ଉଭୟ ଦଣ୍ଡ ବିଧାନ କରାଯିବ। ପୁଣି ଥରେ ଅପରାଧ କରିବା ଲାଗି ତିନି ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ପାଂଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ ହୋଇପାରେ। ଇଲେକ୍ଟ୍ରୋନିକ ସିଗାରେଟ ମହଜୁଦ କରି ରଖିବା ପାଇଁ ମଧ୍ୟ ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ଅଥବା ୫୦ ହଜାର ଟଙ୍କା ଜୋରିମାନା ଅଥବା ଉଭୟ ଦଣ୍ଡ ବିଧାନ କରାଯିବ। ଅଧ୍ୟାଦେଶ ଲାଗୁ ହେବା ତାରିଖ ଠାରୁ ଇ-ସିଗାରେଟ ମହଜୁଦକାରୀମାନେ ସେମାନଙ୍କ ମହଜୁଦ ଉତ୍ପାଦ ସମ୍ପର୍କରେ ଘୋଷଣା କରି ନିକଟସ୍ଥ ପୁଲିସ ଥାନାରେ ଜମା କରିବାକୁ ହେବ। ପୁଲିସ ସବଇନ୍ସପେକ୍ଟରଙ୍କୁ ଅଧ୍ୟାଦେଶ ଅନ୍ତର୍ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ନିର୍ଦ୍ଧାରିତ କରାଯାଇଛି। ଅଧ୍ୟାଦେଶର ବ୍ୟବସ୍ଥାକୁ ଲାଗୁ କରିବା ଲାଗି କେନ୍ଦ୍ର କିମ୍ବା ରାଜ୍ୟ ସରକାର ସମାନ ପାହ୍ୟାର କୌଣସି ଅଧିକାରୀଙ୍କୁ କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ନିଯୁକ୍ତ କରିପାରିବେ। ଇ-ସିଗାରେଟ ନିଷେଧ କରିବା ଲାଗି ନିଷ୍ପତି ହେବା ପରେ ଲୋକମାନଙ୍କୁ, ବିଶେଷ କରି ଯୁବପିଢ଼ି ଓ ପିଲାମାନଙ୍କୁ ଇ-ସିଗାରେଟ ନିଶା କବଳରୁ ସୁରକ୍ଷା ଦେବାରେ ସହାୟତା ମିଳିପାରିବ। ଅଧ୍ୟାଦେଶ ଲାଗୁ ହେବା ଫଳରେ ସରକାରଙ୍କ ତମାଖୁ ନିୟନ୍ତ୍ରଣ ପ୍ରୟାସକୁ ସହାୟତା ମିଳିପାରିବ। ତମାଖୁ ଉପଯୋଗ ମଧ୍ୟ ହ୍ରାସ ପାଇବ। ଏଥିସହିତ ଜଡ଼ିତ ଆର୍ଥିକ ବୋଝ ଏବଂ ରୋଗ ମଧ୍ୟ କମିବ ବୋଲି କୁହାଯାଉଛି।

**କେରଳ ହାଇକୋର୍ଟଙ୍କ ଐତିହାସିକ ରାୟ**

# ଇଣ୍ଟରନେଟ୍ ବ୍ୟବହାର ମୌଳିକ ଅଧିକାର

**ଥିରୁଅନନ୍ତପୁରମ :** କେରଳ ହାଇକୋର୍ଟ ଗୁରୁବାର ଇଣ୍ଟରନେଟ୍ ବ୍ୟବହାରକୁ ‘ମୌଳିକ ଅଧିକାର’ର ଏକ ଅଂଶ ବୋଲି ଘୋଷଣା କରିଛନ୍ତି। କୋର୍ଟ ଐତିହାସିକ ରାୟ ଦେଇ କହିଛନ୍ତି ଯେ, ଇଣ୍ଟରନେଟ୍ ବ୍ୟବହାର ସମ୍ବିଧାନରେ ଦିଆଯାଇଥିବା ଶିକ୍ଷା ଅଧିକାରୀ ଏବଂ ବ୍ୟକ୍ତିଗତ ଅଧିକାରର ଅଂଶ ଅଟେ। ଛାତ୍ରୀ ନିବାସରେ ମୋବାଇଲ ବ୍ୟବହାର ଉପରେ ପ୍ରତିବନ୍ଧକ ନେଇ ଏକ ଆବେଦନର ଶୁଣାଣି କରି ଜଷ୍ଟିସ୍ ପିଭି ଆଶଙ୍କ ଜଣିକିଆ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି। ଅଭିଯୋଗକାରିଣୀ କୋଝିକୋଡ ଚୋଲାନୁରସ୍ଥିତ ଶ୍ରୀ ନାରାୟଣ କଲେଜର ବିଏ (ଇଂରାଜୀ) ତୃତୀୟ ବର୍ଷର ଛାତ୍ରୀ ଫାହିମା ଶିରିନ ଛାତ୍ରୀ ନିବାସରେ ମୋବାଇଲ ବ୍ୟବହାର ଉପରେ ପ୍ରତିବନ୍ଧକକୁ ନେଇ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସେ ନିଜ ଆବେଦନରେ ଦର୍ଶାଇଥିଲେ ଯେ, ମୋବାଇଲ ବ୍ୟବହାର ପାଇଁ କଲେଜ ଛାତ୍ରୀ ନିବାସରୁ ତାଙ୍କୁ ବାହାର କରିଦିଆଯାଇଥିଲା। ଛାତ୍ରୀ ନିବାସର ନିୟମ ଅନୁସାରେ ସଂଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମୋବାଇଲ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଛାତ୍ରୀ ଜଣକ ଏହି ପ୍ରତିବନ୍ଧକ ବିରୋଧରେ ଅନ୍ୟ ଛାତ୍ରୀଙ୍କ ସହ ବିରୋଧ ପ୍ରଦର୍ଶନ କରିଥିଲେ।

# ଏଚ୍‌ଏସ୍‌ଏଫ୍‌ସି ଲାଗି ଇସ୍ରୋକୁ ପ୍ରଯୁକ୍ତି ସହାୟତା ଯୋଗାଇ ଦେବ ଡିଆରଡିଓ


**ନୂଆଦିଲ୍ଲୀ:** ମାନବ ମହାକାଶ ଯାନ ସାମର୍ଥ୍ୟ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ମହାକାଶକୁ ମଣିଷ ପଠାଇବା ଅଭିଯାନ ଲାଗି ମାନବ କୈନ୍ଦ୍ରିକ ବ୍ୟବସ୍ଥାର ବିକାଶ ଉଦ୍ଦେଶ୍ୟରେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏବଂ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମାନବ ମହାକାଶ ଯାନ କେନ୍ଦ୍ର (ଏଚଏସଏଫସି)ର ନିର୍ଦ୍ଦେଶକ ଡ. ଏସ ୟୁନ୍ନିକ୍ରିଷ୍ଣନ ନାୟାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଡିଆରଡିଓର ବିଭିନ୍ନ ଗବେଷଣାଗାର ସହିତ ଏକାଧିକ ଏମଓୟୁ ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ଫଳରେ ଡିଆରଡିଓ ପକ୍ଷରୁ ଇସ୍ରୋକୁମାନବ କୈନ୍ଦ୍ରିକ ବ୍ୟବସ୍ଥା ଏବଂ ମାନବ ମହାକାଶ ଅଭିଯାନ ସଂକ୍ରାନ୍ତ ସ୍ୱତନ୍ତ୍ର ପ୍ରଯୁକ୍ତି ଯୋଗାଣ ସମ୍ଭବ ହୋଇପାରିବ। ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡ. ଜି ସତୀଶ ରେଡ୍ଡୀ ଏବଂ ବୈଜ୍ଞାନିକ ତଥା ଜୀବ ବିଜ୍ଞାନ ମହାନିର୍ଦ୍ଦେଶକ ଡ.ଏ.କେ.ସିଂଙ୍କ ଉପସ୍ଥିତିରେ ଏରିଏଲ ଡେଲିଭରୀ ରିସର୍ଚ୍ଚ ଆଣ୍ଡ ଡେଭଲପମେଂଟ ଏଷ୍ଟାବ୍ଲିଶମେଣ୍ଟ (ଏଡିଆରଡିଇ), ଡିଫେନ୍ସ ଫୁଡ ରିସର୍ଚ୍ଚ ଲାବୋରୋଟୋରୀ (ଡିଏଫଆରଏଲ), ଡିଫେନ୍ସ ବାୟୋଇଞ୍ଜିନିଅରିଂ ଆଣ୍ଡ ଇଲେକ୍ଟ୍ରୋ ମେଡ଼ିକାଲ ଲାବୋରୋଟୋରୀ (ଡିଇବିଇଏଲ), ଡିଫେନ୍ସ ଲ୍ୟାବ ଯୋଧପୁର, ସେଣ୍ଟର ଫର ଫାୟାର, ଏକ୍ସପ୍ଲୋସିଭ ଆଣ୍ଡ ଏନଭାଇରନ ସେଫ୍ଟି (ସିଏଫଇଇଏସ), ଡିଫେନ୍ସ ଇନଷ୍ଟିଚ୍ୟୁଟ ଅଫ ଫିଜିଓଲୋଜି ଆଣ୍ଡ ଆଲାଏଡ ସାଇନ୍ସ (ଡିଆଇପିଏଏସ) ଏବଂ ଇନଷ୍ଟିଚ୍ୟୁଟ ଅଫ ନ୍ୟୁକ୍ଲିଅର ମେଡ଼ିସିନ ଆଣ୍ଡ ଆଲାଏଡ ସାଇନ୍ସ (ଆଇଏନଏମଏଏସ)ର ନିର୍ଦ୍ଦେଶକମାନେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଡିଆରଡିଓ ଅଧ୍ୟକ୍ଷ ଡ. ଜି ସତୀଶ ରେଡ୍ଡୀ କହିଥିଲେ ଯେ ପ୍ରତିରକ୍ଷା ପ୍ରୟୋଗ ଉଦ୍ଦେଶ୍ୟରେ ଡିଆରଡିଓ ଗବେଷଣାଗାର ନିକଟରେ ରହିଥିବା ପ୍ରଯୁକ୍ତିଭିତିକ ସାମର୍ଥ୍ୟକୁ ଇସ୍ରୋର ମାନବ ମହାକାଶ ମିଶନ ଅନୁକୂଳ କରାଯାଇ ଉପଯୋଗ କରାଯିବ। ମହାକାଶ ଖାଦ୍ୟ, ମହାକାଶଚାରୀଙ୍କ ସ୍ୱାସ୍ଥ୍ୟ ଅନୁଧ୍ୟାନ ଏବଂ ଜୀବନରକ୍ଷା ଉପକରଣ, ବିକିରଣ ମାପନ ଏବଂ ସୁରକ୍ଷା, ମହାକାଶଚାରୀ ଓ ଅନ୍ୟମାନଙ୍କ ନିରାପତା ପାଇଁ ପାରାଚ୍ୟୁଟ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି ଡିଆରଡିଓ ପକ୍ଷରୁ ଇସ୍ରୋକୁ ଯୋଗାଇ ଦିଆଯିବ। ଜୀବ ବିଜ୍ଞାନ ମହାନିର୍ଦ୍ଦେଶକ ଡ. ଏକେ. ସିଂ କହିଥିଲେ ଯେ ମାନବ ମହାକାଶ ଯାନ ପାଇଁ ଡିଆରଡିଓ ପକ୍ଷରୁ ସମସ୍ତ ଆବଶ୍ୟକ ସହାୟତା ଇସ୍ରୋକୁ ଯୋଗାଇ ଦିଆଯିବ। ନିର୍ଦ୍ଧାରିତ ସମୟରେ ସମସ୍ତ ସହାୟତା ଲାଗି ପ୍ରଯୁକ୍ତିକୁ ମହାକାଶ ଯାତ୍ରୀଙ୍କ ଉପଯୋଗ ଅନୁକୂଳ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି। ୨୦୨୨ରେ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପୂର୍ବରୁ ନିଜର ମାନବ ମହକାଶ ଅଭିଯାନ ପୂରଣ କରିବା ଲାଗି ଇସ୍ରୋ ଲକ୍ଷ୍ୟ ରଖିଛି।

# ଭଦୌରିଆ ବାୟୁସେନା ମୁଖ୍ୟ

**ନୂଆଦିଲ୍ଲୀ:** ଏୟାର ମାର୍ଶାଲ ରାକେଶ କୁମାର ସିଂହ ଭଦୌରିଆ ହେବେ ଭାରତୀୟ ବାୟୁସେନାର ଆଗାମୀ ମୁଖ୍ୟ। ଏଥିପାଇଁ କେନ୍ଦ୍ର ସରକାର ମୋହାର ମାରି ସାରିଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି। ଚଳିତ ମାସ ୩୦ ତାରିଖରେ ବିଏସ୍ ଧନୱା ଅବସର ଗ୍ରହଣ କରିବାକୁ ଯାଉଛନ୍ତି। ଏବେ ଭଦୌରିଆ ବାୟୁସେନାର ଉପମୁଖ୍ୟ ରହିଛନ୍ତି। ସରକାର ତାଙ୍କୁ ବାୟୁସେନା ମୁଖ୍ୟ କରିବା ସହ ତାଙ୍କ କାର୍ଯ୍ୟକାଳକୁ ଆଉ ୨ବର୍ଷ ବଢ଼େଇ ଦେଇଛନ୍ତି। ବାୟୁସେନାର ସବୁଠୁ ଦକ୍ଷ ପାଇଲଟ ଭାବରେ ରାକେଶ କୁମାର ସିଂହଙ୍କ ନାମ ରହିଛି। ଏଯାବତ ସେ ୨୬ ପ୍ରକାର ଲଢୁଆ ଏବଂ ପରିବହନ ବିମାନ ଉଡାଇଛନ୍ତି। ଯେଉଁଥିରେ ରାଫେଲ୍ ମଧ୍ୟ ସାମିଲ ରହିଛି। ରାଫେଲ୍ ବିମାନ କିଣିବା ଟିମ୍‌ରେ ସେ ଅଧ୍ୟକ୍ଷ ମଧ୍ୟ ରହିଛନ୍ତି। ଆରକେଏସ୍ ଭଦୌରିଆ ଏନ୍‌ଡିଏ ପୁନେର ଛାତ୍ର। ସେ ୪୨୫୦ରୁ ଅଧିକ ଘଣ୍ଟା ବିମାନ ଉଡାଇଛନ୍ତି। ଭଦୌରିଆ ଦକ୍ଷିଣ କମାଣ୍ଡର (ଏଓସି-ଇନ୍-ଜି) ଭାବେ ମାର୍ଚ୍ଚ ୨୦୧୭ରୁ ଅଗଷ୍ଟ ୧୮ ପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳିଥିଲେ। ଏହାପରେ ସେ (ଏଓସି-ଇନ୍-ସି) ଭାବେ ଟ୍ରେନିଂ କମାଣ୍ଡର ଦାୟିତ୍ୱ ଚଳିତ ବର୍ଷ ପର୍ଯ୍ୟନ୍ତ ତୁଲାଇଥିଷଲ। ଏହାପରେ ଚଳିତବର୍ଷ ମେ’ରେ ଭାଇସ ଚିଫ୍ ଅଫ ଦ’ ଏୟର ଷ୍ଟାଫକୁ ପଦୋନ୍ନିତ ଦେଇଥିଲେ ସରକାର। ନିଜର ୩୬ ବର୍ଷ କାର୍ଯ୍ୟକାଳରେ ଆରକେଏସ୍ ଭଦୌରିଆ ଅତି ବିଶିଷ୍ଟ ସେବା ପଦକ, ବାୟୁସେନା ମେଡାଲ ଏବଂ ପରମ ବିଶିଷ୍ଟ ସେବା ଆଦି ଅନେକ ପଦକରେ ସମ୍ମାନିତ ହୋଇଛନ୍ତି। ଜୁନ ୧୯୮୦ରେ ଜଣେ ଲଢୁଆ ପାଇଲଟ ଭାବେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିବା ଏୟାର ମାର୍ଶାଲ ଭଦୌରିଆ ପୁଣେ ସ୍ଥିତ ନାସନାଲ ଡିଫେନ୍ସ ଏକାଡେମୀର ଛାତ୍ର। ରାଫେଲ୍ ବିମାନ ଉଡାଇବା ପରେ ସେ କହିଥିଲେ ଯେ, ବିଶ୍ୱର ସବୁଠାରୁ ଦକ୍ଷ ଯୁଦ୍ଧ ବିମାନ ରାଫେଲ୍। ଏହା ଭାରତୀୟ ବାୟୁସେନାରେ ସାମିଲ ହେବା ପରେ ଭାରତୀୟ ସେନାର ଦକ୍ଷ ଆହୁରି ବୃଦ୍ଧି ପାଇବ। ସୁଖୋଇ ରାଫେଲ୍ ଯୋଡି ଆଗାମୀ ଦିନରେ ଚାଇନା ଏବଂ ପାକିସ୍ତାନକୁ କଡା ଜବାବ ଦେବ ବୋଲି ସେ କହିଥିଲେ।

# ୫ ବର୍ଷରେ ୫୦ ବଡ ନିଷ୍ପତ୍ତି ନେଇଛନ୍ତି ମୋଦି ସରକାର: ଶାହା

**ନୂଆଦିଲ୍ଲୀ:** ୨୦୧୩ ମସିହାରେ ଭ୍ରଷ୍ଟାଚାର ଚରମ ସୀମାରେ ଥିଲା। ସୀମାରେ ସୁରକ୍ଷା ପାଇଁ କୌଣସି ଢୋସ୍ ବ୍ୟବସ୍ଥା ନଥିଲା, ଆଭ୍ୟନ୍ତରୀଣ ସୁରକ୍ଷା ବିପର୍ଯ୍ୟସ୍ତ ଥିଲା ଏବଂ ସବୁ ମନ୍ତ୍ରୀ ନିଜକୁ ହିଁ ପ୍ରଧାନମନ୍ତ୍ରୀ ଭାବୁଥିଲେ ବୋଲି କେନ୍ଦ୍ରୀୟ ଗୃହମନ୍ତ୍ରୀ ତଥା ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା ବିରୋଧୀଙ୍କୁ କଡା ଜବାବ୍ ଦେଇ କହିଛନ୍ତି। ସେ କହିଛନ୍ତି ଯେ ସେତେବେଳେ ସମସ୍ତ ମନରେ ପ୍ରଶ୍ନ ଉଠୁଥିଲା ଯେ ଦେଶ କେଉଁ ଦିଗରେ ଯିବ। କିନ୍ତୁ ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରେ ଲୋକଙ୍କ ମନରେ ବିଶ୍ୱାସ ଜାତ ହେଲା। ପୂର୍ବ ସରକାର ମାନେ ୩୦ ବର୍ଷରେ ୫ ଟି ବଡ ନିଷ୍ପତି ନେଇଥିଲେ କିନ୍ତୁ ମୋଦି ସରକାର ୫ ବର୍ଷରେ ୫୦ଟି ବଡ ଓ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେଇଛନ୍ତି। ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ଅଲ୍ ଇଣ୍ଡିଆ ମ୍ୟାନେଜମେଂଟ ଆସୋସିଏସନ୍ (ଏଆଇଏମଏ)ର ୪୬ତମ ସମ୍ମିଳନୀରେ ଯୋଗ ଦେଇ ଅମିତ୍ ଶାହା କହିଥିଲେ ଯେ ଆଜି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ । ମୋଦିଙ୍କ ଜନ୍ମଦିନ ପୂରା ଦେଶବାସୀଙ୍କ ବାଇଁ ଶୁଭ ଅଟେ କାରଣ ନରେନ୍ଦ୍ର ମୋଦି ହିଁ ଲୋକଙ୍କ ମନରେ ବିଶ୍ୱାସ ଜଗାଇପାରିଛନ୍ତି ଯେ ଆପଣଙ୍କ ସହଯୋଗରେ ହିଁ ଏକବିଂଶ ଶତାବ୍ଦୀ ଭାରତର ହୋଇପାରିବ। ସେ ଆହୁରି କହିଛନ୍ତି ଯେ ଜଣେ ବ୍ୟକ୍ତି ଏକାକୀ କିଛି ନକରିପାରନ୍ତି କିନ୍ତୁ ଯଦି୧୩୦ କୋଟି ଜନତା ଗୋଟିଏ ଗୋଟିଏ ପାଦ ଆଗକୁ ବଢାନ୍ତି ତେବେ ଦେଶ ୧୩୦ କୋଟି ପାଦ ଆଗକୁ ବଢ଼ିପାରିବ। ପ୍ରଧାନମନ୍ତ୍ରୀ ମୋଦି ନ୍ୟୁ ଇଣ୍ଡିଆର ଯେଉଁ କଳ୍ପନା କରିଛନ୍ତି ସେଥିରେ ସବୁ ବର୍ଗର ଉନ୍ନତି ହୋଇପାରିବ। ସବକା ସାଥ୍ ସବକା ବିକାଶର ଆଧାରରେ ନ୍ୟୁ ଇଣ୍ଡିଆର ପରିକଳ୍ପନା ସିଦ୍ଧ ହୋଇପାରିବ। ଆମକୁ ଏହା ଭାବିବାକୁ ପଡିବ ଯେ ଆମେ କେଉଁଠି ପହଂଚିଲେ ଏବଂ କେଉଁ ପର୍ଯ୍ୟନ୍ତ ଯିବାର ଲକ୍ଷ୍ୟ ରହିଛି ବୋଲି କହିଛନ୍ତି। ଗୃହମନ୍ତ୍ରୀ ଶ୍ରୀ ଶାହା କେନ୍ଦ୍ର ସରକାରଙ୍କ ମହତ୍ୱପୂର୍ଣ୍ଣ ନିର୍ଣ୍ଣୟ ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଗତ ଅଗଷ୍ଟ ୫ ତାରିଖରେ ପ୍ରଧାନମନ୍ତ୍ରୀ ମନ୍ତ୍ରୀ



ମଣ୍ଡଳର ବୈଠକରେ ଜମ୍ମୁ କାଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଯିବା ନେଇ ନିଷ୍ପତି ନେଇଥିଲେ। ଅଗଷ୍ଟ ୫ରୁ ନେଇ ଆଜି ପର୍ଯ୍ୟନ୍ତ କାଶ୍ମୀରରେ ଗୋଟିଏ ବି ଗୁଳି ଚଳାଇବାକୁ ପଡିନାହିଁ କି ଜଣେ ବି ବ୍ୟକ୍ତିଙ୍କର ମୃତ୍ୟୁ ଘଟିନାହିଁ। କାଶ୍ମୀରରେ ଶାନ୍ତିର ମାହୋଲ ରହିଛି ଏବଂ ଯେ କେହି ସେଠାକୁ ସହଜରେ ଯାଇପାରିବେ। ଗୋଟିଏ ଦେଶ ଗୋଟିଏ ଟ୍ୟାକ୍ସ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଶାହା କହିଥିଲେ ଯେ ଜିଏସଟି ଲାଗୁ କରିବାକୁ ଯେତେବେଳେ ନିଷ୍ପତି ନିଆଗଲା ବହୁ ଲୋକ ଏହା ଉପରେ ଆଲୋଚନା କରୁଥିଲେ। ଆଜି ସେହି ବ୍ୟକ୍ତିମାନେ ଏହାର ପ୍ରଶଂସା କରୁଛନ୍ତି। ୫ ବର୍ଷରେ ବହୁଥର ଏକ ଲକ୍ଷ କୋଟି ରୁ ବି ଅଧିକ ରାଜସ୍ୱ ଆଦାୟ ହୋଇସାରିଛି। ୬୦ ଲକ୍ଷରୁ ୯୫ ଲକ୍ଷ ପର୍ଯ୍ୟନ୍ତ କରଦାତାଙ୍କ ରେଜିଷ୍ଟ୍ରେସନ୍ କରାଯାଇ ଗୋଟିଏ ଦେଶ ଗୋଟିଏ ଟ୍ୟାକ୍ସ ବ୍ୟବସ୍ଥାକୁ ସଫଳ କରାଯାଇପାରିଛି। ସେ ଆହୁରି କହିଥିଲେ ଯେ ଯେତେବେଳେ ସର୍ଜିକାଲ ଷ୍ଟ୍ରାଇକ୍ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଗଲା ସେତେବେଳେ ଏହାର ପ୍ରତ୍ୟେକ ବିନ୍ଦୁ ଉପରେ ଗଭୀର ବିଚାର କରାଗଲା। ଆସେ ସେତେବେଳେ ବି ଦୃଢତାର ସହିତ କହୁଥିଲୁ ଯେ ଦେଶର ସୁରକ୍ଷା ସହିତ ଗୋଟିଏ ଇଂଚ୍ ବି ସାଲିସ୍ କରାଯିବ ନାହିଁ। ଏହିଦୃଢ ନିଶ୍ଚୟ ସହିତ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇଥିଲା। ସେହିପରି ଯେତେବେଳେ ଏୟାର ଷ୍ଟ୍ରାଇକ୍ ହୋଇଥିଲା ଦୁନିଆ ମାନିଲା ଯେ ଏହା ଭାରତର ରକ୍ଷା ନୀତି। ପ୍ୟାରିସ୍ ରେ ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତନ ସମ୍ମିଳନୀରେ ଯେତେବେଳେ ସମସ୍ତେ ବିଫଳ ହୋଇଯାଇଥିଲେ ମଞ୍ଚରୁ କୁହାଯାଉଥିଲା ଯେ ଏହାର ରାସ୍ତା କେବଳ ଭାରତ ଦେଖାଇପାରିବ। ଏହା ଦେଶ ପାଇଁ ଗୌରବର ବିଷୟ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦୁନିଆର ୮ ଟି ଦେଶ ନିଜର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରିଛନ୍ତି। ଏହି ସମ୍ମାନ ମୋଦି କିମ୍ବା ବିଜେପିର ନୁହେଁ ଏ ସମ୍ମାନର ଦେଶର ୧୩୦ କୋଟି ଜନତାଙ୍କର। ଶ୍ରୀ ଶାହା କହିଥିଲେ ଯେ ଭାରତ ୫ ଟ୍ରିଲିୟନ୍ ଡଲାରର ଅର୍ଥ ବ୍ୟବସ୍ଥା ସହିତ ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ହେବାକୁ ଯାଉଛି। ମୋଦି ସରକାର ଉଦୌଗିକ ବିକାଶ ଉପରେ ଗୁରୁତ୍ୱ ଦେବାକୁ ଚାହୁଁଛନ୍ତି। ଆଜି ଷ୍ଟାର୍ଟଅପ୍ ପାଇଁ ସରକାର ଯାହା କରିଛନ୍ତି ତାହା ପୂର୍ବର କୌଣସି ସରକାର କରିନଥିଲେ। ୧୫ ବର୍ଷ ପରେ ଭାରତ ପାଖରେ ମଧ୍ୟ ଗୁଗୁଲ୍ ଓ ଫେସ୍ ବୁକ୍ ଭଳି ଷ୍ଟାଟ୍ ଅପ୍ ଥିବ ବୋଲି ଶ୍ରୀ ଶାହା ଆଶା ପ୍ରକଟ କରିଛନ୍ତି।

# ‘କାଳିଆ’ ଯୋଜନା ହେଉଛି ଧୂଆଁବାଣ: ବିଜେପି

**ଭୁବନେଶ୍ୱର:** କାଳିଆ ଯୋଜନାରେ ଚାଷୀମାନଙ୍କୁ ଦିଆଯାଇଥିବା ଟଙ୍କା ଫେରସ୍ତ ପାଇଁ ରାଜ୍ୟ ସରକାର ଆକ୍ରୋଶମୂଳକ ପଦକ୍ଷେପ ନେଲେ ଆନ୍ଦୋଳନ କରାଯିବା ସହ ଏହା ବିରୁଦ୍ଧରେ କୋର୍ଟକୁ ଯିବୁ ବୋଲି ବିଜେପି ପକ୍ଷରୁ କୁହାଯାଇଛି। ରାଜ୍ୟ ବିଜେପି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କାଳିଆ ଯୋଜନାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ଶାସକ ବିଜେଡି ନିର୍ବାଚନ ଜିତିବା ଓ କ୍ଷମତା ଆପଣେଇବା ପାଇଁ କାଳିଆ ଯୋଜନା ଲାଗୁ କରିଥିଲା। ଦଳୀୟ କର୍ମୀମାନଙ୍କୁ ହିତାଧିକାରୀ ଚିହ୍ନଟ କରି ଏହି ଯୋଜନା ମାଧ୍ୟମରେ ଟଙ୍କା ବଣ୍ଟାଯାଇଥିଲା। ଆଉ ଏବେ ନିର୍ବାଚନ ସରିବା ପରେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଅର୍ଥ ଫେରାଇବା କହି ଚାଷୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିବାକୁ ପ୍ରୟାସ କରୁଛି ଶାସକ ବିଜେଡି। ଯୋଗ୍ୟ ଚାଷୀ ପରିବାର ବି ଆଶଙ୍କା ଭିତରେ ରହିଛି କାଳେ ତାଙ୍କୁ ଅଯୋଗ୍ୟ ଘୋଷଣା କରି ଅର୍ଥ ଆଦାୟ କରାଯିବ ନଚେତ୍ ଜେଲ୍ ପଠାଯିବ। ଖୋଦ୍ ବିଭାଗୀୟ ମନ୍ତ୍ରୀ ଏହି ଯୋଜନାରେ ଦୁର୍ନୀତି ହୋଇଛି ବୋଲି ସ୍ୱୀକାର କରିବା ପରେ ଦଳର ମୁଖପାତ୍ର ଏହାକୁ ନେଇ ଭିନ୍ନ ମତ ରଖି ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ରାଜ୍ୟ ବିଜେପି ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ‘ଯୋଗ୍ୟକୁ ନଦେବା ଅଯୋଗ୍ୟକୁ ଅଯାଚିତ ଭାବରେ ଦେବା’ର ଅନ୍ୟନାମ ହେଉଛି ଓଡିଶା ସରକାରଙ୍କ କାଳିଆ ଯୋଜନା। କାଳିଆ ଯୋଜନା ହେଉଛି ଧୂଆଁବାଣ। ଏହି ଯୋଜନାରେ ହୋଇଥିବା ମହାଘୋଟାଲାର ପର୍ଦ୍ଦାଫାଶ ହେବା ଦରକାର। କାଳିଆ ଯୋଜନାରେ ହିତାଧିକାରୀ ତାଲିକାର ତଦନ୍ତ ଏକ ନିରପେକ୍ଷ ଯାଞ୍ଚ ଏଜେନ୍ସୀ ଦ୍ୱାରା କରିବା ସହ ନିଜ କ୍ଷମତାକୁ ଅପବ୍ୟବହାର କରି ଅଯୋଗ୍ୟ ହିତାଧିକାରୀମାନଙ୍କୁ ଏହି ଯୋଜନାରେ ସାମିଲ କରି ରାଜ୍ୟ ରାଜକୋଷରୁ ୧୭୦ କୋଟି ଟଙ୍କା ଅପବ୍ୟୟ କରିଥିବା ବିଭାଗୀୟ ମନ୍ତ୍ରୀ ଓ ସରକାରୀ ଅଫିସରମାନଙ୍କ ସମେତ ମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀଙ୍କ ଆକାଉଣ୍ଟରୁ ବଳକା ଅର୍ଥ ଆଦାୟ କରାଯାଉ।

# ଓଡିଶାର ସ୍ୱାସ୍ଥ୍ୟସେବାକୁ କେନ୍ଦ୍ରର ପ୍ରଶଂସା

**ଭୁବନେଶ୍ୱର:** ଓଡିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ମାନବ ସମ୍ବଳ (ଏଚଆର) ନୀତି ଅନ୍ୟ ବହୁ ରାଜ୍ୟ ଏପରିକି କେନ୍ଦ୍ରୀୟ ସଂସ୍ଥା ଗୁଡିକ ଠାରୁ ଭଲ। ଏଠାରେ ଚିକିତ୍ସକମାନେ ଅଧିକ ପରିମାଣରେ ପ୍ରୋତ୍ସାହନ ରାଶି ସହିତ ଏମସ ଠାରୁ ଅଧିକ ବେତନ ପାଉଛନ୍ତି। ଉପାନ୍ତ ଅଞ୍ଚଳରେ ନିଯୁକ୍ତ ହେଉଥିବା ଡାକ୍ତରମାନଙ୍କ ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ପ୍ରୋତ୍ସାହନରାଶି ପ୍ରଦାନ କରୁଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ଗୁଡିକର ନୀତିକୁ ନେଇ କେନ୍ଦ୍ର ସରକାର କରିଥିବା ଦୁଇ ଦିନିଆ ସମୀକ୍ଷା ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦା ଉପସ୍ଥାପନ କରିଥିବା ତଥ୍ୟକୁ କେନ୍ଦ୍ରୀୟ କର୍ତ୍ତୃପକ୍ଷ ପ୍ରଶଂସା କରିଛନ୍ତି। ଶ୍ରୀ ମେହେର୍ଦ୍ଦା ଦର୍ଶାଇଛନ୍ତି ଯେ ରାଜ୍ୟରେ ଡାକ୍ତର ଅଭାବ ପୂରଣ ଲାଗି ଦୁଇବର୍ଷ ମଧ୍ୟରେ ରାଜ୍ୟରେ ତିନିଟି ନୂଆ ମେଡିକାଲ କଲେଜ ହୋଇଥିବାବେଳେ ଆଉ ୬ଟି ମେଡିକାଲ କଲେଜ ନିର୍ମାଣ ଅବସ୍ଥାରେ ରହିଛି। ମେଡିକାଲ କାଉନସିଲ ଅଫ୍ ଇଣ୍ଡିଆର ଅନୁମୋଦିତ କଲେଜ ଗୁଡିକରୁ ସୁପର ସ୍ପେଶିଆଲିଷ୍ଟ କରିଥିବା ଡାକ୍ତରମାନଙ୍କୁ ମାସିକ ୩୦ହଜାର ଟଙ୍କାର ପ୍ରୋତ୍ସାହନ ଭତ୍ତା ଦିଆଯାଉଛି। ସେହିପରି ପିଜି କରିଥିବା ଡାକ୍ତରମାନଙ୍କୁ ୨୦ହଜାର ଟଙ୍କା ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା କରିଥିବା ଡାକ୍ତରମାନଙ୍କୁ ୧୦ହଜାର ଟଙ୍କା ଲେଖାଏ ଦିଆଯାଉଛି। ଏହି ଆର୍ଥିକ ପ୍ରୋତ୍ସାହନରାଶି ସେମାନଙ୍କୁ ନିଯୁକ୍ତିର ସ୍ଥାନ ଅନୁଯାୟୀ ମିଳୁଥିବ ରାଶି ବାଦ୍‌ପ୍ରଦାନ କରାଯାଉଛି। ନିକଟ ଅତୀତରେ ରାଜ୍ୟ ସରକାର ପୋଷ୍ଟ ଗ୍ରାଜୁଏଟ ପାଠ୍ୟକ୍ରମରେ ନାମ ଲେଖାଇଥିବା ଡାକ୍ତରମାନେ ରାଜ୍ୟରେ କାମ କରିବାପାଇଁ ଅନେକ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ଯେଉଁ ଡାକ୍ତରମାନେ ପ୍ରି କ୍ଲିନିକାଲ ବିଷୟ ଯଥା ଆନାଟୋମି, ଫିଜିଓଲୋଜି ଏବଂ ବାୟୋକେମେଷ୍ଟ୍ରି ଏବଂ ପାରା କ୍ଲିନିକାଲ ବିଷୟ ଯଥା ଫାର୍ମାକୋଲୋଜି, ଏଫଏମଟି, ପାଥୋଲୋଜି, ମାଇକ୍ରୋବାୟୋଲୋଜି, କମ୍ୟୁନିଟି ମେଡିସିନି ଆଦିରେ ପିଜି କରୁଛନ୍ତି ସେମାନଙ୍କର ମାସିକଭତ୍ତା ୧୮ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଯେଉଁ ଡାକ୍ତରମାନେ କେବିକେ ଅଂଚଳରେ ଥିବା ମେଡିକାଲ କଲେଜରେ କାର୍ଯ୍ୟ କରିବାପାଇଁ ଇଚ୍ଛୁକ ସେମାନଙ୍କୁ ମାସିକ ଏକ ଲକ୍ଷ ୨୫ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଏବଂ ବାରିପଦା, ବାଲେଶ୍ୱର ଭଳି ନୂଆ ମେଡିକାଲ କଲେଜରେ କାର୍ଯ୍ୟ କରିବାପାଇଁ ୩୫ହଜାର ଟଙ୍କାର ପ୍ରୋତ୍ସାହନ ବ୍ୟବସ୍ଥା କରୁଛନ୍ତି। କେବିକେ ଭଳି ପଛୁଆ ଅଂଚଳରେ କାର୍ଯ୍ୟ କରୁଥିବା ଡାକ୍ତରମାନଙ୍କ ପାଇଁ ସେମାନଙ୍କ ମାସିକ ଦରମା ବାଦ୍ ୮୦ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନରାଶି ମଧ୍ୟ ଘୋଷଣା କରାଯାଇଛି। ଡାକ୍ତରମାନଙ୍କ କ୍ଷେତ୍ରରେ ଡିଏସିପି ବ୍ୟବସ୍ଥା ଲାଗୁ କରାଯାଇ ଚାକିରିର ୭ବର୍ଷ/୧୪ବର୍ଷ/୨୧ବର୍ଷ ରେ ତିନିଟି ପଦୋନ୍ନତି ସୁନିଶ୍ଚିତ କରାଯାଇଛି। ସାଧାରଣ ଏମବିବିଏସ୍ ଡାକ୍ତରମାନେ ଭି-୪ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିବାପାଇଁ ୪୦ହଜାର ଟଙ୍କା ଏବଂ ବିଶେଷଜ୍ଞ ଡାକ୍ତରମାନଙ୍କ ପାଇଁ ୮୦ହଜାର ଟଙ୍କାର ମାସିକ ପ୍ରୋତ୍ସାହନ ଭତ୍ତା ଘୋଷଣା କରିଛନ୍ତି। ପ୍ରକାଶ ଥାଉକି ଭି-୪ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବିଶେଷଜ୍ଞ ଡାକ୍ତର ଚାକିରି ଆରମ୍ଭ କଲେ ତାଙ୍କୁ ମାସିକ ୧,୬୨,୮୩୨ ଟଙ୍କା ଏବଂ କୋରାପୁଟ, ବଲାଙ୍ଗିର ଓ ବୁର୍ଲା ଭଳି ମେଡିକାଲ କଲେଜରେ ସହକାରୀ ପ୍ରଫେସର ଭାବେ ଯୋଗଦେଲେ ୧,୫୯,୩୭୬ ଟଙ୍କା ମାସିକ ବେତନ ମିଳୁଛି ଯେଉଁଠିକି ଏମସରେ ଜଣେ ସହକାରୀ ପ୍ରଫେସର ଯୋଗଦେଲେ ମାସିକ ୧,୫୮,୯୧୬ ଟଙ୍କା ପାଉଛନ୍ତି। ରାଜ୍ୟ ସରକାରଙ୍କ ଅଧିନରେ ଥିବା କୋରାପୁଟ, ବଲାଙ୍ଗିର ଏବଂ ଭିମସାର ବୁର୍ଲା ମେଡିକାଲ କଲେଜରେ କ୍ଲିନିକାଲ ପ୍ରଫେସରମାନଙ୍କୁ ମାସିକ ୨,୮୬,୫୦୪ ଏବଂ ପ୍ରି ଓ ପାରା କ୍ଲିନିକାଲ ପ୍ରଫେସରମାନଙ୍କୁ ମାସିକ ୩,୦୬,୫୦୪ ଟଙ୍କା ଦରମା ମିଳୁଥିବାବେଳେ ଏମସ୍ ଭଳି ଅନୁଷ୍ଠାନରେ ପ୍ରଫେସରମାନଙ୍କୁ ମାସିକ ୨,୪୯,୫୦୨ ଟଙ୍କା ଦରମା ମିଳୁଛି। ଓଡିଶା ମେଡିକାଲ ହେଲଥ ସର୍ଭିସ (ଓଏମଏଚଏସ) କ୍ୟାଡର ପୁର୍ନଗଠନ କରାଯାଇଛି ଏବଂ ପେ ବ୍ୟାଣ୍ଡ-୪ ରେ ଥିବା ପଦବୀ ସଂଖ୍ୟା ୩୫ରୁ ୪୩୩କୁ ବୃଦ୍ଧି କରାଯାଇଛି। ଫଳରେ ସେମାନଙ୍କ ପାଇଁ ପଦୋନ୍ନତିର ବ୍ୟାପକ ସୁଯୋଗ ସୃଷ୍ଟି ହୋଇଛି। ଗତ ୩ବର୍ଷ ଭିତରେ ଅନ୍ତତଃ ପକ୍ଷେ ୩୩୩୦ ନୂତନ ପଦବୀ ସୃଷ୍ଟି କରାଯାଇ ପଦବୀ ସଂଖ୍ୟା ୫୩୮୯ରୁ ୮୭୧୯କୁ ବୃଦ୍ଧି ପାଇଛି। ଏଥିରୁ ୫୭୮ ପଦବୀ ପବ୍ଲିକ ହେଲଥ ପଦବୀ ଭାବେ ଚିହ୍ନଟ ହୋଇଛି। ରାଜ୍ୟର ଖାଲିଥିବା ଡାକ୍ତର ପଦବୀ ପୂରଣ କରିବାପାଇଁ ଓଡିଶା ଲୋକସେବା ଆୟୋଗଙ୍କ ମାଧ୍ୟମରେ ନିୟମିତ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବାବେଳେ ପ୍ରତିମାସର ନିର୍ଦ୍ଦିଷ୍ଟ ତାରିଖରେ ସାକ୍ଷାତକାର ମାଧ୍ୟମରେ ଠିକା ଡାକ୍ତର ନିଯୁକ୍ତି ଦିଆଯାଉଛି। କେବିକେ ପ୍ଲସ ଜିଲ୍ଲା ଗୁଡିକରେ କର୍ପସ ପାଣ୍ଠି ଏବଂ ଜିଲ୍ଲା ଖଣିଜ ପାଣ୍ଠି ମାଧ୍ୟମରେ ସହମତି ଭିତିକ ଦରମାରେ ଡାକ୍ତରମାନଙ୍କୁ ନିଯୁକ୍ତି ଦେବାପାଇଁ ବ୍ୟବସ୍ଥା କରାଯାଇଛି।

# ‘୨୦୨୦ ମାର୍ଚ୍ଚ ସୁଦ୍ଧା ପୌରାଞ୍ଚଳର ପ୍ରତ୍ୟେକ ଘରକୁ ପାନୀୟ ଜଳ’

**ଭୁବନେଶ୍ୱର:** ୨୦୨୦ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୧୧୪ଟି ପୌରାଞ୍ଚଳର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ପାଇପ ଲାଇନ୍ ସଂଯୋଗ କରାଯିବ। ଏହା ସହ ସମସ୍ତ ପୌରାଞ୍ଚଳରେ ଏଲ୍‌ଇଡି ଲାଇଟ୍‌ରେ ରାସ୍ତା ଆଲୋକୀକରଣ କାର୍ଯ୍ୟ ମଧ୍ୟ କରାଯିବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି। ଲୋକସେବା ଭବନଠାରେ ଆୟୋଜିତ ବାଲେଶ୍ୱର ଜିଲ୍ଲାର ୪ଟି ପୌରାଞ୍ଚଳର ସମୀକ୍ଷା ଅବସରରେ ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ ବିଦ୍ୟୁତ ଖୁଣ୍ଟ ନଥିଲେ ନୂତନ ଖୁଣ୍ଟ ବସାଯାଇ ଏହି ଆଲୋକୀକରଣ ବ୍ୟବସ୍ଥା କରାଯିବ ଏବଂ ୨୦୧୯ ଡିସେମ୍ବର ୩୧ ତାରିଖ ସୁଦ୍ଧା ଉପରୋକ୍ତ କାର୍ଯ୍ୟ ସମାପ୍ତ କରିବାକୁ ଉଦ୍ୟମ ଜାରି ରହିଛି। ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର, ସୋର ଓ ଜଳେଶ୍ୱର ପୌରପରିଷଦ ଏବଂ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ପାନୀୟ ଜଳଯୋଗାଣ, ଏମ୍‌ସିସି(ମାଇକ୍ରୋ କମ୍ପୋଷ୍ଟିଙ୍ଗ୍ ସେଣ୍ଟର), ସ୍ମାର୍ଟ ପାର୍କ, ଶ୍ମଶାନ ଆଦି ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥିଲା। ସମୀକ୍ଷାରୁ ଜଣାଯାଇଛି ଯେ ନୀଳଗିରିର ସୋନନଦୀରୁ ନୀଳଗିରି ବ୍ଲକ୍ ଓ ଏନ୍‌ଏସିକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥି ପାଇଁ ଏକ ବୃହତ୍ ପ୍ରକଳ୍ପ କରାଯାଇଛି। ଏହା ସହ ଉତ୍ସ ଓ ଷ୍ଟୋରେଜ୍ ଉନ୍ନତିକରଣ ପାଇଁ ଏଷ୍ଟିମେଟ୍ ପ୍ରଦାନ ଓ ନୀଳଗିରିର ଜଗନ୍ନାଥ ମନ୍ଦିରକୁ ବହୁ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ନିକଟରେ ପାନୀୟ ଜଳର ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାଲେଶ୍ୱର ପୌରାଞ୍ଚଳରେ ୨୬୦ କିମି ପାଇପ ଲାଇନ୍ ବିଛାଯିବାକୁ ଲକ୍ଷ୍ୟ ଥିବାବେଳେ ୧୮୩ କିମିର କାର୍ଯ୍ୟ ସରିଛି। ପୁରୁଣା ପାଇପ ସବୁ ବଦଳାଯାଇଛି। ୪ଟି ଜଳଭଣ୍ଡାରର କାର୍ଯ୍ୟ ଡିସେମ୍ବର ସୁଦ୍ଧା ଓ ୨ଟି ଜଳଭଣ୍ଡାର ଫେବୃଆରୀ ୨୦୨୦ ସୁଦ୍ଧା ଶେଷ ହେବ ବୋଲି ବୈଠକରୁ ଜଣାପଡ଼ିଛି। ସୋର ପୌରପରିଷଦରେ ପାଇପ ଲାଇନ୍ ବିଛାଯାଇଛି ଓ ଏଠାରେ ୧୪ଟି ଉତ୍ସ ରହିଥିବାବେଳେ ୨ଟି ଉତ୍ସକୁ ଖୁବ୍ ଶୀଘ୍ର ବିଦ୍ୟୁତ ସଂଯୋଗ କରାଯିବ। ଜଳେଶ୍ୱର ପୌରପରିଷଦର ସୁବର୍ଣ୍ଣରେଖା ନଦୀରୁ ପାନୀୟ ଜଳ ପ୍ରକଳ୍ପ କରିବା ପାଇଁ ବ୍ୟବସ୍ଥା କରାଯିବ। ସୋର ଟାଉନ ହଲ୍‌ର ନବୀକରଣ, ବାଲେଶ୍ୱର ଗାନ୍ଧୀସ୍ମୃତି ଭବନକୁ ଅତ୍ୟାଧୁନିକ ଏବଂ ବ୍ରିଟ୍ କଲ୍ୟାଣ ମଣ୍ଡପର ଉନ୍ନତିକରଣ କରିବାକୁ ମନ୍ତ୍ରୀ କହିଥିଲେ। ୪ଟି ପୌରାଂଚଳକୁ ସ୍ମାର୍ଟ ପାର୍କ ଓ ଶ୍ମଶାନ ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ମାର୍ଟ ପାର୍କ ପାଇଁ ୪ଟି ପୌରାଂଚଳକୁ ୧ କୋଟି ଟଙ୍କା ଯୋଗାଇ ଦିଆଯିବ। ଏହି ସମୀକ୍ଷା ବୈଠକରେ ବିଧାୟକ ଅଶ୍ୱିନୀ ପାତ୍ର, ପର୍ଶୁରାମ ଧଡ଼ା, ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାଶ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ପି.କେ. ଝା, ପୌରପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ଯନ୍ତ୍ରୀମୁଖ୍ୟ ଜନ୍ମେଜୟ ସେଠୀ, ବାଲେଶ୍ୱର ପୌର ପରିଷଦର ନିର୍ବାହୀ ଅଧିକାରୀ ଅମ୍ରିତ ସରକାର, ସୋରୋ ପୌର ପରିଷଦର ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟ, ଜଳେଶ୍ୱର ପୌର ପରିଷଦର ନିର୍ବାହୀ ଅଧିକାରୀ ହୃଷିକେଶ ପାଣି, ନୀଳଗିରି ଏନ୍‌ଏସି ନିର୍ବାହୀ ଅଧିକାରୀ ସୁବାସ ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ବାହୀ ଯନ୍ତ୍ରୀ ପାରେଶ୍ୱର ଜେନା, ପିଡି (ଡୁଡା) ରାମଚନ୍ଦ୍ର ଜେନା, ଟିମ୍ ଲିଡର (ଡୁଡା) ତୁଷାର କାନ୍ତ ରାଜ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ରାଜ୍ୟରେ ଖୋଲିବ ୨୪ଟି ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ: ଆଇନ ମନ୍ତ୍ରୀ

**ଭୁବନେଶ୍ୱର:** ରାଜ୍ୟରେ ଖୁବ୍ ଶୀଘ୍ର ୨୪ଟି ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରାଯିବ ବୋଲି ପଂଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି। ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ସିଭିଲ୍ କୋର୍ଟ ଆଇନ-୧୯୮୪ ଅନୁଯାୟୀ ଉପରୋକ୍ତ କୋର୍ଟଗୁଡ଼ିକ ଜଣେ ଜଣେ ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ ଅଧୀନରେ କାର୍ଯ୍ୟ କରିବ। ଉଲ୍ଲେଖଯୋଗ୍ୟ ଯେ ଏହି କୋର୍ଟଗୁଡ଼ିକ ପକ୍ସୋ ଆକ୍ଟ-୨୦୧୨ (ପ୍ରୋଟେକସନ୍ ଅଫ୍ ଚିଲ୍‌ଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍‌ସେସ୍ ଆକ୍ଟ) ସମ୍ବନ୍ଧିତ ଅପରାଧ ମାମଲାଗୁଡ଼ିକର ବିଚାର କରିବେ। ଏହି କୋର୍ଟଗୁଡ଼ିକ ରାଜ୍ୟର ଅନୁଗୋଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, ବଲାଙ୍ଗୀର, କଟକ, ଢେଙ୍କାନାଳ, ବ୍ରହ୍ମପୁର, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, ଭବାନୀପାଟଣା, କେନ୍ଦ୍ରାପଡ଼ା, କେଉଁଝର, ଖୋର୍ଦ୍ଧା, ଜୟପୁର, ବାରିପଦା, ନବରଙ୍ଗପୁର, ନୟାଗଡ଼, ଫୁଲବାଣୀ, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ମୋଟ ୨୪ଟି ସ୍ଥାନରେ ପ୍ରତିଷ୍ଠା କରାଯିବ ବୋଲି ରାଜ୍ୟ ଆଇନ ବିଭାଗ ପକ୍ଷରୁ ଜଣାପଡ଼ିଛି।

## ନାକ୍ ମାନ୍ୟତା

# ରୋଡ୍ ମ୍ୟାପ୍ ପ୍ରସ୍ତୁତ

**ଭୁବନେଶ୍ୱର:** ରାଜ୍ୟରେ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକ ଯେପରି ଅଧିକରୁ ଅଧିକ୍ ନାକ୍ ମାନ୍ୟତା ପାଇବେ ସେ ଦିଗରେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଉଛି। ଏଥିସହିତ ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପକ ମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ନିୟମିତ ଭାବେ ରିଫ୍ରେସର କୋର୍ସକୁ ଗୁରୁତ୍ୱ ଦିଆଯାଉଛି ବୋଲି କୃଷି ଓ କୃକେ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ପୁସ୍ତକ ଭବନଠାରେ ଆୟୋଜିତ ବିଶ୍ୱ ବିଦ୍ୟାଳୟ ମାନଙ୍କର ଉଚ୍ଚ ପଦାଧିକାରୀ ସ୍ତରୀୟ ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ସାହୁ ଶିକ୍ଷାନୁଷ୍ଠାନର ମାନବସମ୍ବଳ ବିକାଶ କେନ୍ଦ୍ର ଗୁଡ଼ିକର କାର୍ଯ୍ୟକାରତା, ପରିଚାଳନା ଓ ନାକ୍ ମାନ୍ୟତା ସମ୍ବନ୍ଧରେ ସମୀକ୍ଷା କରିବା ଅବସରରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ଅଧ୍ୟାପକ ମାନଙ୍କ ନିୟମିତ ପ୍ରଶିକ୍ଷଣ ଆବଶ୍ୟକ ବୋଲି କହିଥିଲେ। ଏଥିନିମନ୍ତେ ଏକ କ୍ୟାଲେଣ୍ଡ ପ୍ରସ୍ତୁତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କଲେଜ ଉନ୍ନୟନ ପରିଷଦ ଓ ଇଣ୍ଟରନାଲ୍ କ୍ୱାଲିଟି ଆସୁରାନ୍ସ ସେଲ୍ ବାବଦରେ ସମୀକ୍ଷା କରି କହିଲେ ଯେ ନାକ୍ ମାନ୍ୟତା ପାଇବା ଦିଗରେ ଇଣ୍ଟରନାଲ କ୍ୱାଲିଟି ଆସୁରାନ୍ସ ସେଲ୍ ବାବଦରେସମୀକ୍ଷା କରି କହିଲେ ଯେ ନାକ୍ ମାନ୍ୟତା ପାଇବା ଦିଗରେ ଇଣ୍ଟରନାଲ୍ କ୍ୱାଲିଟି ଆସୁରାନ୍ସ ସେଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଏହାକୁ ଅଧିକ କ୍ରିୟାଶୀଳ ଓ ସୁଦୃଢ଼ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି। ମହାବିଦ୍ୟାଳୟମାନେ ନାକ୍ ମାନ୍ୟତା ପାଇବା ଦିଗରେ ଅନୁବନ୍ଧିତ ବିଶ୍ୱ ବିଦ୍ୟାଳୟ ଗୁଡ଼ିକର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ୫-ଟି’କୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ସହିତ ଇ-ଗଭର୍ଣ୍ଣାନ୍ସ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରି ଉଚ୍ଚଶିକ୍ଷାକୁ ଏକ ଉଚ୍ଚସ୍ତରକୁ ନେବା ପାଇଁ ମନ୍ତ୍ରୀ କହିଥିଲେ। ଏଥିସହିତ ନାକ୍ ମାନ୍ୟତା ପାଇବା ଦିଗରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାସ୍ୱତ ମିଶ୍ର, ବିଶ୍ୱବ୍ୟାଙ୍କ ପ୍ରକଳ୍ପ ନିର୍ଦ୍ଦେଶକ ପରମେଶ୍ୱରନ୍ ବି, ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଏବଂ ପ୍ରଫେସର ସସ୍ମିତ ପାଣି ପ୍ରମୁଖ ନାକ୍ ମାନ୍ୟତା ଓ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ପୂର୍ବରୁ ନାକ୍ ପକ୍ଷରୁ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଦେଇଥିବା ସୁପାରିଶ ଗୁଡ଼ିକର ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ନାକ୍ ମାନ୍ୟତା ପାଇବା ନିମନ୍ତେ ଏକ ତୃତୀୟ ପକ୍ଷ ଦ୍ୱାରା ଏହାର ନିର୍ଦ୍ଧାରଣ କରାଯାଉଛି। ନାକ୍ ପକ୍ଷରୁ ଓଡ଼ିଶା ସମ୍ବନ୍ଧୀୟ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ କରାଯିବ ଯଦ୍ୱାରା ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକ ନିମନେ୍ ନାକ୍ ମାନ୍ୟତା ପାଇବା ଦିଗରେ ଏକ ମାର୍ଗଦର୍ଶିକା ଭାବେ କାର୍ଯ୍ୟ କରିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ ଉତ୍କଳ ବିଶ୍ୱ ବିଦ୍ୟାଳୟ, ବ୍ରହ୍ମପୁର, ସମ୍ବଲପୁର, ଫକୀରମୋହନ, ଉତର ଓଡ଼ିଶା, ରେଭେନ୍ସା, ଖଲିକୋଟ, ଗଙ୍ଗାଧର ମେହେର ଓ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ, ଶିକ୍ଷା ଓ ଅନୁସନ୍ଧାନ ଏବଂ କିଟ୍ ବିଶ୍ୱ ବିଦ୍ୟାଳୟ ସମେତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ରାଜଧାନୀ କଲେଜ୍, ଭୁବନେଶ୍ୱରର ପଦାଧିକାରୀମାନେ ଯୋଗଦେଇଥିଲେ।

# କଲ୍ୟାଣକାରୀ ଯୋଜନା ଶ୍ରମିକମାନଙ୍କ ପାଖରେ ପହଞ୍ଚିବ: ପ୍ରମୁଖ ଶାସନ ସଚିବ

**ଭୁବନେଶ୍ୱର:** ଖାରବେଳ ଭବନରେ ଥିବା ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗର ସମ୍ମିଳନୀ କକ୍ଷରେ ଉକ୍ତ ବିଭାଗ ଅଧୀନରେ ଥିବା ବିଭିନ୍ନ ନିର୍ଦ୍ଦେଶାଳୟ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନାର ଏକ ସମୀକ୍ଷା ବୈଠକ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ଓଡ଼ିଶା ଅଣସଂଗଠିତ ସାମାଜିକ ସୁରକ୍ଷା ବୋର୍ଡ ଦ୍ୱାରା ଅଣସଂଗଠିତ ଶ୍ରମିକମାନଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା କଲ୍ୟାଣକାରୀ ଯୋଜନା, ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଏବଂ ଶିଳ୍ପରେ ନିରାପତା ବଜାୟ ରଖିବା କାର୍ଯ୍ୟ ଇତ୍ୟାଦିରେ ସ୍ୱଚ୍ଛତା ଅବଲମ୍ବନ କରି ଉନ୍ନତ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସଂପାଦନ କରି ସଂଗଠିତ ଓ ଅଣସଂଗଠିତ ଶ୍ରମିକମାନଙ୍କ ପାଖରେ ପହଂଚାଇବା ପାଇଁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିଷ୍ଠାର ସହିତ କାର୍ଯ୍ୟକରିବା ପାଇଁ ବିଭାଗୀୟ ପ୍ରମୁଖ ସଚିବ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଥିଲେ। ବିଶେଷ କରି, ନିକଟରେ ରାଜ୍ୟ ସରକାର ରାଜ୍ୟରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଅଣସଂଗଠିତ ଶ୍ରମିକମାନଙ୍କ ସାମାଜିକ କଲ୍ୟାଣକୁ ଆଖି ଆଗରେ ରଖି ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ନିୟମାବଳୀ, ୨୦୧୦କୁ ସଂଶୋଧନ କରି ୨୦୧୯ ଅଗଷ୍ଟ ୬ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି ସଂଶୋଧନ ଫଳରେ ହିତାଧିକାରୀଙ୍କ ପଞ୍ଜୀକରଣ ଦେୟ ବାବଦରେ ୩୦ ଟଙ୍କା ଏବଂ ବାର୍ଷିକ ଦେୟ ୫୦ ଟଙ୍କାକୁ ସଂପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଇଛି। ପଞ୍ଜୀକୃତ ଶ୍ରମିକଙ୍କ ସଦସ୍ୟତା ନବୀକରଣ ଅବଧିକୁ ଏକ ବର୍ଷରୁ ତିନି ବର୍ଷକୁ ବୃଦ୍ଧି କରାଯାଇଛି। ଏହି ସଂଶୋଧିତ ନିୟମାବଳୀର ସଂପର୍କରେ ବ୍ୟାପକ ସଚେତନତା କରି ଅଣସଂଗଠିତ ଶ୍ରମିକମାନଙ୍କୁ ପଞ୍ଜୀକରଣ କରି ସେମାନଙ୍କୁ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନାରେ ସାମିଲ୍ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଇତି ମଧ୍ୟରେ ଓଡ଼ିଶା ଅଣସଂଗଠିତ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ୬ ଜଣ ମୃତ ହିତାଧିକାରୀଙ୍କ ପରିବାର ବର୍ଗଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୬ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଉକ୍ତ ବୈଠକରେ ଏହି ବିଭାଗର ସମସ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଟିଗିରିଆରେ ପ୍ରତିଷ୍ଠା ହେବ ଆଦର୍ଶ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ର

**ଭୁବନେଶ୍ୱର:** କଟକ ଜିଲ୍ଲା ଟିଗିରିଆଠାରେ ଖୁବ୍‌ଶୀଘ୍ର ଏକ ଆଦର୍ଶ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ର (ମଡେଲ୍ ରୁରାଲ୍ ହେଲ୍‌ଥ ରିସର୍ଚ୍ଚ ୟୁନିଟ୍) କାର୍ଯ୍ୟକ୍ଷମ ହେବ ଏବଂ ନିକଟ ଭବିଷ୍ୟତରେ ଏହାର ଲୋକାର୍ପଣ ହେବ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି। ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସଂପର୍କରେ ଗବେଷଣା କରିବା ଲକ୍ଷ୍ୟରେ ଏହି କେନ୍ଦ୍ରଟି ପ୍ରତିଷ୍ଠା କରାଯାଉଛି। ଗବେଷଣା କେନ୍ଦ୍ରର କୋଠାବାଡ଼ି ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ଏବଂ ଏଥି ନିମନ୍ତେ ଆବଶ୍ୟକୀୟ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଉଛି। ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଏହି କେନ୍ଦ୍ରର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଛି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଅବଗତି ନିମନ୍ତେ ମଡେଲ୍ ରୁରାଲ୍ ହେଲ୍‌ଥ ରିସର୍ଚ୍ଚ ୟୁନିଟ୍‌ରେ ମିଳିବାକୁ ଥିବା ସୁବିଧା ସୁଯୋଗ ସଂପର୍କରେ ବିବରଣୀ ପୁସ୍ତିକା ପ୍ରକାଶ କରିବା ନିମନ୍ତେ ସେ ପ୍ରସ୍ତାବ ଦେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଛନ୍ତି। ଟିଗିରିଆ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତିଭୂମି ସୁଦୃଢ଼ ଓ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଦିଗରେ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚସ୍ତରୀୟ ବୈଠକ ଖୁବ୍ ଶୀଘ୍ର ଆହୂତ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଟିଗିରିଆରେ ସର୍ଭିକାଲ୍ କ୍ୟାନସର ରୋଗର ଆଗୁଆ ନିରୁପଣ ଦିଗରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ନେଇ କହିବା ସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଥିଲେ ଯେ ସଂପ୍ରତି ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ-ରିଜିଓନାଲ୍ ମେଡିକାଲ୍ ରିସର୍ଚ୍ଚ ସେଣ୍ଟର, ଭୁବନେଶ୍ୱର ପକ୍ଷରୁ ଟିଗିରିଆ ଓ ଆଠଗଡ଼ଠାରେ ହେଲ୍‌ଥ ଡେମୋଗ୍ରାଫିକ୍ ସର୍ଭେଲାନ୍ସ ସିଷ୍ଟମ୍ ପ୍ରତିଷ୍ଠା ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଉଛି।

## ତାଳଚେର ସାର କାରଖାନାରେ କୋଇଲା ବାଷ୍ପୀକରଣ ୟୁନିଟ ପ୍ରତିଷ୍ଠା ଲାଗି ଚୁକ୍ତି ସ୍ୱାକ୍ଷରିତ


# ଖର୍ଚ୍ଚ ହେବ ୧୩,୨୭୭ କୋଟି

**ଭୁବନେଶ୍ୱର:** ୟୁରିଆ ଏବଂ ଆମୋନିଆ ଉତ୍ପାଦନ ଲାଗି ତାଳଚେର ସାର କାରଖାନାରେ ଏକ କୋଇଲା ବାଷ୍ପୀକରଣ ୟୁନିଟ ଖୋଲିବା ନେଇ ଆଜି ଦିଲ୍ଲୀରେ ଏକ ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡିଶାର ଅନୁଗୁଳ ଜିଲ୍ଲାରେ ୧୩,୨୭୭ କୋଟି ଟଙ୍କା ନିବେଶ କରାଯାଇ କୋଇଲା ବାଷ୍ପୀକରଣ ପ୍ରଯୁକ୍ତି ଆଧାରରେ ୟୁରିଆ ଓ ଆମୋନିଆ ଉତ୍ପାଦନ କରିବ ଯାହାକି ଭାରତର ବିକାଶ ଯାତ୍ରାରେ ଏକ ନୂତନ କିର୍ତୀମାନ ହେବ। ସେ କହିଲେ, ଅଙ୍ଗାରକ ପରିମାଣ ହ୍ରାସ କରିବା ପାଇଁ ଭାରତ ସିଓପି୨୧ ନିକଟରେ ସମ୍ପୂର୍ଣ୍ଣ ଭାବେ ସଂକଳ୍ପବଦ୍ଧ ଏବଂ କୋଇଲା ବାଷ୍ପୀକରଣ ପ୍ରଯୁକ୍ତି

## ରାଜ୍ୟରେ କୃଷକଙ୍କ ପାଇଁ ୟୁରିଆର ଉପଲବ୍ଧତା ବୃଦ୍ଧି ପାଇବ

## କାରଖାନା ଦ୍ୱାରା ୪,୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

ଜିଏଆଇଏଲ, ଆରସିଏଫ, ସିଆଇଏଲ ଓ ଏଫସିଆଇଏଲର ମିଳିତ ସହଭାଗୀତାରେ ଏହି କାରଖାନା ପ୍ରତିଷ୍ଠା କରାଯିବ। ଏହି କାରଖାନାରୁ ବାର୍ଷିକ ୧.୨୭ ମିଲିୟନ ମେଟ୍ରିକ ଟନ୍ ୟୁରିଆ ଓ ୦.୭୩ ମିଲିୟନ ମେଟ୍ରିକ ଟନ ଆମୋନିଆ ଉତ୍ପାଦିତ ହେବ। ମେସର୍ସ ଉହାନ ଇଞ୍ଜିନିୟରିଂ କୋ ଲିମିଟେଡ ତରଫରୁ ଏହି ପ୍ଲାଣ୍ଟ ପାଇଁ କୋଇଲା ବାଷ୍ପୀକରଣ ପ୍ରଯୁକ୍ତି ପ୍ରଦାନ କରାଯିବ। ଏହି ଅବସରରେ ନିଜର ବକ୍ତବ୍ୟ ରଖି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ ତାଳଚେର ସାର କାରଖାନା ଏ ଦିଗରେ ଏକ ପଦକ୍ଷେପ। ପୂର୍ବ ଭାରତରେ ବନ୍ଦ ହୋଇଯାଇଥିବା ସମସ୍ତ ସାର କାରଖାନାକୁ ପୁଣିଥରେ ଚାଲୁ କରିବା ନେଇ ସରକାର ନିଷ୍ପତି ନେଇଥିବା ସେ ପ୍ରକାଶ କରିଥିଲେ। ପୂର୍ବାଞ୍ଚଳ ଗ୍ୟାସ ଗ୍ରୀଡ ପାଇଁ ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗାର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଏଥିରେ ଗୋରଖପୁର ଓ ବାରାଉନିକୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଖୁବଶୀଘ୍ର ସିନ୍ଦରିକୁ ଅନ୍ତର୍ଭୁକ୍ତ କରାଯିବ। ସାର ଉତ୍ପାଦନ ପାଇଁ ଏହି ପ୍ରକଳ୍ପରେ କୋଇଲା ଓ ପିଟକୋକର ବ୍ୟବହାର କରାଯିବ ବୋଲି ସେ କହିଥିଲେ। ଟିଏଫଏଲକୁ ପ୍ରଦାନ କରାଯାଇଥିବା



ତାଳଚେର ଅଂଚଳର ଉତର ଅର୍ଖପାଳ ଖଣିର ଉତର ଭାଗରୁ ଏହି ପ୍ରକଳ୍ପ ପାଇଁ କୋଇଲା ଅଣାଯିବ ଏବଂ କ୍ୟାପ୍ଟିଭ ଖଣିର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଏହି ପ୍ରକଳ୍ପ ପାଇଁ ପାରାଦୀପ ବିଶୋଧନାଗାରରୁ ପିଟକୋକ ଯୋଗାଇ ଦିଆଯିବ। ପରିବେଶ ଅନୁକୂଳ ପଦ୍ଧତିରେ ରାଜ୍ୟରେ ଉପଲବ୍ଧ ପ୍ରଚୁର କୋଇଲା ଏହି ପ୍ରକଳ୍ପ ପାଇଁ ଉପଯୋଗ କରାଯିବ। ଶ୍ରୀ ପ୍ରଧାନ କହିଲେ ଯେ ସିନଗ୍ୟାସ, ଡିଜେଲ, ମିଥାନଲ ଓ ପେଟ୍ରୋକେମିକାଲ ଭଳି ଉତ୍ପାଦ ପାଇଁ କୋଇଲାର ବ୍ୟବହାର ଏହି ପ୍ରଯୁକ୍ତି ବିଦ୍ୟାର ସଫଳତା ପରେ ବୃଦ୍ଧି ପାଇବ। ଭାରତ ପ୍ରସଙ୍ଗରେ ଏକ ବିରାଟ ପରିବର୍ତ୍ତନ ଆଣିବାରେ ଏହି ପ୍ରକଳ୍ପ ପାଖରେ ସାମର୍ଥ୍ୟ ରହିଛି। ଏହାଫଳରେ ଶକ୍ତି ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ କୋଇଲାକୁ ପରିବେଶର ଶୁଦ୍ଧତା ରଖାଯାଇ ବ୍ୟବହାର କରାଯାଇ ପାରିବ। ଏହାଫଳରେ ୨.୩୮ ଏମଏମଏସସିଏମଡି ପରିମାଣର ପ୍ରାକୃତିକ ଗ୍ୟାସର ଉତ୍ପାଦନ ହୋଇପାରିବ ଏବଂ ଏହାଦ୍ୱାରା ଏଲଏନଜି ଉତ୍ପାଦନ ଦେୟ ହ୍ରାସ ପାଇବ। ରସାୟନ ଓ ସାର ମନ୍ତ୍ରୀ ଶ୍ରୀ ଡିଭି ସଦାନନ୍ଦ ଗୌଡା କହିଲେ ଯେ ଦେଶରେ ଖାଦ୍ୟ ଆବଶ୍ୟକତାକୁ ପୁରଣ କରିବା ପାଇଁ ସାର ବିଶେଷ କରି ୟୁରିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଚାହିଦା ମେଣ୍ଟାଇବା ପାଇଁ ଭାରତ ପ୍ରତିବର୍ଷ ୫୦ରୁ ୭୦ ଲକ୍ଷ ୟୁରିଆ ଉତ୍ପାଦନ କରୁଛି। ଘରୋଇ ଭାବେ ୟୁରିଆର ଉତ୍ପାଦନ ବୃଦ୍ଧି କରିବା ପାଇଁ ଭାରତ ଚେଷ୍ଟା କରୁଛି। ସମ୍ପ୍ରତି ଦେଶରେ ପ୍ରାକୃତିକ ଗ୍ୟାସର ବ୍ୟବହାର କରାଯାଇ ୟୁରିଆ ଉତ୍ପାଦନ କରାଯାଉଛି। ଏଥି ମଧ୍ୟରେ ରହିଛି ଘରୋଇ ପ୍ରାକୃତିକ ବାଷ୍ପ ଓ ଆମଦାନୀ କରାଯାଉଥିବା ଏଲଏନଜି। ଏଲଏନଜିର ଉତ୍ପାଦନ ଅତ୍ୟନ୍ତ ମହଙ୍ଗା ଏବଂ ଏଥିପାଇଁ ଭାରତକୁ ଅନେକ ମୂଲ୍ୟବାନ ବୈଦେଶିକ ମୁଦ୍ରା ବ୍ୟୟ କରିବାକୁ ପଡିଥାଏ। ତେଣୁ ଦେଶରେ ୟୁରିଆ ଓ ଅନ୍ୟାନ୍ୟ ସାରର ଉତ୍ପାଦନ ପାଇଁ ସ୍ୱଦେଶୀ କଂଚାମାଲର ବ୍ୟବହାରକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ସେ କହିଲେ ଯେ ତାଳଚେର ସାର ପ୍ରକଳ୍ପ ଏ ଦିଗରେ ଏକ ପଦକ୍ଷେପ ଯେଉଁଠି ୟୁରିଆ ଉତ୍ପାଦନ ପାଇଁ ସ୍ୱଦେଶୀ କୋଇଲା ଓ ପିଟକୋକର ମିଶ୍ରଣକୁ କଂଚାମାଲ ଭାବେ ବ୍ୟବହାର କରାଯିବ। ଏହି ପ୍ରକଳ୍ପ ଫଳରେ ୟୁରିଆ କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇବ ଏବଂ ଓଡିଶାରେ କୃଷିର ବିକାଶ ହେବ। ଏହାଛଡ଼ା ଦେଶ ତଥା ରାଜ୍ୟର କୃଷକଙ୍କ ପାଇଁ ଯଥେଷ୍ଟ ପରିମାଣର ୟୁରିଆ ଉପଲବ୍ଧ ହୋଇପାରିବ। ଶ୍ରୀ ଗୌଡା କହିଥିଲେ ଯେ ‘ମେକ ଇନ ଇଣ୍ଡିଆ’ ଅନ୍ତର୍ଗତ ଏହି ପଦକ୍ଷେପ ଭାରତକୁ ୟୁରିଆ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବ ଏବଂ ଏଥିସହିତ ୪,୫୦୦ ପରୋକ୍ଷ ଓ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।



ନିଜ ସୁଖ ପାଇଁ କରାଯାଇଥିବା କର୍ମ ସୀମିତ ସୁଖ ଦେଇଥାଏ; କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



# ଦୋଷୀ ଦଣ୍ଡପାଉ

**କୋ**ଡିଏ ହଜାରେ ସରକାରୀ ଚାକିରିଆ, ପେନସନଭୋଗୀ, ୧୨ ହଜାର ବଡଚଷୀ, ୯ ହଜାର ବାଳକ/ବାଳିକାଙ୍କ ଖାତାକୁ ଯାଇଛି 'କାଳିଆ' ଟଙ୍କା। ନିର୍ବାଚନ ପୂର୍ବରୁ ରାଜ୍ୟର ଲୋକପ୍ରିୟ ସରକାର ଅଧିକ ଲୋକପ୍ରିୟ ହେବାକୁ ଚଷୀଙ୍କ ପାଇଁ ଘୋଷଣା କରିଥିଲେ 'କାଳିଆ' ଯୋଜନା। ତେବେ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟ ହାତେଇବାକୁ ବିଜୁ ଜନତା ଦଳ ସରକାର ତରବରିଆ ଭାବେ ଏଭଳି ଦୂରଦୃଷ୍ଟିହୀନ ଯୋଜନା ମାଧ୍ୟମରେ ଲୋକଙ୍କୁ ଟଙ୍କା ବାଣ୍ଟି ଏବେ ଟଙ୍କା ଫେରସ୍ତ ମାଗିବା କେତେ ଯୁକ୍ତିଯୁକ୍ତ। 'କାଳିଆ'କୁ ନେଇ ସେତେବେଳେ ବିରୋଧୀ ଦଳମାନେ ଯାହା କହୁଥିଲେ ତାହା ଏବେ ସତ ପ୍ରମାଣିତ ହୋଇଛି। ଭିତ୍ତିଭୂମି ନଥାଇ ଉପଯୁକ୍ତ ପଦ୍ଧତିରେ ହିତାଧିକାରୀ ଚୟନ କରାନଯାଇ ଭୋଟ ଗଣିତରେ ପାସ୍ ହେବାକୁ ଏଭଳି ଭୁଲ ଫର୍ମୁଲା ଆପଣାଇ ଏବେ ହରଡଘଣାରେ ପଡିଛନ୍ତି ରାଜ୍ୟ ସରକାର। ଯେଉଁ କାର୍ଯ୍ୟ ଯୋଜନା ଲାଗୁହେବା ପୂର୍ବରୁ ହେବା କଥା ତାହା ଏବେ ପରବର୍ତ୍ତୀ ସମୟରେ କରାଯିବାରୁ ଅଯୋଗ୍ୟଙ୍କ ସଂଖ୍ୟା ବଢ଼ିଚାଲିଛି। ସେତେବେଳେ ରାଜ୍ୟ ସରକାର ଚଷୀଙ୍କ ପାଇଁ ସ୍ୱତନ୍ତ୍ର କୃଷିଭିତ୍ତିକ ଯୋଜନା ଭାବେ 'କାଳିଆ' ଯୋଜନାକୁ ପ୍ରଣୟନ କରିଥିଲେ। ଏହାର ରୂପରେଖ ଯାହା ହୋଇଥାଉନା କାହିଁକି 'କାଳିଆ' ସମ୍ପର୍କିତ ପ୍ରଚାର ପ୍ରସାର ଏଭଳି ହେଲା ଯେ, ଓଡ଼ିଶାର ଜନସାଧାରଣ 'କାଳିଆ'କୁ ନେଇ ଉତ୍‌ଫୁଲିତ ହୋଇଉଠିଲେ। ଏବେ 'କାଳିଆ' ମୋହରେ ପଡିଥିବା ଲୋକମାନେ ଟଙ୍କା ଫେରସ୍ତ କଥା ଶୁଣି ମୁଣ୍ଡରେ ହାତଦେଇ ବସିଲେଣି। ଯେଉଁ ଯୋଜନା ଲୋଭରେ ପଡି ବିଜେଡିକୁ ଭୋଟ ଦେଇଚାଲିଲେ ସେ ଲୋଭ ଆଜି ସେମାନଙ୍କ ପାଇଁ କାଳ ହେଲାଣି। ୩ଲକ୍ଷ ପରିବାରର ଏକାଧିକ ଲୋକ 'କାଳିଆ' ଯୋଜନାର ଅର୍ଥ ପାଇଛନ୍ତି। ବର୍ତ୍ତମାନ ସମସ୍ତ ଅଯୋଗ୍ୟ ହିତାଧିକାରୀଙ୍କ ନିକଟରୁ ସରକାର ଟଙ୍କା ଆଦାୟ କରିବେ। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପରିସଂଖ୍ୟାନ କହୁଛି ୩.୪୨ଲକ୍ଷ ଚଷୀ ଅଯୋଗ୍ୟ ହୋଇଥିଲେ ସୁଦ୍ଧା 'କାଳିଆ' ଟଙ୍କା ଖାଇଛନ୍ତି। ତେବେ ପ୍ରଶ୍ନ ଉଠୁଛି ଯେଉଁମାନେ ଚଷୀ ବା ହିତାଧିକାରୀ ସେମାନଙ୍କ ବଦଳରେ ଅଯୋଗ୍ୟ ଚଷୀ ଓ ହିତାଧିକାରୀଙ୍କୁ ଯୋଜନା ସହ ସାମିଲ କଲା କିଏ। କେଉଁମାନେ ଏହି ଯାଞ୍ଚ ପ୍ରକ୍ରିୟାରେ ସାମିଲ ରହିଥିଲେ। ପ୍ରଥମ ପର୍ଯ୍ୟାୟ 'କାଳିଆ' ଯୋଜନା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ପାଇଁ ରାଜ୍ୟ ସରକାରଙ୍କୁ ତାଲିକା ମଗା ଯାଇଥିଲା। ହେଲେ ସେତେବେଳେ 'କାଳିଆ'ର ଶକ୍ତି ଅଧିକ କହି ରାଜ୍ୟ ସରକାର ପିଏମ୍-କିଷାନ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପଛଘୁଞ୍ଚା ଦେଇଥିଲେ। ଏହାର ଏକମାତ୍ର କାରଣ ଭାବେ ଯାହା ଜଣାପଡିଲା କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ ହେଲେ ରାଜ୍ୟର 'କାଳିଆ' ଯୋଜନା ଫିକା ପଡିବ ଓ ଭୋଟ ବିଜେପି ଖାତାକୁ ପଳାଇବ। ତେଣୁ ଅତ୍ୟନ୍ତ ତରବରିଆ ଭାବେ 'କାଳିଆ' ଟଙ୍କା ଲୋକଙ୍କ ଖାତାରେ କିଭଳି ଶୀଘ୍ର ପହଞ୍ଚିବ ଓ ସେମାନେ ଶଙ୍ଖ ସରକାର ସପକ୍ଷରେ ମତ ଦେବାକୁ ମନ ବଳାଇବେ ଏହାହିଁ ଥିଲା ଅସଲ କଥା। ୨ମାସ ଯାଞ୍ଚ ପରେ କୃଷି ବିଭାଗ ଯେଉଁ ତଥ୍ୟ ପ୍ରଦାନ କରିଛି ତାହା ହେଉଛି ଅଯୋଗ୍ୟ ହିତାଧିକାରୀଙ୍କ ନିକଟରୁ ଟଙ୍କା ରାଜକୋଷକୁ ଫେରାଇ ଅଣାଯିବ। ବର୍ତ୍ତମାନ ପ୍ରସଙ୍ଗ ହେଉଛି ଭୋଟ ପୂର୍ବରୁ ଯେଉଁମାନେ ଯୋଗ୍ୟ ହିତାଧିକାରୀ ଥିଲେ ଭୋଟ ପରେ ସେମାନେ ଅଯୋଗ୍ୟ ହେଲେ କିପରି। ସେମାନଙ୍କୁ ଯୋଗ୍ୟ କରିଥିଲା କିଏ ଓ ଏବେ ଅଯୋଗ୍ୟ ଘୋଷଣା କଲା କିଏ। ଯେଉଁ ଅଧିକାରୀମାନଙ୍କ ଯୋଗୁ ଏଭଳି ସମସ୍ୟା ଉପୁଜିଛି ଓ ରାଜକୋଷ ଖାଲି ହୋଇଛି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ସରକାର ଘୋଷଣା କରିନାହାନ୍ତି। କେବଳ ଯୋଜନା ଅର୍ଥ ପାଇଥିବା ଲୋକଙ୍କ ନିକଟରୁ ଏହା କିପରି ଫେରସ୍ତ ଆସିବ ସେହି ଚିନ୍ତାରେ ସବୁପ୍ରକାର କାର୍ଯ୍ୟପନ୍ଥା ଅବଲମ୍ବନ କରାଯାଉଛି।

ସମ୍ପାଦକୀୟ
ତାରକ ମହାନ୍ତି



'କାଳିଅ' ଯୋଜନାର ଅର୍ଥ ବାସ୍ତବରେ ରାଜ୍ୟର ଚଷୀଙ୍କ ପାଇଁ ସହାୟତା ରାଶି ଥିଲା ନା' ସରକାରୀ ଋଣ ? ଯଦି ସରକାର ଋଣ ପ୍ରଦାନ ଭଳି ଲୋକଙ୍କୁ ଏହି ଅର୍ଥ ଦେଇଥିଲେ ଓ ଏବେ ଫେରସ୍ତ ଚାହୁଁଛନ୍ତି ସେଥିରେ ବିଶେଷ କିଛି ସମସ୍ୟା ବା ଚିନ୍ତା କରିବାର କାରଣ ନାହିଁ। କିନ୍ତୁ ଭୋଟ ଲୋଭରେ ଯଦି ସରକାର ଏହି ଯୋଜନା ଲାଗୁ କରି ପରେ ଏହାକୁ ଫେରାଇବାର ଚିନ୍ତା କରୁଛନ୍ତି ତାହା ତେବେ ସରକାରଙ୍କ ଭୁଲ। ଲୋକ ଜୋରଜବରଦସ୍ତ ଆସି ସରକାରୀ ତହବିଲରେ ହାତ ପୁରାଇ ଟଙ୍କା ନେଇ ଯାଇ ନଥିଲେ। ସରକାର ନିଜ ତରଫରୁ ତାଙ୍କ ଖାତାରେ ଟଙ୍କା ଭର୍ତ୍ତି କରିଥିଲେ। ତେବେ ଦାନ ଦେବା ପଦାର୍ଥ ଫେରସ୍ତ ଆଣିବା କେତେ ନ୍ୟାୟୋଚିତ। ସାଧାରଣ ଲୋକଙ୍କ କହିବାର କଥା ହେଉଛି ସରକାର ଆମକୁ ଉପଯୁକ୍ତ ମନେ କରି ଏହି ସହାୟତା ପ୍ରଦାନ କରିଥିଲେ। ଏଥିରେ ଆମର ଦୋଷ ରହିଲା କେଉଁଠି। ଯେଉଁ ରାଜ୍ୟରେ ଫସଲହାନୀ ଯୋଗୁ ଚଷୀ ଆତ୍ମହତ୍ୟା ସଂଖ୍ୟା ବଢୁଛି ଓ ଚଷୀ ବିଷ ପିଉଛି ସେଭଳି ପରିସ୍ଥିତିରେ ଚଷୀଙ୍କୁ ସହାୟତା ଦେଇ ଫେରସ୍ତ ମାଗିବା ଆଇନ ସଙ୍ଗତ କି ? ଦୀର୍ଘବର୍ଷର ଶାସନ କ୍ଷମତାରେ ରହିଥିବା ରାଜ୍ୟର ବର୍ତ୍ତମାନର ସରକାର ଏତେବର୍ଷ ଭିତରେ ଆମ ରାଜ୍ୟରେ କେତେ ସଂଖ୍ୟକ ଗରିବ ଚଷୀ ବା ଭାଗଚଷୀ ରହିଛନ୍ତି ତାହାର ତାଲିକା ପ୍ରସ୍ତୁତ କରିବା ବା ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାରେ ସମର୍ଥ ହେଲାନି କାହିଁକି ? ଏହି ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀଗଣ ଏବଂ ଜିଲ୍ଲା ସ୍ତରରେ କ୍ଷେତ୍ର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ଏଥିପାଇଁ ଦାୟୀ ନୁହଁନ୍ତି କି ? ଯେଉଁ ଅଧିକାରୀଙ୍କ ଯୋଗୁ ରାଜକୋଷ ଲୁଟ୍ ହେଲା ଭଳି କାର୍ଯ୍ୟ ହୋଇଛି ସେମାନଙ୍କ ଠାରୁ ଏହି ଟଙ୍କା ଆଦାୟ କରିବା ଯଥାର୍ଥ ହେବ। ଅନ୍ୟର ତ୍ରୁଟି ପାଇଁ ଲୋକେ କାହିଁକି କ୍ଷତି ସହିବେ। ବର୍ତ୍ତମାନ ପରିସ୍ଥିତିରେ ନିଯୁକ୍ତି ନାହିଁ, ରୋଜଗାର ସୁଯୋଗ ନାହିଁ, କୃଷି ପାଇଁ ସୁବିଧା ସୁଯୋଗ ନଥିବା ସ୍ଥଳେ ଲୋକେ ଜୀବନ ଜୀବିକାକୁ ନେଇ ଅସନ୍ତୁଷ୍ଟ ରହିଥିଲା ବେଳେ 'କାଳିଆ' ଟଙ୍କା ଫେରସ୍ତ ଦେବେ କେମିତି। କୋଇଲାର ଅନ୍ୟାନ୍ୟ ଖଣିଜ ପଦାର୍ଥ ଲୁଟ୍ ଯୋଗୁ ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କା ରାଜସ୍ୱ ହରାଇ ସେମାନଙ୍କ ବିରୋଧରେ ସେଭଳି କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉନଥିବା ବେଳେ 'କାଳିଆ' ଟଙ୍କା ଖାଇଥିବା ଲୋକଙ୍କ ପଛରେ କାହିଁକି ପଡିଛନ୍ତି ସରକାର। ନା' ଯା ପଛରେ ଆଉକିଛି ଗୋପନ ଷଡଯନ୍ତ୍ର ରହିଛି ! ଯେଉଁ ସରକାରୀ ଚାକିରିଆ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ, ପେନସନଭୋଗୀ ଏହି ଯୋଜନାର ଅର୍ଥ ନେଇଛନ୍ତି ସେମାନଙ୍କ ନିକଟରୁ ନେଇଥିବା ଅର୍ଥର ଦୁଇଗୁଣ ଆଦାୟ କରାଯିବା ଦରକାର। କାରଣ ଗୋଟିଏ ପଟରେ ସରକାରଙ୍କୁ ସେବା ଯୋଗାଇ ସେମାନେ ସମସ୍ତ ପ୍ରକାର ସୁବିଧା ସୁଯୋଗ ହାସଲ କରି, ଅର୍ଥାତ୍ ଆର୍ଥିକ ଦୃଷ୍ଟିକୋଣରୁ ସବଳ ଥାଇ ରାଜକୋଷକୁ ଲୁଟ୍ କରିବା ପାଇଁ ସାହସ ଜୁଟାଇଲେ କିପରି ? ଏମାନଙ୍କୁ ଯେଉଁ ସରକାରୀ ଅଧିକାରୀମାନେ ସହଯୋଗ କରିଥିଲେ ସେମାନଙ୍କୁ ବନ୍ଧାଯାଉ। ସେମିତି ହୋଇପାରିଲେ ଆଇନ ଠିକ୍ ବାଟରେ କାର୍ଯ୍ୟ କରୁଛି ବୋଲି ପ୍ରମାଣିତ ହୋଇପାରିବ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମରଣକାଳେ ଜ୍ଞାନୋଦୟ



ସୌମେନ୍ଦ୍ର ଜେନା

ଜାମ୍ମୁ କାଶ୍ମୀରରୁ ଧାରା ୩୭୦ ଏବଂ ୩୫-ଏ ଉଠିବା ପରେ ଭାରତର କ୍ରିୟାରେ ପାକ୍‌ରେ ପ୍ରବଳ ପ୍ରତିକ୍ରିୟା ଦେଖାଦେଇଛି । ପାକ୍ ପ୍ରଧାନମନ୍ତ୍ରୀ ଅତି ପ୍ରତିକ୍ରିୟାଶୀଳ ହୋଇ ଭାରତ ସହ ବାଣିଜ୍ୟିକ, କୂଟନୀତିକ ସାଂସ୍କୃତିକ ସଂପର୍କ ତୁଟାଇବାକୁ ଘୋଷଣା କରିବା ପରେ ପାକ୍‌ରେ ଥିବା ଭାରତର କୂଟନୀତିକ କାର୍ଯ୍ୟାଳୟ ବନ୍ଦ ହୋଇଯାଇଛି । ଅଧିକାରୀ ଏବଂ ସେମାନଙ୍କ ପରିବାର ବର୍ଗ ଭାରତକୁ ଫେରି ଆସିଛନ୍ତି । ବାଣିଜ୍ୟିକ ପଥଗୁଡିକ ବନ୍ଦ ହୋଇଯାଇଛି । ସମଝୌତା ଓ ଥର ଏକ୍ସପ୍ରେସର ଚଳାଚଳ ବାତିଲ କରାଯାଇଛି । ଲାହୋର ସହ ଭାରତର ବସ ସେବାକୁ ବନ୍ଦ କରିଦିଆଯାଇଛି । ଯାହାଫଳରେ ପାକିସ୍ତାନରେ ଟମାଟୋ କିଲୋ ତିନିଶହ ଟଙ୍କା ଏବଂ ମାଂସ କିଲୋ ଏକହଜାର ପାର କରିଗଲାଣି । ଆର୍ଥିକ ଚପରେ ଥିବା ପାକିସ୍ତାନ ଉପରେ ଏସବୁ ବେଡି ଉପରେ କୋରଡାମାଡ ସଦୃଶ ହୋଇଛି । କିନ୍ତୁ ନିଜର ମିଛ ଅହଂକାରକୁ ପ୍ରଦର୍ଶିତ କରି ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଯେଉଁ ପଦକ୍ଷେପ ନେଇଛନ୍ତି ତଦ୍ୱାରା ସେଠାକାର ଷ୍ଟକ୍ ମାର୍କେଟରେ ଲକ୍ଷ ଲକ୍ଷକୋଟି ଟଙ୍କା ବୁଡିଯାଇଛି । ବିଦେଶୀ ପୁଞ୍ଜିନିବେଶକାରୀମାନେ ଦେଶର ଅସ୍ଥିରତାକୁ ଲକ୍ଷ୍ୟ କରି ପ୍ରତିଦିନ ଅଧିକରୁ ଅଧିକ ପୁଞ୍ଜି ହଟାଇ ନେବାରେ ବ୍ୟସ୍ତ । ତେଣେ ସନ୍ତ୍ରାସବାଦୀଙ୍କୁ ପାଣ୍ଠି ଯୋଗାଣର ଅଭିଯୋଗକୁ ସାମନା କରୁଥିବା ପାକିସ୍ତାନ ଆନ୍ତର୍ଜାତିକ ସଂସ୍ଥା ଏଫ୍‌ଏଟିଏଫ୍‌ର କଟକଣା ଭିତରେ ରହିଛି । ଯାହାଫଳରେ ପୃଥିବୀର ବଡ ବଡ ଆର୍ଥିକ ସଂସ୍ଥା କେହି ପାକିସ୍ତାନକୁ ଅର୍ଥ ଯୋଗାଇ ଦେବାକୁ ଚହୁଁନାହାନ୍ତି । ଅନ୍ୟପଟେ ଇସଲାମାବାଦ କର୍ତ୍ତୃପକ୍ଷ ଏହି ସମସ୍ୟାରୁ ବାହାରିବା ଲାଗି ପୂର୍ବରୁ ଆମେରିକା,ସାଉଦି ଆରବ, ଚୀନ, ତୁର୍କୀ ମାଲେସିଆ ଆଦି ଦେଶଗୁଡିକ ସହ ସଂପର୍କରଖି ଆର୍ଥିକ ସହାୟତା ପାଇବାକୁ ସବୁ ପ୍ରକାର ଉଦ୍ୟମ କରିବା ସତ୍ତ୍ୱେ ଚୀନ ଓ ସାଉଦି ଆରବଠାରୁ ଯାହା କିଛି ସହାୟତା ମିଳିବା ସମ୍ଭବପର ହୋଇଛି । କିନ୍ତୁ ସେହି ଅର୍ଥ ଋଣ ଭାରରେ ବୁଡିଥିବା ଦେଶକୁ ମୁକୁଳାଇବା ପାଇଁ ସହଜ ହେଉ ନାହିଁ । ପୁଣି ଭାରତ ସହ ସଂପର୍କ କ୍ଷୁର୍ଣ୍ଣ କରିବାକୁ ଉଦ୍ୟମ ହେତୁ ଆକାଶପଥ ପଥ ବନ୍ଦ ହେବ । ଏଥିରୁ ପାକ୍ ପାଉଥିବା କିଛି ଅର୍ଥ ହରାଇବ ତେଣେ ପାକ୍ ସରକାର ଉପରେ ସେନାବାହିନୀ ପକ୍ଷରୁ ଭାରତ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବାପାଇଁ ପ୍ରବଳ ଚପ ପଡିଲା ପରେ ଇମ୍ରାନ ଖାଁ ଭାରତ ବିରୋଧୀ ଅପପ୍ରଚାର ଚଳାଇଛନ୍ତି ।

ସଂପ୍ରତି ପାକ୍ ପ୍ରଧାନମନ୍ତ୍ରୀ କେବଳ ଯେ ଭାରତ ବିରୋଧରେ ଅପପ୍ରଚାର ଚଳାଇଛନ୍ତି ତା ନୁହେଁ, କେତେକ ପାକ୍ ହ୍ୟାଣ୍ଡଲର, ସାମ୍ବାଦିକ, ଗଣମାଧ୍ୟମ ,ବୁଦ୍ଧିଜୀବୀମାନେ ମଧ୍ୟ ଏହି ବିଷୟକୁ କେନ୍ଦ୍ର କରି ଅନେକ ମିଥ୍ୟା ଖବର ପ୍ରସାର କରିବାରେ ବ୍ୟସ୍ତ । ଆମେରିକାର ସିଏନ୍‌ଏନ, ବ୍ରିଟେନର ବିବିସି, କାତାରର ଅଲଜଜିରା ପରି ଗଣମାଧ୍ୟମରେ କାଶ୍ମୀରୀମାନଙ୍କ ଉପରେ ଗୁଳିଚାଳନା ହେଉଥିବା ନେଇ ମନଗଢା କାହାଣୀ ସବୁ ପ୍ରସାରିତ ହେଉଛି । ଏହା ଦ୍ୱାରା ପାକିସ୍ତାନର ଅଧିକ କିଛି ଯେ ଲାଭ ହେବ ତାହା କୁହାଯାଇପାରିବ ନାହିଁ । କାଶ୍ମୀର ମାମଲାରେ ବାହାର ଦେଶର ହସ୍ତକ୍ଷେପକୁ ସବୁବେଳେ ଭାରତ ବିରୋଧ କରୁଥିବାରୁ ଏଥିରେ କେହି ମୁଣ୍ଡ ଭର୍ତ୍ତି କରି ନିଜ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିବାକୁ ଚହୁଁନାହାନ୍ତି । ମଧ୍ୟପ୍ରାଚ୍ୟର ଦେଶଗୁଡିକ ମଧ୍ୟ ପାକିସ୍ତାନର ନୀତିକୁ ଗ୍ରହଣ କରିପାରୁନାହାନ୍ତି । ଓଲଟା ମଧ୍ୟ ପ୍ରାଚ୍ୟରେ କାର୍ଯ୍ୟରତ ପାକିସ୍ତାନୀ ଡାକ୍ତରମାନଙ୍କୁ ସେହିସବୁ ଦେଶରୁ ବହିଷ୍କୃତ କରାଯିବାପରେ ସେମାନେ ଚାକିରୀ ହରାଇଛନ୍ତି । ବିଦେଶୀ ଋଣଭାରରେ ବୁଡିଥିବା ପାକ୍ ସରକାର ଭାରତ ସହ ପ୍ରତିଯୋଗିତା କରିବା ଲାଗି ଯେପରି ଅଣ୍ଟାଭିଡି ବାହାରିଛନ୍ତି ତାହାକେବଳ ଅଂହକାରକୁ ଦର୍ଶାଉଛି ସିନା ଦୂରଦୃଷ୍ଟିକୁ ନୁହେଁ। ସାଧାରଣ ଲୋକଙ୍କ ସମସ୍ୟା, ଦେଶର ଆର୍ଥିକ ବିକାଶ, ବିଦେଶରେ ଦେଶର ସମ୍ମାନବୃଦ୍ଧି ଓ ଗ୍ରହଣଶୀଳତା ବଢାଇବା ପାଇଁ ପ୍ରୟାସ ନକରି ଏବେ ଯେପରି ଭାରତ ବିରୋଧୀ ନକାରାତ୍ମକ ପ୍ରଚାରରେ ସମସ୍ତେ ଲାଗିଛନ୍ତି, ତଦ୍ୱାରା ପାକ୍ ସରକାରଙ୍କର ସବୁଠୁ ଅଧିକ କ୍ଷତିସାଧନ ହେବ।

ଅତୀତରୁ ଆଜିପର୍ଯ୍ୟନ୍ତ ବିଗତ ଦିନମାନଙ୍କରେ ଦୀର୍ଘ ୪୦ବର୍ଷରୁ ଅଧିକ କାଳ ଧରି ଭାରତର କ୍ଷତିସାଧନ କରିବାକୁ ଚହୁଁଥିବା ପାକିସ୍ତାନ ଛାୟାଯୁଦ୍ଧ ବା ସନ୍ତ୍ରାସବାଦୀଙ୍କ ଦ୍ୱାରା ଅଘୋଷିତ ଯୁଦ୍ଧ କରିବାକୁ ଯୋଜନା କରି ଆଜିଯାଏ କାର୍ଯ୍ୟ କରିଆସିଛି । ୧୯୭୧ରେ ବଙ୍ଗଳାଦେଶ ଯୁଦ୍ଧରେ ପାକର ପରାଜୟ ଓ ନବେ ହଜାରରୁ ଅଧିକ ସେନା ଭାରତ ନିକଟରେ ଆତ୍ମସମର୍ପଣ କରିବା ଘଟଣାର ଲଜ୍ଜାକୁ ଦେଶବାସୀଙ୍କ ଦୃଷ୍ଟିରେ ଧୋଇବାକୁ ପ୍ରୟାସ କରୁଥିବା ସେନା, ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ସାହାଯ୍ୟରେ ଦୀର୍ଘକାଳୀନ ଛାୟା ଯୁଦ୍ଧ ଚଳାଇ ଭାରତର ଆର୍ଥିକ ଓ ସାମରିକ କ୍ଷତିସାଧନ ପାଇଁ ଚେଷ୍ଟା ଚଳାଇଆସିଛି । ବେନଜିରଙ୍କ ପିତା ଜୁଲଫିକର ଅଲ୍ଲି ଭୁଟ୍ଟୋଙ୍କ ସମୟରୁ ଏହି ଲଜ୍ଜାକର ଘଟଣା ପାଇଁ ଭାରତ ଉପରେ ପ୍ରତିଶୋଧ ନେବାକୁ ସ୍ଥିର କରିଥିବା ସେନାଧିକାରୀ ଓ ପରବର୍ତ୍ତୀ କାଳର ଶାସକ ଜେନେରାଲ ଜିଆଉଲ ହକ୍‌ଙ୍କ ସମୟରେ ଅପରେସନ୍ ଟୋପାକ ବୋଲି ଏକ ୧୨କୋଟିର ଯୋଜନା ଆରମ୍ଭ ହୋଇଥିଲା । ଯାହାର ଲକ୍ଷ୍ୟଥିଲା ଖାଲିସ୍ତାନୀ ସନ୍ତ୍ରାସବାଦୀଙ୍କ ମାଧ୍ୟମରେ ପଞ୍ଜାବ ଓ ନୂଆଦିଲ୍ଲୀ ସମେତ ଅନ୍ୟାନ୍ୟ ରାଜ୍ୟମାନଙ୍କରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବୃଦ୍ଧି କରିବା ତେଣୁ ପାକ୍‌ସେନାର ପ୍ରତ୍ୟକ୍ଷ ଯୋଜନାରେ ପ୍ରଶିକ୍ଷଣ ଦିଆଗଲା । ପଞ୍ଜାବ ଓ କାଶ୍ମୀର ପ୍ରଦେଶରେ ଅସ୍ଥିରତା ସୃଷ୍ଟିକରି ହସ୍ତକ୍ଷେପ କରିବାକୁ ପାକ୍ ସେନା ଲକ୍ଷ୍ୟରଖି ଯେଉଁ ସନ୍ତ୍ରାସର କାରଖାନା ସ୍ଥାପନ କଲା ପରେ ସେଥିରୁ ତାଲିବାନ ମୁଜାହିଦ୍ଦୀନ ଏବଂ ଅନ୍ୟାନ୍ୟ ଅନେକ ସଂଗଠନ ନାମରେ ସେମାନେ ଜନ୍ମନେଲେ । ତେଣୁ ପାକିସ୍ତାନ ଆଜିର ବିଶ୍ୱରେ ସବୁଠୁ ବଡ ସନ୍ତ୍ରାସୀ ଯୋଗାଣକାରୀ ରାଷ୍ଟ୍ରର କୁଖ୍ୟାତି ଅର୍ଜନ କରିଛି । ବିଗତ ୪୦ବର୍ଷରେ ଜିହାଦ ବା ଧର୍ମଯୁଦ୍ଧ ନାମରେ ବିଶ୍ୱରେ ଇସ୍ଲାମିକ ଶାସନ ପ୍ରତିଷ୍ଠା ପାଇଁ ପାକ୍‌ର ସମର୍ଥନ ଓ ନୀତି ପ୍ରସ୍ତୁତି ଯୋଗୁ ଏବେ ପାକ୍ କେବଳ ଦେଶ ବିଦେଶରେ ଯେ ନିନ୍ଦିତ ହେଉଛି ତା ନୁହେଁ ବରଂ ନିଜର କୃତକର୍ମର ଫଳ ମହାଭାରତର ଦୁର୍ଯୋଧନ ଭୋଗ କଲାପରି ସନ୍ତ୍ରାସର ଧ୍ୱଂସକାରୀ ହଳାହଳ ପାକ୍‌କୁ ଗ୍ରାସ କରିବାକୁ ବସିଛି ଯାହା ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଏବେ ସ୍ୱୀକାର କରିଛନ୍ତି । ଏହି ସନ୍ତ୍ରାସବାଦପ୍ରୀତି ନୀତି ଯୋଗୁ ପାକ୍‌ରେ କୃଷି, ଉତ୍ପାଦନ, ଶିକ୍ଷା, ବାଣିଜ୍ୟ ଆଦି ସବୁ କ୍ଷେତ୍ରରେ ଅବନତି ଦେଖାଦେଇଛି । ଏକ ଡଲାର ଏବେ ପାକରେ ୧୬୦ଟଙ୍କା ହେଲାଣି । ଇମ୍ରାନ ଖାଁ ଦେଶର ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଯେପରି ସବୁକିଛି ବଦଳାଇ ଦେବେ ବୋଲି କହି ଆସୁଥିଲେ ଏବେ ତାହା କହୁନାହାନ୍ତି । କିନ୍ତୁ ଆମେରିକାରେ କ୍ୟାପିଟାଲ ହିଲ କାର୍ଯ୍ୟକ୍ରମରେ ଯୋଗ ଦେଇ ଇମରାନ୍ ପାକ୍ ସରକାରଙ୍କ ପେଡି ଖୋଲିଦେଇଛନ୍ତି । ପୂର୍ବରୁ ସରକାରମାନେ ସତ୍ୟକୁ ଲୁଚାଇବା ଦ୍ୱାରା କିପରି ଦେଶର କ୍ଷତି ହୋଇଛି ତାହା ମଧ୍ୟ ପ୍ରକାଶ କରିଛନ୍ତି । ଭାରତ-ପାକ୍ ମଧ୍ୟରେ ରାଜନେତାମାନେ ସଂପର୍କ ସୁଦୃଢ କରିବାକୁ ଉଦ୍ୟମ କଲାବେଳେ ତାକୁ ଭଣ୍ଡୁର କରିବାକୁ କିଛି ଘଟଣା ଘଟିଛି । ଏହି ଘଟଣା ପଛରେ ଲୋକ କିଏ ସେ ସଂପର୍କରେ ଇମରାନ କହି ନଥିଲେ ମଧ୍ୟ ସେନା ନେତୃତ୍ୱ ଯେ ଏଥିପାଇଁ ଦାୟୀ ତାହା ପରୋକ୍ଷ ଇଙ୍ଗିତରେ କହିଛନ୍ତି । ଏକଥା ସତ ଯେ କୌଣସି ପାକ୍ ପ୍ରଧାନମନ୍ତ୍ରୀ ଦୁଇଦେଶ ମଧ୍ୟରେ ସଂପର୍କ ସୁଦୃଢ କରିବାଲାଗି ଚିନ୍ତା କଲାବେଳେ ସେନା ଏକ ବଡ ସନ୍ତ୍ରାସବାଦୀ ଘଟଣା ଘଟାଇ ସେହି ଉଦ୍ୟମକୁ ବିଫଳ କରିଥାଏ । ଉରି ଏବଂ ପଠାନକୋଟ୍ ଆକ୍ରମଣ ସେହି ଷଡଯନ୍ତ୍ରର ଅଂଶବିଶେଷ ଥିଲା । ପୁଲୱାମା ଆକ୍ରମଣ ମଧ୍ୟ ଅତୀତର ସେମିତି ଏକ ଷଡଯନ୍ତ୍ର । ପାକ୍ ସେନା ଚହେଁ ଦୁଇଦେଶ ପରସ୍ପରର ଶତ୍ରୁ ହୋଇ ସବୁ ସମୟରେ ଛିଡା ହୋଇଥାନ୍ତୁ । ଏହି ଆଳରେ ବଜେଟରେ ଅଧିକ ଅର୍ଥ ପାକସେନା ନେଇପାରିବ । ସେନା ଅଧିକାରୀମାନେ ଅଧିକ ଅସ୍ତ୍ରଶସ୍ତ୍ର କିଣା ନାମରେ ଅର୍ଥ ହଡପ କରିବେ । ଆଉ ବିଦେଶରେ ନିଜ ପିଲାଙ୍କୁ ରଖାଇ ଏଣେ ଘୂଣ ପୋକପରି ଅର୍ଥନୀତିର ମେରୁଦଣ୍ଡକୁ ଖାଇ ଖାଇ ଖୋଳ ପରି କରିଦେବେ । ସେହି ବିଷୟ ଜେନେରାଲ ଆଜାକିଆଙ୍କଠାରୁ ଆରମ୍ଭ କରି ଏମକ୍ୟୁଏମ୍ ନେତାମାନେ ବାରମ୍ବାର ଅଭିଯୋଗ କରିଆସିଛନ୍ତି । ଏବେ ବିଶ୍ୱ ମୁଦ୍ରା ପାଣ୍ଠି, ବିଦେଶୀ ବ୍ୟାଙ୍କ ଏବଂ ବହୁଦେଶୀୟ କମ୍ପାନୀମାନେ ପାକଠାରୁ ଦୂରେଇ ଯାଉଥିବା ବେଳେ ପାକ୍ ବଜାରରେ ମୂଲ୍ୟବୃଦ୍ଧି ଘଟିଛି । ଦରମା ଦେବାକୁ ସରକାରଙ୍କ ପାଖେ ଅର୍ଥ ନଥିବାରୁ ଅନେକ ଖର୍ଚ୍ଚ କାଟ ହୋଇଛି । ଆମେରିକାର କଟକଣା ଯୋଗୁ ସହାୟତା ଅର୍ଥ ସୁବିଧାରେ ମିଳୁନାହିଁ। ପୁଞ୍ଜିନିବେଶକାରୀ ମାନେ ପାକ୍ ବଜାରକୁ ଯିବାକୁ ଭୟ କରୁଛନ୍ତି । ତେଣୁ ସବୁଆଡୁ ଚପଗ୍ରସ୍ତ ହୋଇ ଇମ୍ରାନ ଏବେ ନିଜ ଦେଶରେ ନିନ୍ଦିତ ଭୂମିକାକୁ ନିଜେ ସ୍ୱୀକାର କରିଛନ୍ତି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଆସିଅଛି ପିତୃପକ୍ଷ କରୁଛି ତର୍ପଣ...



ଅଭୟ କୁମାର ଦାସ

'ଆସିଅଛି ପିତୃପକ୍ଷ କରୁଛି ତର୍ପଣ, ମନ୍ତ୍ରପାଠ ତିଳୋଦକେ କରେ ସମର୍ପଣ । ପିତୃପିତାମହଗଣ ବୈଦିକ ବିଧାନେ, ଦେବଗଣେ ଋଷିଗଣେ ପୂଜେଁ ଜଳଦାନେ ।' ଉତ୍କଳମଣି ଗୋପବନ୍ଧୁ ଦାସ ତାଙ୍କର ପିତୃପକ୍ଷ ତର୍ପଣ ନାମକ କବିତାରେ ମହାଳୟାର ବର୍ଣ୍ଣନା କରି ଏହାକୁ ଲେଖିଛନ୍ତି । ଓଡ଼ିଆ ଚିନ୍ତା ଓ ଚେତନାରେ ମହାଳୟା ହେଉଛି ଏକ ବୈଦିକ ପର୍ବ । ମହାଳୟା ଅମାବାସ୍ୟା ଆଶ୍ୱିନ ଆମାବାସ୍ୟା ପଡ଼ିଥାଏ। ଶ୍ରାଦ୍ଧ ପରି ହିନ୍ଦୁ ଆଚାର ଓ ବିଚାରର ଏକ ମୌଳିକ ଅନୁଷ୍ଠାନ ଏହି କୃଷ୍ଣପକ୍ଷରେ ସମାପିତ ହୋଇଥାଏ । ବ୍ରାହ୍ମଣ ମାନଙ୍କ କ୍ଷେତ୍ରରେ ଏହା ଅତି ନିଷ୍ଠାପର ଭାବେ ପାଳନ କରାଯାଉଥିବାବେଳେ ସାଧାରଣରେ ପରଲୋକଗତ ପୂର୍ବଜଙ୍କୁ ମହାଳୟାରେ ଶ୍ରାଦ୍ଧ ସମର୍ପଣ ହୋଇଥାଏ । ସାଧାରଣ ଜୀବନରେ ଜଣେ ପ୍ରତିଦିନ, ଦାନଧର୍ମ ଓ ତର୍ପଣ କରିବାର ନିୟମ ରହିଛି । ପିତୃମାତୃକୂଳ ତୃପ୍ତ ହେଲେ ସର୍ବ ଦେବତାଙ୍କର ସନ୍ତୋଷ ମିଳିଥାଏ । ଯାହାକୁ ଶାସ୍ତ୍ର ବେଶ୍ ସୁନ୍ଦର ଭାବରେ ଲେଖିଛି - 'ପିତା ଧର୍ମଃ, ପିତା ସ୍ୱର୍ଗଃ ପିତାହି ପରମନ୍ତପଃ, ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ' । ହିନ୍ଦୁ ବିଚାରରେ ଶ୍ରାଦ୍ଧ ତର୍ପଣ ଜରିଆରେ ଜଣେ ତାର ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥାଏ।

ଧର୍ମଶାସ୍ତ୍ରରେ ଲେଖାଅଛି ଶ୍ରାଦ୍ଧ ହିଁ ପିତୃପର୍ବ । 'ଶ୍ରଦ୍ଧୟା ଅନ୍ନାଦେର୍ଦାନମ୍' ଅର୍ଥାତ୍ ଶ୍ରଦ୍ଧାରେ ଯେଉଁ ଅନ୍ନାଦି ଭୋଜ୍ୟ ଦ୍ରବ୍ୟ ଦାନ କରାଯାଏ ତାହାହିଁ ଶ୍ରାଦ୍ଧ। ଧର୍ମଶାସ୍ତ୍ରରେ ମୁଖ୍ୟତଃ ଛୟାନବେ ପ୍ରକାର ଶ୍ରାଦ୍ଧ ପାଳନର ବିଧି ଉଲ୍ଲେଖ ରହିଛି। 'ଅମାଯୁଗମନୁକ୍ରାନ୍ତି ଧୃତିପାତ ମହାଳୟାଃ, ଆନ୍ୱଷ୍ଟକ୍ୟଂ ଚ ପୂର୍ବେଦ୍ୟୁଃ ଷଣ୍ଣବତ୍ୟ ପ୍ରକୀର୍ତ୍ତିତାଃ ।' ଏଥିରୁ ଜଣାଯାଏ ଯେ ହିନ୍ଦୁ ସମାଜରେ ଷୋହଳ ପ୍ରକାର ଅମାବାସ୍ୟା ଶ୍ରାଦ୍ଧ, ଚାରିପ୍ରକାର ଯୁଗ ଶ୍ରାଦ୍ଧ, ଚଉଦ ପ୍ରକାର ମନୁ ଶ୍ରାଦ୍ଧ, ବାର ପ୍ରକାର ସଂକ୍ରାନ୍ତି ଶ୍ରାଦ୍ଧ, ତେର ପ୍ରକାର ଯୋଗ ଶ୍ରାଦ୍ଧ, ଚାରି ପ୍ରକାର ଅଷ୍ଟକା ଶ୍ରାଦ୍ଧ ଓ ଚାରି ପ୍ରକାର ଅନ୍ୱଷ୍ଟକା ଶ୍ରାଦ୍ଧ ଏବଂ ଷୋହଳ ପ୍ରକାର ମହାଳୟ ଶ୍ରାଦ୍ଧ ପ୍ରଚଳିତ ଥିଲା। କେବଳ ପିତୃମାତୃଗଣଙ୍କ ମୃତ୍ୟୁବାର୍ଷିକୀ ବା ମୃତ୍ୟୁ ଦିବସରେ ଶ୍ରାଦ୍ଧ ଦିଆଯାଏ ବୋଲି ସାଧାରଣତଃ ଧାରଣା ରହିଛି। କିନ୍ତୁ ଧର୍ମଶାସ୍ତ୍ରରେ 'ଶ୍ରାଦ୍ଧ' ଶବ୍ଦଟି ଅତୀବ ବ୍ୟାପକ ଅର୍ଥରେ ବ୍ୟବହାର କରାଯାଇଥିବାର ଦେଖାଯାଏ। ତଦନୁଯାୟୀ ଯେ କୌଣସି ଶୁଭଦିନ ବା ଶୁଭକାର୍ଯ୍ୟ ଅନୁଷ୍ଠାନରେ ପିତୃଗଣଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରାଯାଇଥାଏ। ହିନ୍ଦୁ ସମାଜରେ ନିତ୍ୟ, ନୈମିତ୍ତିକ, କାମ୍ୟ, ବୃଦ୍ଧି ଓ ପାର୍ବଣ ଶ୍ରାଦ୍ଧ ନାମରେ ଯେଉଁ ପଞ୍ଚବିଧି ଶ୍ରାଦ୍ଧର ପ୍ରଚଳନ ଅଛି ତନ୍ମଧ୍ୟରେ ମହାଳୟ ଶ୍ରାଦ୍ଧର ଅଧିକ ଆଦର ରହିଛି।

ଆତ୍ମା ବୈଜାୟତେ ପୁତ୍ରଃ - ଅର୍ଥାତ୍ ପୁତ୍ରଠାରେ ହିଁ ପିତାର ଆତ୍ମା ନିହିତ । ପୁତ୍ର ହିଁ ମୁଖ୍ୟତଃ ଶ୍ରାଦ୍ଧର କର୍ତ୍ତା । ପୁତ୍ର ନାମକ ନରକରୁ ଉଦ୍ଧାର କରୁଥିବାରୁ ପୁତ୍ରର ସୃଷ୍ଟି । ପୁତ୍ର ଓ ପୁତ୍ର ସ୍ଥାନୀୟ ପୌତ୍ର ଓ ପ୍ରପୌତ୍ରମାନେ ଶ୍ରାଦ୍ଧ ଅନୁଷ୍ଠାନ ଦ୍ୱାରା ପିତୃଗଣଙ୍କୁ ପରିତୃପ୍ତି କରିଥାନ୍ତି । ଶ୍ରାଦ୍ଧ ଦ୍ୱାରା ହିଁ ସ୍ୱର୍ଗତ ପିତୃଗଣଙ୍କ ଆତ୍ମା ଶାନ୍ତିଲାଭ କରେ। ପିତୃଗଣଙ୍କ ସନ୍ତୋଷରେ ହିଁ ଦେବଗଣ ସନ୍ତୁଷ୍ଟ ହୋଇଥାନ୍ତି । କିନ୍ତୁ ପ୍ରଶ୍ନ ହୁଏ - ଶ୍ରାଦ୍ଧରେ ଅର୍ପିତ ଭୋଜ୍ୟ ବା ଉତ୍ସର୍ଗୀକୃତ ଦ୍ରବ୍ୟ ପ୍ରକୃତରେ ପିତୃଗଣ ଗ୍ରହଣ କରିଥାନ୍ତି କି ? ଏହାର ଉତ୍ତର ସ୍ୱରୂପ ଶାସ୍ତ୍ରରେ କୁହାଯାଇଛି - 'ଯଥା ଗୋଷ୍ଠୁ ପ୍ରନଷ୍ଟାସୁ ବତ୍ସୋ ବିନ୍ଦତି ମାତରମ୍ । ତଥା ଶ୍ରଦ୍ଧେଷୁ ଦତ୍ତାନଂ ମନ୍ତ୍ରଃ ପ୍ରାପୟତେ ତୁ ତମ୍ ।।' ପ୍ରତିପଦ୍‌ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତର୍ପଣ କରିବ। ପରେ ଅମାବାସ୍ୟା ଦିନ ପିଣ୍ଡଦାନ କରାଯାଏ । ସୂର୍ଯ୍ୟ କନ୍ୟା ରାଶିରେ ଥିବା ସମୟରେ ଯେଉଁ ଅମାବାସ୍ୟା ପଡ଼େ ତାହା ମହାଳୟା ଅମାବାସ୍ୟା ନାମରେ କଥିତ। ମହାଳୟା ଅମାବାସ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧକୁ ମହାଳୟ ଶ୍ରାଦ୍ଧ, ସାମ୍ବତ୍ସରିକ ଶ୍ରାଦ୍ଧ ବା ପାର୍ବଣ ଶ୍ରାଦ୍ଧ କୁହାଯାଏ । ଧର୍ମଶାସ୍ତ୍ରରେ ଉଲ୍ଲେଖ ଅନୁସାରେ ଗୟା ତୀର୍ଥ ପିଣ୍ଡଦାନ ଲାଗି ପ୍ରଶସ୍ତ କ୍ଷେତ୍ର । ମହାଳୟା ଦିନ ଗୟା କ୍ଷେତ୍ରରେ ପିଣ୍ଡଦାନ କରାଗଲେ ପିତୃଲୋକ ପରିତୃପ୍ତ ହୁଅନ୍ତି । ଉତ୍କଳୀୟ ପୁରାଣ ଓ ଧର୍ମଶାସ୍ତ୍ରରେ ଯାଜପୁରକୁ 'ନାଭୀ କ୍ଷେତ୍ର' ଓ ଭୁବନେଶ୍ୱରସ୍ଥିତ ସୂକ୍ଷ୍ମେଶ୍ୱର ପୀଠକୁ ପାଦ ପୀଠରୂପେ ବର୍ଣ୍ଣନା କରାଯାଇଛି । ସେହି ଦୃଷ୍ଟିରୁ ଏହି ଦୁଇ ପୀଠରେ ଶତ ଶତ ଉତ୍କଳୀୟ ମହାଳୟା ଦିନ ପିଣ୍ଡଦାନ କରନ୍ତି 'ତତ୍ରଶ୍ରୀ ବିରଜା କ୍ଷେତ୍ରେ ଦେବ୍ୟା ଈଶାନକୋଣତଃ । ଗୟାର୍ନାଭୀ ମହାପୁଣ୍ୟଃ ପିତୃଣାଂ ମୁକ୍ତିଦାୟକଃ ।। ତତ୍ର ପିଣ୍ଡଂ ପ୍ରୟଚ୍ଛନ୍ତି ନରା ଯେ ବୀତକଲ୍ମଷାଃ । ପିତୃନୁଦ୍ଧୃତ୍ୟ ନରକାତ୍ ତେ ବ୍ରଜନ୍ତି ପଦଂ ହରେଃ ।। ମହାଳୟାରେ ଯେଉଁ ଶ୍ରାଦ୍ଧ ତର୍ପଣ କରାଯାଏ ସେଥିରେ ବିଷ୍ଣୋ ଦେବଙ୍କ ଆହ୍ୱାନ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୁଏ । ବିଷ୍ଣୁଙ୍କ ସମ୍ମୁଖରେ ଶ୍ରାଦ୍ଧ ଅର୍ପଣ କରାଯାଉଥିବାରୁ ସ୍ୱୟଂ ବିଷ୍ଣୁ ବିଷ୍ଣୋ ଦେବ ରୂପେ ଶ୍ରାଦ୍ଧସ୍ଥଳରେ ପୂଜିତ ହୁଅନ୍ତି । ମହାଳୟା ପ୍ରତିଟି ଓଡ଼ିଆଙ୍କ ଚିନ୍ତା ଚେତନାରେ ନିଜ ପୂର୍ବଜ, ପୂର୍ବସୁରୀ ମାନଙ୍କ ପ୍ରତି ଶ୍ରଦ୍ଧା ନିବେଦନର ନିରାନନ୍ଦ ସ୍ମରଣୀୟ ଦିବସ ଭାବେ ପରିଚିତ ।

*ଗୋତରା, ମାହାଙ୍ଗା, କଟକ*
*ଦୂରଭାଷ : ୯୪୩୭୧୪୨୭୧୭*

## ସତ୍ତ୍ୱସଂଶୁଦ୍ଧି

**(ପୂର୍ବ ପ୍ରକାଶ ଉତ୍ତାରୁ...)**

ସତ୍ତ୍ୱସଂଶୁଦ୍ଧିରେ ଆଚାର ଶୁଦ୍ଧି ପରେ ଆହାର ଶୁଦ୍ଧିର ମଧ୍ୟ ଆବଶ୍ୟକତା ରହିଛି। ଆମ ପ୍ରଥା ଅନୁସାରେ ସାଧୁ, ସନ୍ଥ, ବ୍ରାହ୍ମଣ ଓ ସାଧକ ବଜାରର ଖାଇବା ଖାଆନ୍ତି ନାହିଁ। କଥାରେ ଅଛି ଯେମିତି ଅନ୍ନ ସେମିତି ମନ। ଭୋଜନ ବନାଉଥିବା ବ୍ୟକ୍ତିର ବିଚାର ଭୋଜନରେ ପ୍ରବେଶ କରିଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। ଗୀତାରେ "ଗୁଣତ୍ରୟ ବିଭାଗ ଯୋଗ" ଓ "ବ୍ରହ୍ମତ୍ରୟ ବିଭାଗ ଯୋଗ"ରେ ଶ୍ରୀକୃଷ୍ଣ ସାତ୍ତ୍ୱିକ, ରାଜସିକ, ତାମସିକ ବୃତ୍ତି ଓ ଆହାର ବିଷୟରେ ବିସ୍ତାର ଭାବେ ଅର୍ଜୁନଙ୍କୁ ବୁଝାଇଛନ୍ତି। ହାତୀ ବିଶାଳକାୟ ଜୀବ ହୋଇଥିଲେ ମଧ୍ୟ ଶାନ୍ତ ଆଚରଣ କରିଥାଏ କାରଣ ସାତ୍ତ୍ୱିକ ଆହାର ଗ୍ରହଣ କରିଥାଏ। ଏହାର ବୀପରିତ ବାଘ ସିଂହ ଆଦି ହିଂସକ ପ୍ରାଣୀ ଅଟନ୍ତି।

ଚିତ୍ତର ଏକାଗ୍ରତା ମନର ନିର୍ମଳତାରେ ହିଁ ବଢ଼ିଥାଏ। ଚିତ୍ତର ଏକାଗ୍ରତା ଦ୍ୱାରା ମନ ବର୍ହିମୁଖ ନ ହୋଇ ଆତ୍ମସ୍ଥ ହୋଇ ପାରିଥାଏ। ଗୀତାରେ ଅର୍ଜୁନ ଭଗବାନଙ୍କୁ ପଚାରିଛନ୍ତି, "ଚଞ୍ଚଳ ହି ମନଃ କୃଷ୍ଣ ପ୍ରମାଥି ବଳବଦ୍ ଦୃଢମ। ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍‌ ।।

ହେ ପ୍ରଭୁ ! ଏ ମନ ଅତ୍ୟନ୍ତ ବଳବାନ ଓ ଚଞ୍ଚଳ ଅଟେ। ଏହାକୁ ବଶ କରିବା ପାଇଁ ଉପାୟ କୁହନ୍ତୁ। ଭଗବାନ କହିଛନ୍ତି ଭାଇ ଧୈର୍ଯ୍ୟର ସହ ଧୀରେ ଧୀରେ ପ୍ରୟାସ କରି ମନକୁ ଆତ୍ମସ୍ଥ କରିବା ପାଇଁ ଚେଷ୍ଟା କର।


ଯୋଗ ବିଶିଷ୍ଟରେ ବଶିଷ୍ଠ କହିଛନ୍ତି ଯେ, ଚାରୋଟି ଉପାୟ ଦ୍ୱାରା ମନକୁ ନିୟନ୍ତ୍ରିତ କରିହେବ। ୧-ଆଧ୍ୟାତ୍ମ ବିଦ୍ୟା ବା ବ୍ରହ୍ମବିଦ୍ୟାର ଜ୍ଞାନ, ୨- ସାଧୁସନ୍ଥଙ୍କ ସଙ୍ଗ, ୩-କାମନା ଓ ବାସନାର ତ୍ୟାଗ, ୪- ପ୍ରାଣାୟାମର ଅଭ୍ୟାସ। କୁଅରୁ ପାଣି କାଢିବା ପାଇଁ ଯେଉଁ ଦଉଡିର ବ୍ୟବହାର ହୋଇଥାଏ ତାହା କୁଅର ପଥରରେ ବାରମ୍ବାର ଘସି ହୋଇ ଗଭୀର ଗାତ ସୃଷ୍ଟି କରିଥାଏ। ସେହିପରି ଯେଉଁ କର୍ମ କରିଥାଉ ତା'ର ଭଲ ଏବଂ ଖରାପ ସଂସ୍କାର ମନରେ ଗଭୀର ଦାଗ ସୃଷ୍ଟି କରିଥାନ୍ତି। ଆମର ସଂସ୍କାର ଅଥବା ବାସନା ଜନ୍ମ ଜନ୍ମାନ୍ତରରୁ ଆମ ସାଥେ ଚାଲିଥାଏ। ଯେବେ ବ୍ୟକ୍ତିକୁ ଉପଭୋଗର ବିଷୟ ଉପଲବ୍ଧ ହୁଏ ଏଗୁଡିକ ଜାଗୃତ ହୋଇଥାନ୍ତି। ବ୍ୟକ୍ତିର ଶରୀର ମୃତ୍ୟୁ ହୋଇଯାଏ ମାତ୍ର ବାସନା, କାମନା ସୂକ୍ଷ୍ମ ଦେହରେ ଜୀବିତ ରହି ଜୀବକୁ ପୁନର୍ଜନ୍ମ ନେବା ପାଇଁ ବାଧ୍ୟ କରିଥାଏ। ଯେମିତ ମଞ୍ଜିକୁ ସେକି ଦେବା ଦ୍ୱାରା ତାର ଅଙ୍କୁରିତ ହେବାର କ୍ଷମତା ରହି ନଥାଏ ସେମିତି ନିୟମିତ ପ୍ରାଣାୟମ କରିବା ଦ୍ୱାରା ବାସନା ଅଙ୍କୁରିତ ହେବାର କ୍ଷମତା ହରାଇଥାଏ। ତେଣୁ ଗୁରୁଙ୍କ ଠାରୁ ପ୍ରାଣାୟାମ ଶିକ୍ଷଣ କରି ପୁରକ-କୁମ୍ଭକ-ରେଚକର ଅଭ୍ୟାସ କରିବା ଉଚିତ। କିଛି ନହୋଇ ପାରିଲେ ସ୍ଥିର ଭାବରେ ବସି ଶ୍ୱାସ, ପ୍ରଶ୍ୱାସ ଉପରେ ଧ୍ୟାନ କେନ୍ଦ୍ରିତ କରି ଶ୍ୱାସ-ପ୍ରଶ୍ୱାସର ଯିବା ଆସିବା ଗତିକୁ ଅନୁଭବ କଲେ ଧୀରେ ଧୀରେ ଇନ୍ଦ୍ରିୟ, ମନ, ବୃଦ୍ଧି ନିୟନ୍ତ୍ରଣରେ ଆସିଥାଏ। ଯଦି ମନ ନିୟନ୍ତ୍ରିତ ହୋଇଯାଏ ତେବେ ସତ୍ତ୍ୱସଂଶୁଦ୍ଧି ସ୍ୱତଃ ହୋଇଯାଉଥାଏ।



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦା**

ଅନୁବାଦ- ଉପାଳୀ ଦାଶ



ସତ୍ତ୍ୱସଂଶୁଦ୍ଧିର ଅନ୍ୟଏକ ଉପାୟ ପ୍ରଭୁ ସ୍ମରଣ। ଭାଗବତରେ କୁହାଯାଇଛି କଳିଯୁଗରେ ଅନେକ ଦୋଷ ରହିଛି। ପରନ୍ତୁ କଳିଯୁଗରେ କେବଳ ନାମ କୀର୍ତ୍ତନରେ ହିଁ ଅନେକ ଲାଭ ହୋଇଥାଏ। ପୁରାଣରେ ଅଛି ସତ୍ୟ ଯୁଗରେ ଭଗବାନଙ୍କ ଧ୍ୟାନ ତ୍ରେତୟାରେ ଯଜ୍ଞ, ଦ୍ୱାପରରେ ପୂଜାର୍ଚ୍ଚନାରେ ଯେଉଁ ଫଳ ମିଳେ କଳିଯୁଗରେ ଭଗବତ ନାମ ସଂକୀର୍ତ୍ତନରେ ସେହି ଫଳ ମିଳେ। ସତ୍ତ୍ୱସଂଶୁଦ୍ଧିର ବାଧକ ଭାବେ ହୃଦୟରେ କେତେ ଗୁଡିଏ କଳୁଷତା ଉତ୍ପନ୍ନ ହୋଇଥାଏ। ୧- ରାଗ କାଳୁଷ୍ୟ: ନିଜ ପାଇଁ ସୁଖର କାମନା ଯଦି ତାହା ପୁରୁଣ ନ ହୁଏ ଦୁଃଖୀ ହୋଇଯିବା। ୨- ଇର୍ଷ କାଳୁଷ୍ୟ: ଅନ୍ୟର ସୁଖ, ସମ୍ପତ୍ତି, ଗୁଣ, ଯଶ, ଦେଖି ମନରେ ମନରେ ଜଳିବା। ୩-ପରୋପକାର ଚୀକୋର୍ଷ କାଳୁଷ୍ୟ: ଅନ୍ୟ ମାନଙ୍କର ଅପମାନ କରିବା ଏବଂ ତା ପାଇଁ ଅପଶବ୍ଦ ପ୍ରୟୋଗ କରିବା। ୪- ଅସୂୟା କାଳୁଷ୍ୟ: ଅନ୍ୟର ଗୁଣରେ ଦୋଷ ଦେଖିବା। ବିଦ୍ୱାନକୁ ମୂର୍ଖ ବୁଝିବା, ସନ୍ଥକୁ ପାଖଣ୍ଡି କହିବା, ସରଳ ହୃଦୟକୁ ଚରିତ୍ରହୀନ କହିବା। ୫-ଦ୍ୱେଷ କାଳୁଷ୍ୟ: ବିନା କାରଣରେ ସନ୍ଦେହ କରିବା ଓ ତା ପ୍ରତି ପ୍ରତିହିଂସା ପରାୟଣ ହୋଇ ସମାଜରେ ତାକୁ ଅପମାନିତ କରିବା।

ଏହିସବୁ କଳୁଷତାରେ ପ୍ରଭାବ ଗ୍ରସ୍ତ ହୃଦୟ ବିକ୍ଷିପ୍ତ ହୋଇଯାଇଥାଏ। ଏହି କଳୁଷତାରୁ ନିଜକୁ ମୁକ୍ତ କରି ଦୋଷ ରହିତ ହେବା ଦ୍ୱାରା ଏକ ଅପୂର୍ବ ଆତ୍ମଶାନ୍ତି ଲାଭ ହୋଇଥାଏ।

କଥାରେ ଅଛି ନିଜେ ବଦଳିଲେ ଦୁନିଆ ବଦଳିବ। ତେଣୁ ନିଜକୁ ଏକ ନିର୍ମଳ ହୃଦୟବାନ ବନାଇବା ପାଇଁ ଆମେ ଚେଷ୍ଟା କରିବା ଉଚିତ। ଆଜିର ସମାଜରେ ବଡ ସମସ୍ୟା ଆସେ ସଂସାରର ସବୁ କର୍ମ କରିବା ପାଇଁ ସମୟ ବାହାର କରିପାରୁଛେ ମାତ୍ର ଆଧ୍ୟାତ୍ମିକ ପୁସ୍ତକ ପଢ଼ିବା, ଜପ ଧ୍ୟାନ କରିବା, ଯୋଗ ପ୍ରାଣାୟାମ ଆଦି କରିବାକୁ ସମୟ ଆମ ପାଖରେ ନାହିଁ। ସବୁ କର୍ମର ମେରୁଦଣ୍ଡ ଏ ସବୁ କର୍ମ କରିବା ବୋଲି ଆମେ ଭୁଲି ଯାଉଛେ। ଏହାଦ୍ୱାରା ମନ ସ୍ଥିର ହୋଇ ସଂସାରର ସବୁ ଜଟିଳ ସମସ୍ୟାକୁ ସରଳ ରୂପେ ସମାଧାନ କରିପାରିଥାଏ ଓ ମନ ନିର୍ମଳ ହୋଇ ସତ୍ତ୍ୱସଂଶୁଦ୍ଧିକୁ ପ୍ରାପ୍ତ କରିଥାଏ।

*(କ୍ରମଶଃ)*

# ପରିଣୀତା



**ମୂଳ ମୈଥିଳି: ପ୍ରଫେସର ବୀଣା ଠାକୁର**
*(ସାହିତ୍ୟ ଏକାଡେମୀ, ୨୦୧୮)*
**ଓଡ଼ିଆ ଅନୁବାଦ: ଡ. ନରେନ୍ଦ୍ର କୁମାର ସେଠୀ**



**ଦି**ଲ୍ଲୀର ଇନ୍ଦିରା ଗାନ୍ଧି ଆନ୍ତର୍ଜାତିକ ବିମାନ ବନ୍ଦରରେ ଅଚାନକ ନିଲକୁ ଦେଖି ଶ୍ୟାମା ଚମକି ପଡିଲା। କ୍ଷଣକ ପାଇଁ ଆଚମ୍ବିତ ହେଲା। ନିଲ... ନିଲ... ତା ମନରେ କୋଣ ଅନୁକୋଣରେ ଯେମିତି ନିଲର ଆତ୍ମା ପଶିଗଲା। ଅନେକ ବର୍ଷ ବିତିଗଲାଣି। ନିଲର କିଛି ବି ପରିବର୍ତ୍ତନ ହେଇନି। ଯେମିତି ଆଗରୁ ଥିଲା ସେମିତି। ଆକର୍ଷକ ନିଲ। ସ୍ମିତ ହାସ୍ୟ ଭରା ନିଲ। ପୂର୍ଣ୍ଣ ପୁରୁଷ ନିଲ। ଉଚ୍ଚ ପଦସ୍ଥ ନିଲ। ନିଲ... ନିଲ.. ନିଲ...। ନିଲକୁ ଆଉଥରେ ଦେଖିବା ପାଇଁ ଶ୍ୟାମାର ସବୁ ପ୍ରୟାସ ବିଫଳ ହେଇଥିଲା। ନିଲ ହାତ ପାଆନ୍ତାରୁ ଅନେକ ଦୂରକୁ ଚାଲି ଯାଇଥିଲା। ଶ୍ୟାମା ଚାହିଁଲେ ବି ଆଉ ନିଲକୁ ଛୁଇଁ ପାରୁ ନଥିଲା। ଯେମିତି ନିଜ ପାଖରେ ଥାଇବି ଛାଇକୁ କେହି ଛୁଇଁ ପାରନ୍ତିନି। ପଛେ ପଛେ ରହି ତା'ର ଆକାର ଓ ଅସ୍ତିତ୍ୱ ବଦଳେଇ ଥାଏ। ଶ୍ୟାମାର ଜୀବନ ନିଲ। ତା' ମନର ମାଲିକ ନିଲ। ସବୁକିଛି ନିଲ। ଶ୍ୟାମା ପ୍ରକୃତିସ୍ଥ ହେଲା। ନିଲର ଚିର ପରିଚିତ ହସ ତା କାନରେ ବାଜିଲା। ନିଲ ଶ୍ୟାମାକୁ ଅନେକ ଖୁସିରେ ଡେଇଁ ପଡୁଥିଲା।

"ଶ୍ୟାମା... ମାଇଁ ଡିଅର ଫ୍ରେଣ୍ଡ...। ମୁଁ ଜାଣିଥିଲି ଆମର ଭେଟ ଦିନେ ନିଶ୍ଚୟ ହେବ। ତୁ ଏବେବି ସେମିତି ସୁନ୍ଦରୀ... ଇଉ ଆର ସୋ ବିଉଟିଫୁଲ ୟାର.. ଆଉ କ୍ୟାଣ୍ଟ ବିଲିଭି"।

ଦି ଜଣ ଯାକ ଠୋ ଠୋ ହୋଇ ହସୁଥିଲେ। ନିଜ ସହ ଥିବା ଯୁବତୀ ସଙ୍ଗେ ପରିଚୟ କରାଇ ଦେବାକୁ ଯାଇ ନିଲ କହିଲା "ଶ୍ୟାମା.. ମିଟ୍ ମାଇଁ ୱାଇଫ୍ ନିଲିମା.."।

"ନିଲିମା ଦିସିଜ ଶ୍ୟାମା ମାଇଁ ବେଷ୍ଟ ଫ୍ରେଣ୍ଡ.."।

ନିଲିମା ଶାଳୀନତାର ସହ ଶ୍ୟାମାକୁ ଅଭିବାଦନ କଲା "ଗୁଡ ମର୍ନିଗ ମ୍ୟାମ"। ଶ୍ୟାମା ମୁଣ୍ଡ ହଲାଇ ଅଭିବାଦନ ଗ୍ରହଣ କଲା। "ଦେଖ ମୁଁ ନିଲିମା ପସନ୍ଦର ବ୍ଲୁ ପ୍ୟାଣ୍ଟ ସାର୍ଟ ପିନ୍ଧିଛି।"

ଏମିତି କିଛି ସମୟ କଥାରେ ବିତିଗଲା। ଏୟାରପୋର୍ଟର ଆନାଉନସିମେଣ୍ଟ ହେଉଥିଲା। ବୋଧେ ନିଲର ଫ୍ଲାଇଟ ସମୟ ହେଇଗଲା। ସେମାନେ ବୋଡିଙ୍ଗ ଲାଇନ ଆଡକୁ ଅଗ୍ରସର ହେଲେ। ଶ୍ୟାମା ତାଙ୍କ ଦୁହିଁଙ୍କ ପଛରୁ ଚାହିଁ ରହିଥାଏ। କେତେ ସୁନ୍ଦର ଯୋଡି। ଯେମିତି ରାଧା-କୃଷ୍ଣ। ନିଲିମା କେତେ ସୁନ୍ଦର। ପୁରା ନିଲ ପାଇଁ ଉପଯୁକ୍ତ। ବିଧାତା ଯେମିତି ଅତି ସରାଗରେ ଗଢ଼ିଛି। ସୁନ୍ଦର ସୁଢ଼ୋଲ ଶରୀର, ଗୋରୀ, ଲମ୍ବା ବେଣୀ, ଖଣ୍ଡା ପରି ନାକ। ମେଞ୍ଚା ମେଞ୍ଚ ଉତ୍ସାହ ଓ ଉଦ୍ଦିପନ୍ନାପୂର୍ଣ୍ଣ ନିଲିମା। ନିଲିମା ଆଉ ନିଲ ତା ଆଖି ଆଗରୁ ଅଦୃଶ୍ୟ ହେଇ ସାରିଥିଲେ।

ଘରକୁ ଫେରି ଶ୍ୟାମା ସିଧା ଯାଇ ଦର୍ପଣ ଆଗରେ ଠିଆ ହେଲା। ନିଜକୁ ପରଖିଲା। ବାଁ ପଟ କାନ ଉପରକୁ କେଇଟା ଧଳା କେଶ ଦେଖି ଚମକି ପଡିଲା। ଏତେଦିନ ହେଲା ସେ ଏକୁ ଆଗରୁ ଆବିଷ୍କାର କରିନଥିଲା। ପୁଣି ଭାବିଲା ଏମିତି ଘରେ ପଶୁ ପଶୁ ଦର୍ପଣ ଆଗରେ ଠିଆ ହେଇ ରହିବା ଠିକ୍ ନୁହେଁ। ଏବେବି ସେ କୁଆଡେ ଏତେ ସୁନ୍ଦରି। ନିଲ ମୁହଁରୁ ଶୁଣିଥିବା ପ୍ରଶଂସାକୁ ମନେ ପକେଇ ମନେ ମନେ ଉଲ୍ଲସିତ ହେଲା। ଯେମିତି ସେ ଆଗରୁ ଖୁସି ହେଉଥିଲା। ତା' ମନ ମତିଷ୍କରେ ନିଲ ଏବେ ମଧ୍ୟ ବସା ବାନ୍ଧି ରହିଥିଲା। ସମୟର ଅନ୍ତରାଳ କିଛି ଲିଭେଇ ପାରିନଥିଲା। ନିଲ ତା ଜୀବନରେ ଚହଲାଏ ପବନ ପରି ଆସିଲା। ଅପସରି ଗଲା ଅନେକ ନୀରବତା ଭରି ଦେଇ। ନିଲ ଏବେବି କ'ଣ ମନେ ରଖିଥିବ ଶ୍ୟାମା କ'ଣ ପସନ୍ଦ କରୁଥିଲା। କ'ଣ ଅପସନ୍ଦ କରୁଥିଲା। ଶ୍ୟାମାକୁ ଏମିତି କିଛି ଲାଗୁନଥିଲା। ସେ ଘରର ଚାରି ଆଡକୁ ଆଖି ପକେଇଲା। ସବୁଆଡେ ଅସ୍ତ ବ୍ୟସ୍ତ। ଟେବୁଲ ଉପରେ ତାର ଏକଲା ପଣର ସାଥୀ ବହି ଗୁଡାକ ଏଣେ ତେଣେ ପଡିଥିଲେ। ସବୁ ସଜଡା ସଜଡି କରି ସେ ତା' ପୁରୁଣା ଅଭ୍ୟାସ ସ୍ୱରୂପ ଡାଏରି ଲେଖିବାକୁ ବସିଲା।

ଆଜି ଡାଏରିର ପୃଷ୍ଠା ନିଲ ପାଇଁ...

ମୁଁ ଜାଣିଥିଲି ମୋ ଡାଏରିକୁ ଛଡ଼େଇ ନେଇ ପଢ଼ିବାକୁ କେହି ନାହାନ୍ତି। ନିଲ ସହ ବିତେଇଥିବା ପାଞ୍ଚବର୍ଷ ମୋ ଜୀବନର ସବୁଠୁ ସୁନ୍ଦର ଦିନ ଥିଲା। ଏକ ଅମୂଲ୍ୟ ସମ୍ପତି। ଯାହାକୁ ଏତେଦିନ ହେଲା ମୁଁ ସାଇତି ରଖିଥିଲି। ସେ ସମ୍ପତ୍ତିକୁ କେବେ କାହା ସହ ବାଣ୍ଟିବାକୁ ଇଚ୍ଛା ହେଇନି। ଆଜି ନିଲକୁ ଦେଖିବା ପରେ ଏତେ ବର୍ଷର ନୀରବତା ଫକ ଫକ ଡେଇଁ ବାହାରି ଆସିବାକୁ ବସିଛି। ସେ ଆଉ ମୋ ଆୟତରେ ନାହିଁ।

ନିଲ କହେ "ଆମ ଦୁହିଁଙ୍କ ମଧ୍ୟରେ କେହି ତୃତୀୟ ମଣିଷ ନାହାନ୍ତି। ନା କୋଉ ବହାପିଆ ବୃଥା ଗପ। ଖାଲି ଆମେ ଦୁହେଁ...। ମୁଁ ମନ୍ତ୍ର ମୁଗ୍ଧ ହୋଇ ତା'ଠୁ ଅନେକ ଗପ ଶୁଣୁଥିଲି। ଯାହା ଆଉ ମୋର କିଛି ମନେ ନାଇଁ। ସବୁ କିଛି ବଦଳିଗଲା। ଆଜି ଯାହା ଲେଖୁଛି ସବୁ ନିଲକୁ ସମର୍ପିତ। ନିଲ ମୋଠୁ ଦୂରେଇ ଗଲା। ତଥାପି କୋଉଠି ପାଖରେ ଥିଲା ଭଳି ମନେ ହୁଏ। ମୋ ବାପା ଦିବାକର ଝା ହାଇସ୍କୁଲର ଶିକ୍ଷକ ଥିଲେ। ଆମେ ଦୁଇ ଭଉଣୀ ଗୋଟେ ଭାଇ। ମୁଁ ସବା ବଡ। ଭଉଣୀ ଶ୍ୱେତା ମଝିଆଁ। ଭାଇ ବିକାଶ ସାନ। ମୋର ରଙ୍ଗ କାଳି ଥିବାରୁ ବାପା ମୋ ନାଁ ଶ୍ୟାମା ଦେଇଥିଲେ। ବାପା ସମସ୍ତଙ୍କୁ ମୋ ବିଷୟରେ କହନ୍ତି "ଇଏ ମୋ ଝିଅ ନୁହେଁ... ମୋ ପୁଅ... ମୋ ଜୀବନର ଗୌରବ"। ଛୋଟ ଭଉଣୀ ଗୋରୀ ଥିବାରୁ ତା ନା ଶ୍ୱେତା। ମୋର ମେଟ୍ରିକରେ ଫାଷ୍ଟ ଡିଭିଜନ ଆସିବା ପରେ ବାପା ଗାଁ ସାରା ମିଠେଇ ବାଣ୍ଟିଥିଲେ। କଲେଜରେ ମୋର ଆଡମିଶନ ନେଇ ବୋଉର ବିରୋଧ ସତ୍ତ୍ୱେ ବାପା ମୋ ନାଁ ଲେଖେଇଥିଲେ। ବିଏ ପାସ କଲା ପରେ ମୋ ବାହାଘର ଚିନ୍ତା ବାପା ବୋଉଙ୍କୁ ବ୍ୟସ୍ତ କଲା। ଯୋଉଁମାନେ ଆମ ଘରକୁ ଝିଅ ଦେଖିବାକୁ ଆସୁଥିଲେ ସେମାନେ ମୋ ବଦଳରେ ଶ୍ୱେତାକୁ ବୋହୂ କରିବାକୁ କହୁଥିଲେ। ମୋ କଳା ରଙ୍ଗ କାହାକୁ ପସନ୍ଦ ଆସୁନଥିଲା। ବାପା ଅତ୍ୟନ୍ତ ଚିନ୍ତାରେ ପଡିଗଲେ। ମୁଁ ବାପା ବୋଉକୁ ରାଜି କରେଇ ଶ୍ୱେତାର ବାହାଘର ଆଗ କରିବା ପାଇଁ କହିଲି। ଶ୍ୱେତାର ବାହାଘର ହେଇଗଲା। ଅର୍ଥ ଶାସ୍ତ୍ରରେ ଏମ କଲାପରେ ମୋର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବରେ ନିଯୁକ୍ତି ହେଇଗଲା। ସେଦିନ ଯେମିତି ଜୀବନର ସବୁ ଉଦ୍ଦେଶ୍ୟ ପୂରା ହେଇଗଲା। ପିଲାଦିନେ ମହିଳା ଶିକ୍ଷୟିତ୍ରୀ ଓ ପରେ କଲେଜରେ ମହିଳା ଅଧ୍ୟାପିକା ମାନଙ୍କର ଗରିମା ମୟ ବ୍ୟବହାର, ଶାଳୀନତା ଓ ବେଶ ଭୂଷା ମୋତେ ବହୁତ ପ୍ରଭାବିତ କରୁଥିଲା। ସେମାନଙ୍କ ମଧ୍ୟରେ ନିଜକୁ ପାଇ ମୁଁ ଧନ୍ୟ ମନେ କରୁଥିଲି। ହାଲକା ରଙ୍ଗର ଛିଟ ଶାଢ଼ୀ ପିନ୍ଧି ଶିକ୍ଷୟିତ୍ରୀ ହେଲା ପରେ ମୋ ଜୀବନ ଧୀରେ ଧୀରେ ରଙ୍ଗହୀନ ହେଇପଡୁଥିଲା। କିନ୍ତୁ ବାପାଙ୍କର ଖୁସିର ଠିକଣା ନଥିଲା। କିଛିଦିନ ପରେ ବାପା ଅବସର ନେଲେ। ଘରର ସବୁ ଦାୟିତ୍ୱ ମୋ ଉପରକୁ ଆସିଗଲା। ପ୍ରଥମ ମାସର ଦରମା ବୋଉ ହାତରେ ଦେଲାପରେ ତାହା ଏକ ସବୁଦିନିଆ ନିୟମରେ ପରିରତ ହେଇଗଲା। ପା ନିଜକୁ ଅପରାଧୀ ମନେ କରୁଥିଲେ। ଝିଅର ରୋଜଗାରରେ ଘର ଚାଲୁଛି। ସେଇଟା କେମିତି ତାଙ୍କୁ ଆରଉ ନଥିଲା। ବାପା ଆଗରୁ ଯେଉଁ ସ୍ନେହଶ୍ରଦ୍ଧା ଦେଉଥିଲେ ସେଇଟା ଆଦର ସମ୍ମାନ ପାଲଟିଗଲା। ଯୋଉଁ ଘରେ ମୁଁ ଟିକି ଟିକି କଥା ପାଇଁ ଝଗଡା କରି ଅଧିକାର ସାବ୍ୟସ୍ତ କରୁଥିଲି ଏବେ ସବୁ ମୋ ପାଖରେ ଆପେ ଆପେ ପହଞ୍ଚ ଯାଉଥିଲା। ବାପା ହାର୍ଟଆଟାକରେ ଚାଲିଗଲେ। ମୃତ୍ୟ ସମୟରେ ତାଙ୍କ ମୁହଁରେ ନିରାଶ ଓ ପଶ୍ଚାତାପ ସ୍ପଷ୍ଟ ବାରି ହେଉଥିଲା। ସେ ନିରବ ଥିଲେ। ଶେଷ ସମୟରେ କିଛି କହିଲେନି। ଘରର ସ୍ୱାଭାବିକ ମୁରବୀର ଭୂମିକା ମୋ ଉପରକୁ ଆସିଲା। ବିକାଶର ଇଞ୍ଜିନିୟରିଂ ପଢ଼ା ଦାୟିତ୍ୱ ମୋତେ ପୁରା କରିବାକୁ ପଡିଲା। ତା' ପାଇଁ ବାହାଘର ପ୍ରସ୍ତାବ ଆସିବାକୁ ଲାଗିଲା। ବିକାଶ କହିଲା..

"ଦିଦି.. ଯୋଉଁପର୍ଯ୍ୟନ୍ତ ତୋ ବାହାଘର ନ ହେଇଛି ମୁଁ ବାହା ହେବିନି"।

ତାକୁ ବୁଝାସୁଝା କଲାପରେ ସେ ମାନିଗଲା। ବିକାଶର ବାହାଘର ଏକ ସମ୍ଭ୍ରାନ୍ତ ପରିବାରରେ ହେଲା। ବିକାଶ ସ୍ତ୍ରୀ ଅତି ଉଚ୍ଚଶିକ୍ଷିତ ଓ ସୁଶୀଳ ଥିଲା। କିନ୍ତୁ ଦିନେ ତା' ବ୍ୟବହାର ମୋତେ ଶକ୍ତ ଧକ୍କା ଦେଲା। ଦିନେ ବିକାଶର ପୁଅ ସୋନୁର ସ୍କୁଲ ଫେରିବା ଡେରି ଦେଖି ତା ସ୍ତ୍ରୀ ପୂଜା ବ୍ୟସ୍ତ ହେଉଥାଏ। ତାକୁ ବ୍ୟସ୍ତ ହେବାର ଦେଖି ମୁଁ କହିଲି "ଆରେ... ସୋନୁ ଆସୁଥିବ.. କାଁ ବ୍ୟସ୍ତ ହେଉଛୁ..."। ସେ ବୁଲିପଡି କହିଲା "ତମେ କାଁ ଜାଣିବ ମା'ର ମମତା ଦିଦି"। ମୁଁ ଅବାକ ରହିଗଲି। ପୂଜା ବୋଧେ ସତ କହୁଥିଲା। ମୁଁ ମା' ହେଇନି। ତେବେ ସୋନୁ, ବିକାଶ, ପୂଜାକୁ ଯୋଉଁ ସ୍ନେହ ମମତା ଦିଏ ତା' କୋଉ ମା'ର ମମତା ଠୁ କମ? ବୋଧେ କିଛି ଅଭାବ ଥିଲା ନିଶ୍ଚୟ। "ଖାଲି କ'ଣ ଜନ୍ମ କଲେ ମା'ର ମମତା ଅନୁଭବ ହୁଏ"। ପୂଜା ଯାହା ବୁଝିଲା ବୁଝୁ। ବିକାଶ ଚୁପ୍ ରହିଲା। ସିଏ ମୋ ଭାଇ। ସିଏତ ବୁଝି ପାରିଥାନ୍ତା। ତା' ପରଠୁ ସୋନୁକୁ ଅନାୟାସରେ ଗେହ୍ଲା କରିବାରେ ମୁଁ ସଙ୍କୋଚ କଲି। ସବୁ କାମ ପୂର୍ବରୁ ଦୁଇଥର ଭାବିବାକୁ ପଡିଲା। କେଜାଣି କୋଉ କଥା ପୂଜାକୁ ଖରାପ ଲାଗିଯିବ। ନିଜକୁ ସବୁବେଳେ ସତର୍କ ରଖିଲି। କିଛିଦିନ ପରେ ବିକାଶକୁ ଇଂଲଣ୍ଡରେ ଚାକିରି ମିଳିଗଲା। ମୋଠୁ ସହମତତି ପାଇବା ପରେ ସେ ଇଂଲଣ୍ଡ ସପରିବାରେ ଚାଲିଗଲା। ବିକାଶ ଗଲା ପରେ ମୁଁ ସମ୍ପୂର୍ଣ୍ଣ ଏକୁଟିଆ। ପୁରା ଘରର ମାଲିକିଆଣି। ସମୟ କଟି ଚାଲିଥିଲା।

ଠିକ୍ ଏହି ସମୟରେ ବତାସର ଦଲକାଏ ପବନ ମୋ ଜୀବନରେ ଆସିଲା। ମୋର ମନେ ଅଛି ବିଶ୍ୱବିଦ୍ୟାଳୟ ଯିବା ପାଇଁ ମୁଁ ତରବର ହେଇ ବାହାରି ରିକ୍ସା ଧରିବାକୁ ଯାଉଥାଏ। ଘରଠୁ କିଛି ବାଟ ଗଲେ ରିକ୍ସା ଷ୍ଟାଣ୍ଡ। ହଠାତ୍ ମୋ ପାଖରେ ଜଣେ କୋଡିଏ ବାଇଶି ବର୍ଷର ଯୁବକ ବାଇକିରେ ଆସି ମୋ ପାଖରେ ଅଟକି ଗଲା। "ହାଏ... ମୁଁ ... ନିଲ..। ଏୟାର ଇଣ୍ଡିଆରେ ପାଇଲଟ। ତମ ନୂଆ ପଡୋଶୀ। ଚାଲ କୁଆଡେ ଯାଉଛ ଛାଡିଦେବି।" ମୁଁ ଅସ୍ୱୀକାର କରିବା ସ୍ୱରୂପ କିଛି ନ କହି ଆଗକୁ ମାଡି ଚାଲିଲି। ସେ ପଛରେ ପଡିଯାଇ କହିଲା "ମୋ ବିଷୟରେ କହିଲି.. ତମେ କିଛି କୁହ" ମୁଁ ତାକୁ ଆଡେଇଦେଇ ଯିବାକୁ ଚେଷ୍ଟା କରିବା ବେଳେ କହିଲି "ମୁଁ ଶ୍ୟାମା। ୟୁନିଭରସିଟ୍‌ରେ ଅଧ୍ୟାପିକା"। ସେ ମୁରୁକି ହସିଲା। ମୋ ସାଙ୍ଗ ସେତେବେଳକୁ ରିକ୍ସାରେ ବସିପଡିଥାଏ। ନିଲର ସରଳତା, ଆତ୍ମ ବିଶ୍ୱାସ ମୋତେ ପ୍ରଭାବିତ କଲା। ଯାହା ଆଜି ପର୍ଯ୍ୟନ୍ତ ମନେ ଅଛି। ଲାଗୁଛି ଯେମିତି କାଲିର ଘଟଣା। ତା'ପରେ ଆଠଦିନ ଧରି ନିଲର ଦର୍ଶନ ନଥିଲା। ମୋତେ କିନ୍ତୁ ତା ସାଥିରେ ପୁଣିଥରେ ଦେଖା ହେବାକୁ ଇଚ୍ଛା ହେଉଥିଲା। ଏମିତି ଦିନେ ମୁଁ ପିଜି ଡିପାର୍ଟମେଣ୍ଟରେ ବସିଥାଏ। ପିଅନ ଆସି ଗୋଟେ କାର୍ଡ ଦେଲା ଆଉ କହିଲା କିଏ ଜଣେ ଗେଷ୍ଟ ରୁମରେ ଅପେକ୍ଷା କରିଛି। ମୁଁ ଦେଖିଲା ବେଳକୁ ନିଲ। ସେ ହସି ହସି ମୋତେ ସ୍ୱାଗତ କରୁଥିଲା। ମୋତେ ତା'ର ହସ ଯେମିତି ଜନ୍ମ ଜନ୍ମାନ୍ତରରୁ ଚିର ପରିଚିତ ଥିଲା ପରି ଲାଗୁଥିଲା। କିଛି କହିବା ଆଗରୁ ସେ ବକି ଚାଲିଥିଲା। କହିଲଶ ଆମେରିକା ଫ୍ଲାଇଟ ନେଇ ଯାଇଥିଲା। ନିଲର ସବୁ ହଡବଡିଆ ଓ ବେପରୁଆ ବ୍ୟବହାର ମୋତେ ପ୍ରଭାବିତ କରୁଥିଲା। ସେଦିନ କଫି ହାଉସ ଯିବାର ତା ନିମନ୍ତ୍ରଣକୁ ମୁଁ ଏଡେଇ ପାରିଲିନି। ସେଇଦିନୁ କଫି ହାଉସରେ ସବୁବେଳେ ଦେଖା ହେଲୁ। ତାକୁ କିଛି ପଚାରିବା ପୂର୍ବରୁ ସେ ନିଜ ବିଷୟରେ ବଖାଣି ଚାଲିଥିଲା।

"ବାପା ବୋଉ ଦି'ଜଣ ଯାକ ଡାକ୍ତର। ଘରର ଏକମାତ୍ର ପୁଅ। ଏୟାର ଇଣ୍ଡିଆରେ ପାଇଲଟ। ବୟସ ପଚିଶ।" ହଠାତ ମୋ ପାଟିରୁ ବାହାରିଗଲା "ମୋର ବୟସ ତିରିଶ"। ସେ ହସି ହସି କହିଲା "ବନ୍ଧୁତାରେ ବୟସର କାମ କ'ଣ?"।

ହଠାତ୍ ଦିନେ ସାତ ଭଉଣୀ ଶ୍ୱେତା ପରିବାର ସହ ଆମ ଘରେ ପହଞ୍ଚିଲା। ତା' ସ୍ୱାମୀର ଆମ ସହରକୁ ବଦଳି ହେଇଥାଏ। ଶ୍ୱେତାର ବି ଘରେ ଅଧିକାର ଥିଲା। ସେ ପିଲା ଛୁଆ ଓ ତା' ସ୍ୱାମୀ ଆମରି ପାଖରେ ରହିଲେ। ତା' ଆସିବାରେ ବୋଉ ବହୁତ ଖୁସି ଥିଲା। ମାତ୍ର ଶ୍ୱେତା ସ୍ୱାମୀର ସବୁ ଜିନିଷରେ ମୁଣ୍ଡ ପୁରେଇ ଅଧିକାର ସାବ୍ୟସ୍ତ କରିବା ଜମାରୁ ଭଲ ଲାଗୁ ନଥିଲା। ଘରର ପରିବେଶ ବଦଳି ଯାଇଥିଲା। ମୁଁ ଅଜାଣତରେ ଅନୁଭବ କରୁଥିଲି। ବୋଉ କି ଶ୍ୱେତା କେହି ମୋ ମନର କଥା ଜାଣି ପାରିନଥିଲେ। ଦିନେ ବିଶ୍ୱବିଦ୍ୟାଳୟର ହଷ୍ଟେଲ ସୁପରଟେଣ୍ଡେଣ୍ଟ ଦାୟିତ୍ୱ ମୋ ଉପରେ ନ୍ୟସ୍ତ କରିଦିଆଗଲା। ଯେହେତୁ ମୁଁ ମହିଳା ଓ ଅବିବାହିତ ଥିଲି ଏ ପଦବୀ ପାଇଁ ଆଉ ମୋଠୁ କେହି ଯୋଗ୍ୟ ନଥିଲେ। ଫଳରେ ବାଧ୍ୟ ହୋଇ ମୋତେ ସୁପରିଟେଣ୍ଡେଣ୍ଟ ଆବାସକୁ ସିଫ୍ଟ ହେବାକୁ ପଡିଲା। ତା'ପରଠୁ ନିଲ ପ୍ରତିଦିନ ମୋତେ ଦେଖା କରିବାକୁ ଆସିଲା। ପ୍ରଥମେ ସଞ୍ଜବେଳେ ଆସୁଥିଲା। ପରେ କିନ୍ତୁ ଆଉ ସମୟରେ କିଛି କଟକଣା ନଥିଲା। ସେ ମୋ ପାଖରେ ଅଧିକାର ଜମେଇ ସାରିଥିଲା। ସେ ଆଉ ବନ୍ଧୁ ନଥିଲା ବରଂ ମୋ ମନର ମଣିଷ। ନିଲ ମୋ ଜୀବନକୁ ବଦଳେଇ ଦେଲା। ଜୀବନଟା ଯେ ଏକ ସୁନ୍ଦର ଅନୁଭବ ହେଇପାରେ ନିଲକୁ ଜାଣିଲି। ଆଇନା ଆଗରେ ଠିଆ ହେଇ ପ୍ରଥମ କରି ମୁଁ ସୁନ୍ଦରୀ ବୋଲି ଭାବୁଥିଲି। ମୋର ଗୋଟାଏ କିଛି ମହତ୍ତ୍ୱ ଅଛି ବୋଲି ନିଲ ମୋତେ ପରିଚୟ କରାଇଥିଲା। ମୁଁ ଜୀବନର ଏକ ନୂଆ ଫର୍ଦ୍ଦ ଆବିଷ୍କାର କଲି। ସବୁଦିନ ଖାଲି ଗୋଟିଏ କାମ ଥିଲା। ନିଲକୁ ଅପେକ୍ଷା କରିବା। ବସି ବସି ତାକୁ ଅପେକ୍ଷା କରୁଥିଲି। ତା କଥା ଭାବୁଥିଲି। ମୋତେ ମୋ ଉପରେ ଗର୍ବ ହେଉଥିଲା। ନିଲର ବ୍ୟକ୍ତିତ୍ୱ ସବୁକିଛି ଉତ୍ସର୍ଗ କରିବା ଭଳି ସ୍ୱଭାବ, ସନ୍ତୁଳିତ ବ୍ୟବହାର ଓ ଆଖିରେ ଆଖିଏ ସ୍ୱପ୍ନ ମୋତେ ଆତ୍ମହରା କରିଦେଲା। ନିଜକୁ ଜଣେ ଅତି ସାଧାରଣ, କାଳି, ଅସୁନ୍ଦରୀ ମନେ କରୁଥିଲା ଝିଅର କାନରେ ନିଲ ଯେମିତି କହୁଥିଲା "ତମେ ଅନେକ ସୁନ୍ଦରୀ, ଗୌରବମୟୀ ଓ ବହୁମୂଲ୍ୟ ନାରୀ"। ନିଲ ବୋଧେ ଏକମାତ୍ର ପୁରୁଷ ଯାହା ପାଖରେ ମୁଁ ନିଜକୁ ପରସି ଦେବା ପାଇଁ ପ୍ରସ୍ତୁତ ଥିଲି।

ନିଲ ଏ ଚାରିବର୍ଷ କେମିତି କଟିଲା ଜାଣି ହେଲାନି। ଦିନେ ନିଲ ଡ୍ୟୁଟିରେ ଯାଇଥାଏ। ତା'ବାପା ବୋଉ ଆସି ପହଞ୍ଚିଲେ। ତା' ବୋଉ ଯିଏକି ଜଣେ ଡକ୍ଟର ମୋତେ କିଛି ନକହି କାନି ପାରି ଭିକ ମାଗିଲା ପରି କହିଲେ "ତୁ ଆମର ସବୁ ସ୍ୱପ୍ନ ଭାଙ୍ଗି ଚୁରମାର କରିଦେଲୁ, ମୋତେ ମୋ ପୁଅ ଫେରେଇ ଦେ"।

ମୋ ପାଦ ତଳର ପୃଥିବୀଟା ଯେମିତି କିଏ ଟାଣି ନେଲା। ମୁଁ ହତବାକ ହେଇ ଠିଆ ହେଇଥାଏ। ସେ ଆହୁରି କହିଲେ ଯେ ରାହୁ ସଦୃଶ ମୁଁ ତାଙ୍କ ପରିବାକୁ ନଷ୍ଟ କରିଛି। ଯେହେତୁ ମୁଁ ନିଲକୁ ପାଞ୍ଚବର୍ଷ ବଡ ମୁଁ ତା ପାଇଁ ଅଯୋଗ୍ୟ। ମୋର ଆଉ ବିବାହ ବୟସ ନଥିଲା। ମୋର ଏସବୁ କୁଆଡେ ଛଳନା ଥିଲା। ବେପାର ଥିଲା। ପ୍ରେମ ନଥିଲା। ନିଲ... ଏ ଦୃଷ୍ଟିକୋଣରୁ ପ୍ରେମର ମୂଲ୍ୟାଙ୍କନ ଆମେ କରି ନଥିଲେ। ତା'ବାପା ମା' ଚାଲିଗଲେ। ନିଲ ସଂଧ୍ୟାରେ ଫେରି ସବୁ ଶୁଣି ହତବାକ ଥିଲା। ରାତିସାରା ମୋ ଆଖିରେ ନିଦ ନଥିଲା। ମୁଁ ସୋଫା ଉପରେ ବସିଥାଏ। ନିଲ ଆଖି ବୁଜି ମୋ କୋଳରେ ମୁଣ୍ଡ ରଖି ଅବୁଝା ଶିଶୁଟିଏ ପରି କାନ୍ଦୁଥାଏ। ସେ କେତେବେଳେ ଶୋଇ ପଡିଥିଲା ତା ନିଷ୍ପାପ ମୁହଁକୁ ଅନେଇ ଅନେଇ ମୁଁ ବି କେତେବେଳେ ଆଖି ବନ୍ଦ କରିଦେଇଥିଲି। ହଠାତ ପାହାନ୍ତା ପହରକୁ ମୋ ନିଦ ଭାଙ୍ଗିଗଲା। ନିଲ ସେମିତି ଛୁଆଟେ ପରି ଶୋଇଥାଏ। ମୁଁ ନିଶ୍ଚିତ କଲି। ବାସ। ବହୁତ ହେଲା। ଆଉ ନୁହେଁ। ଏଇଠି ପୂର୍ଣ୍ଣଛେଦ ଦବାକୁ ହେବ। ଭୋର ହେବାକୁ ଯାଉଥିଲା। ଚାରିଆଡୁ ଏକ ଶାନ୍ତ ଓ ପବିତ୍ର ବାତାବରଣ ବାସ୍ନା ମହକି ଉଠୁଥିଲା। ସକାଳର ପ୍ରଥମ କିରଣ ସବୁଆଡେ ବିଛୁରି ପଡୁଥିଲା। ସେଦିନର ସେ ଭୋର ଆଉ ଜୀବନରେ କେବେ ଆସିନି।


"ନିଲ... ତୋତେ ଶପଥ ଦଉଛି... ଆମେ ଆଜିଠୁ ଆଉ କେହି କାହା ସହିତ ସମ୍ପର୍କ ରଖିବାନି। ମୋ ପାଇଁ ଏତିକି କର। ନିଲ ଏଇଟା ମୋର ଅନୁରୋଧ"। ନିଲ ଚୁପ ରହିଲା। ଅନ୍ୟଦିନ ପରି ସେ ମୋ କଥାକୁ ନଶୁଣିଲା ପରି କିଛି ବି କହିଲାନି। ସବୁ ଜିନିଷରେ ଜିଦି କରି ମୋତେ ରାଜି କରେଇ ପାରୁଥିବା ନିଲ ବିଲକୁଲ ନିରବ ଥିଲା। ତା'ର ମୋ ସହିତ ଜୀବନ ସାରା ଏକାଠି ରହିବାର ପ୍ରତିଶ୍ରୁତି ମୋ ଅନୁରୋଧ ଆଗରେ ପାଣି ଫାଟିଗଲା। ନିଲ ଚୁପ ଚାପ ସୁନା ପିଲାଯେ ପରି ବାହାରି ଗଲା। ସବୁଦିନ ପାଇଁ ମୋ ଜୀବନରୁ ଉଭେଧ ଗଲା। ନିଲ! ଥରେ ଯେଉଁ ଗାଢ଼ ଲାଲ ରଙ୍ଗର ଶାଢ଼ୀ ମୋ ପାଇଁ ଗିଫ୍ଟ ଆଣିଥିଲ। ଗାଢ଼ ଲାଲ ରଙ୍ଗର ଶାଢ଼ୀ ଦେଖି ମୁଁ କେତେ ଖୁସି ହେଇଥିଲି। ତୋ ଜିଦିରେ କେତେବେଳେ ମୁଁ ପିନ୍ଧିକି ତୋ ସାମ୍ନାକୁ ଆସିଲି ତୁ କହୁଥିଲୁ "ଫ୍ରେଣ୍ଡ.. ଇଉ ଆର ସୋ ବିଉଟିଫୁଲ ୟାର.. ଆଉ କ୍ୟାଣ୍ଟ ବିଲିଭି"।

*ବୈଜ୍ଞାନିକ, ଭାବା ପରମାଣୁ ଗବେଷଣା କେନ୍ଦ୍ରେ*
*ପରିବେଶ ନିରୀକ୍ଷଣ ପରୀକ୍ଷାଗାର*
*ଯାଦୁଗୁଡା, ପୂର୍ବ ସିଂଭୂମି*
*ଝାରଖଣ୍ଡ-୮୩୨୧୦୨*
*ଦୂରଭାଷ: ୯୪୭୧୩୮୦୮୧୦*

# ଅଭୀସ୍ପାର ଅନ୍ଧାର



**ସ୍ମିତା ରଥ (ବେବିନା)**



**ଅ**ନ୍ଧାରକୁ ହଲେ ଆଖି ଦିଅ
ଆଲୁଅଠୁ ଚୋରେଇ

ସେ ଆଖି ଦେଖୁ ମୋ ନଥିବା ପଣକୁ
ମୋ ନିର୍ଲିପ୍ତ ଆତ୍ମା ଓ ଲଙ୍ଗଳା ଦେହକୁ।

ସୌନ୍ଦର୍ଯ୍ୟ ଓ ବିଭୀଷିକା କଫି ଟେବୁଲରେ ବସି
ଏକାଠି କଥା ହେଲା ବେଳେ
ସେ ଆଖି ହଳକ ବସନ୍ତୁ
ସେମାନଙ୍କ ପାଖରେ ଅତିରିକ୍ତ ସତ୍ତା ହୋଇ

ଅନ୍ଧାର ବୁଝି ସାରିଛି
ମାଟିତଳେ ହିଁ ସ୍ୱର୍ଗ ଥାଏ।
ମାଟି ଉପରେ ତ ଖାଲି
ମହୋତ୍ସବ ଚାଲେ ବିଶ୍ୱଯୁଦ୍ଧର

ଅନ୍ଧାରରେ ରକ୍ତର ରଙ୍ଗ ଲାଲ ନୁହେଁ
ଅନ୍ଧାରର ଦୃଶ୍ୟ ଆଙ୍କି ହୁଏନି ଈର୍ଷାର କାନଭାସରେ
ଯେମିତି କେହି ବଞ୍ଚନଥାନ୍ତି ଆଲୋକରେ
ସେମିତି କାହାରି ମୃତ୍ୟୁ ହୁଏନା ଅନ୍ଧାରରେ

ଛାତିତଳ ଅନ୍ଧାରରେ ସମ୍ପର୍କ ଜିଇଁଲା ଭଳି
ମାଟିତଳ ଅନ୍ଧାରରେ ଜୀବନ ଜିଏଁ

ସେଇ ଅନ୍ଧାରକୁ ହଲେ ଆଖି ଦିଅ
ଈଶ୍ୱରଙ୍କୁ ଦେଖିବାକୁ
ଅନ୍ଧାରରେ ଈଶ୍ୱର ରହନ୍ତି
ଦିଶନ୍ତି ନାହିଁ ଆଲୁଅର ଆଖି ବନ୍ଦ ନହେଲେ।

ଗୋଟେ ପକ୍ଷୀହୀନ କାକଳି
ଲହରିହୀନ ସାମୁଦ୍ରିକ ସ୍ୱର
ସୂର୍ଯ୍ୟହୀନ ଉତ୍ତାପ
ମେଘହୀନ ବର୍ଷାକୁ ଭୋଗୁ ଏ ଜୀବନ
କେବଳ ଅନ୍ଧାରରୁ ଅନ୍ଧାରକୁ ଯାତ୍ରାରେ ହିଁ
ସାର୍ଥକ ହୁଏ ବୋଧେ ଦେହ ମନ ପ୍ରାଣ।

*ପ୍ଲଟ-୪୫୫୫, ଭିଏସ୍ଏସ୍ ନଗର, ଭୁବନେଶ୍ୱର*

# ଦେଖିବ ଆସ



**ସୁଧାଂଶୁ ଶେଖର ଦ୍ୱିବେଦୀ**


**ଦେ**ଖିବ ଆସ ...
ହିରୋସୀମା ନାଗାସାକୀର
ବୋମିଂ ପରେ ପରେ
ବଞ୍ଚି ରହିଥିବା
ଆଉ କିଛି ହଟିଲରମାନଙ୍କର
ଖେଳ ଚାଲିଛି।
ରାମ କିଏ?
ନା ରହୀମ୍ କିଏ?
କିଏ କାହାକୁ ଚିହ୍ନିଛି?
ନା ଜାଣିଛି?
ଭାବ ନାହିଁ
କି ଭାବର ଆଦାନ ପ୍ରଦାନ ନାହିଁ;
ସବୁଠି ବିଭତ୍ସ-ବିଭୀଷିକାମୟ।
ମାନବିକତା-ସହାନୁଭୂତିର ଶବ୍ଦ
ଯେମିତି ବିଲୁପ୍ତ ପ୍ରାୟ...।
ଚାରିଆଡେ ଖାଲି
ଫୁଙ୍ଗୁଳା ଦେହାଂଶ
ରାଜନୀତିର ଅବକ୍ଷୟ
ନୈତିକତାର ଅପମୃତ୍ୟୁ।
ଛଟ-ପଟ ମଣିଷର ବିଳାପ,
ସତରେ ଏଠି ବଞ୍ଚି ରହିବାଟା
ଗୋଟେ ବିରାଟ ହିସାବ ଖାତା।
ଯାହା କେବଳ
ପ୍ଲସ-ମାଇନସ୍
ଭାଗଶେଷ ଜିରୋ।







*ବିସି-୭୪, ସେକ୍ଟର-୧, ସଲଟ୍ ଲେକ୍,*
*କୋଲକାତା-୬୪*
*ଦୂରଭାଷ: ୯୬୮୧୩୭୩୫୧୨*





**ବିଶ୍ୱଜିତ ମହାପାତ୍ର**
ଷ୍ଟାଣ୍ଡାର୍ଡ-୮
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ନୀଳାଦ୍ରି ବିହାର, ଭୁବନେଶ୍ୱର





**ସୌମ୍ୟ ପ୍ରସାଦ ବେହେରା**
ଷ୍ଟାଣ୍ଡାର୍ଡ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

# ବିକାଶ ପ୍ରକ୍ରିୟାରେ ପରିବେଶ ପ୍ରଦୂଷିତ ନହେଉ: ମନ୍ତ୍ରୀ



**ଭୁବନେଶ୍ୱର:** ପ୍ରକୃତି ଆମ ରାଜ୍ୟକୁ ବିପୁଳ ପ୍ରାକୃତିକ ସମ୍ପଦ, ଖଣିଜ ସମ୍ପଦ, ଜଙ୍ଗଲ ସମ୍ପଦ ସହ ଜଳ ସମ୍ପଦରେ ମଧ୍ୟ ପରିପୂର୍ଣ୍ଣ କରିଛି। ଏହି ସମ୍ପଦର ସୁବିନିଯୋଗ କରି ଏକ ସମୃଦ୍ଧ ତଥା ସଶକ୍ତ ଓଡ଼ିଶା ଗଠନ ଦିଗରେ ଆମେ ଅଗ୍ରସର ହେଉଛୁ କିନ୍ତୁ ବିକାଶର ପ୍ରକ୍ରିୟାରେ ଅନେକ ସମୟରେ ପରିବେଶ ହିଁ ସର୍ବାଧିକ କ୍ଷତିଗ୍ରସ୍ତ ହେବାରେ ଆଶଙ୍କା ଉପୁଜିଛି। ବିକାଶର ପ୍ରକ୍ରିୟାରେ ଯେପରି ଆମର ପରିବେଶ ପ୍ରଦୂଷିତ ନହେବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଆରୁଖ ରାଜ୍ୟ ଜୟଦେବ ଭବନ ଠାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ୩୬ତମ ସ୍ଥାପନା ଦିବସକୁ ଉଦଘାଟନ କରି କହିଲେ ନାଗରିକମାନଙ୍କୁ ଗୁଣାତ୍ମକ ଜୀବନଶୈଳୀ ନିମନ୍ତେ ଆବଶ୍ୟକୀୟ ଏକ ସୁସ୍ଥ ଏବଂ ଉତ୍ତମ ପରିବେଶ ପ୍ରଦାନ କରିବା ଦିଗରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ସହଯୋଗରେ ବୋର୍ଡ଼ ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ରାଜ୍ୟରେ ବାୟୁ ଓ ଜଳ ପ୍ରଦୂଷଣ ମାତ୍ରାକୁ ଅନୁମୋଦିତ ମାତ୍ରା ମଧ୍ୟରେ ସୀମିତ ରଖିବାକୁ ଯଥାସମ୍ଭବ ପ୍ରୟାସ କରାଯାଉଛି। ଶିଳ୍ପ ଓ ଖଣିରୁ ସୃଷ୍ଟି ହେଉଥିବା ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ସଫଳତା ମିଳିଛି। ସହରାଞ୍ଚଳରୁ ନିର୍ଗତ ବର୍ଜ୍ୟଜଳ ଦ୍ୱାରା ନଦୀଜଳ ପ୍ରଦୂଷିତ ହେଉଥିବାରୁ ଏହାକୁ ପ୍ରତିହତ କରିବା ପାଇଁ ବିଭିନ୍ନ ସହରରେ ସିୱେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯାଉଛି। ଏଥିସହିତ ପ୍ଲାଷ୍ଟିକ ଦ୍ୱାରା ପରିବେଶ ପ୍ରଦୂଷିତ ଆଶଙ୍କା ଅଧିକା ଥିବାରୁ ଆସନ୍ତା ଗାନ୍ଧୀଜୟନ୍ତୀରୁ ରାଜ୍ୟର ସମସ୍ତ ପୌର ପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରିବା ଦିଗରେ ମନ୍ତ୍ରୀ ଶ୍ରୀ ଆରୁଖ ଜନସାଧାରଣଙ୍କ ସମ୍ପୃକ୍ତି ଓ ସହଯୋଗ କାମନା କରିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ମୋନା ଶର୍ମା ରାଜ୍ୟର ୬ଟି ସହରାଂଚଳର ପାରିପାର୍ଶ୍ୱିକ ବାୟୁରେ ପ୍ରଦୂଷଣ ମାତ୍ରାକୁ ହ୍ରାସ କରିବା ଦିଗରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ରାଜ୍ୟ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ପରିବେଶ ନିର୍ଦ୍ଦେଶକ ତଥା ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ଡ. କେ. ମୁରୁଗେସାନ ତାଙ୍କ ବକ୍ତବ୍ୟରେ ଶିଳ୍ପାୟନ ଦ୍ୱାରା ସୃଷ୍ଟି ହୋଇଥିବା ରାଜ୍ୟର ପ୍ରମୁଖ ପ୍ରଦୂଷିତ ଅଂଚଳର ସମସ୍ୟା ଓ ଏହାର ନିରାକରଣ ଦିଗରେ ନିଆଯାଇଥିବା ପଦକ୍ଷେପ, ନଦୀଜଳ ପୁନର୍ଜିବୀକରଣ ଓ ସହରାଞ୍ଚଳ ବର୍ଜ୍ୟବସ୍ତୁର ସମସ୍ୟା ଓ ଏହାର ସମାଧାନ ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବୋର୍ଡ଼ର ସଦସ୍ୟ ସଚିବ ଦେବୀଦତ୍ତ ବିଶ୍ୱାଳ ୨୦୧୮-୧୯ର ବାର୍ଷିକ ବିବରଣୀ ପାଠ କରିଥିଲେ। ଡଃ ମହେନ୍ଦ୍ର କୁମାର ରାଉତ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ପୂର୍ବତନ ଅଧ୍ୟକ୍ଷ ତଥା ଆଇଆଇଟି ଖଡ଼ଗପୁରର ପ୍ରାକ୍ତନ ପ୍ରଫେସର ବିନୟ କୁମାର ଦତ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ ବୋର୍ଡ଼ ଦ୍ୱାରା ପ୍ରକାଶିତ ପରିବେଶ ସମାଚାର, ଡିଷ୍ଟ୍ରିକ୍ଟ ୱାଇଜ ଆକ୍ସନ ପ୍ଲାନ ଅଫ ଓଡ଼ିଶା ଓ ଷ୍ଟାଟସ୍ ଆଣ୍ଡ ଟ୍ରେଣ୍ଡ କୋଷ୍ଟାଲ ପାରାମିଟରସ, ୨୦୧୩-୧୮ ଉନ୍ମୋଚିତ ହୋଇଥିଲା। ଶିଳ୍ପ ଶ୍ରେଣୀରେ ମେସର୍ସ ଜେ.କେ. ପେପର ମିଲ୍, ରାୟଗଡ଼ାକୁ ପଲ୍ୟୁସନ କଣ୍ଟ୍ରୋଲ ଏକ୍ସଲେନ୍ସ ଆୱାର୍ଡ, ଢେଙ୍କାନାଳ ଜିଲ୍ଲାର ଜିଏମଆର କମଳାଙ୍ଗ ଏନର୍ଜି ଲିମିଟେଡକୁ ପଲ୍ୟୁସନ କଂଟ୍ରୋଲ ଆପ୍ରିସିଏସନ ଆୱାର୍ଡ, ଖଣି ଶ୍ରେଣୀରେ ଇମ୍ଫାଗୁପର ସୁକିନ୍ଦା କ୍ରୋମାଇଟ୍ ମାଇନ୍ସକୁ ପଲ୍ୟୁସନ କଣ୍ଟ୍ରୋଲ ଆପ୍ରିସିଏସନ ଆୱାର୍ଡ଼ ପ୍ରଦାନ କରାଯାଇଥିବାବେଳେ କଟକର ଶିଶୁଭବନକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପଲ୍ୟୁସନ କଣ୍ଟ୍ରୋଲ ଆପ୍ରିସିଏସନ ଆୱାର୍ଡ଼ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ୱର୍ଗତ ମହେନ୍ଦ୍ର କୁମାର ରାଉତଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବୋର୍ଡ଼ର ମୁଖ୍ୟ ପରିବେଶ ବୈଜ୍ଞାନିକ ଡାଃ ପ୍ରମୋଦ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜରିମାନାକୁ ...

ଗାଡି ଚାଳକମାନେ ଜାଣି ରଖିବା ଉଚିତ୍ ଯେ, ବିକଶିତ ରାଷ୍ଟ୍ର ମାନଙ୍କରେ ଏହାର ପରିମାଣ କେତେ। ଯେଉଁ ଗଣତାନ୍ତ୍ରିକ ରାଷ୍ଟ୍ର ଓ ମାନବିକ ଅଧିକାର ସମ୍ପର୍କରେ ଅଧିକ ସଚେତନ ସେଭଳି ଦେଶ ମାନଙ୍କରେ ଆମ ଦେଶରେ ଲାଗୁ କରାଯାଇଥିବା ଜରିମାନାର ପରିମାଣ ଠାରୁ ଢେର ଅଧିକ। ଜାପାନ, ବ୍ରିଟେନ୍ ଓ ଆମେରିକା ଭଳି ଦେଶ ମାନଙ୍କରେ ମଟର ଯାନ ନିୟମ ଉଲ୍ଲଙ୍ଘନ କଲେ ଜରିମାନାର ପରିମାଣ ଭାରତୀୟ ମୁଦ୍ରାରେ କେତେଗୁଣ ଅଧିକ ଯେ ତାହା ଚିନ୍ତା କରିହେବନାହିଁ। ଉଦାହରଣ ସ୍ୱରୂପ ବିନା ଲାଇସେନ୍ସରେ ଆମ ଦେଶରେ ଗାଡି ଚଳାଇଲେ ନୂଆ ନିୟମ ଅନୁସାରେ ୧୦,୦୦୦ ଟଙ୍କା ଜରିମାନା ପଡୁଥିବା ବେଳେ ଜାପାନରେ ଏହି ଫାଇନ୍ ୭,୭୦,୦୦୦ ଟଙ୍କାରୁ ଅଧିକ, ଆମେରିକାରେ ୧,୩୦,୦୦୦ ଟଙ୍କା ଉପରେ ଓ ବ୍ରିଟେନରେ ୨,୨୦,୦୦୦ ଟଙ୍କା ଉପରେ। ଏଥିରୁ ଅନୁମାନ କରନ୍ତୁ ଆମ ଦେଶରେ ଜରିମାନାର ପରିମାଣ ଏବଂ ବିକଶିତ ରାଷ୍ଟ୍ର ମାନଙ୍କରେ ଏହାର ପରିମାଣ କେତେ। ବିକାଶ, ଶିକ୍ଷା ଓ ସଭ୍ୟତାର କଥା କହୁଥିବା ଭାରତୀୟମାନେ ଆଗକୁ ବଢ଼ିବାକୁ ହେଲେ ଦେଶରେ ପ୍ରଚଳିତ ନୀତି ନିୟମକୁ ସମ୍ମାନ ଦେବା କଥା। ସରକାର ଜନସାଧାରଣଙ୍କ ଜୀବନ ସୁରକ୍ଷିତ ରଖିବା ପାଇଁ ମଟର ଯାନ ଆଇନରେ ପରିବର୍ତ୍ତନ ଆଣି ଯେଉଁ ସଂସ୍କାର ମୂଳକ ପଦକ୍ଷେପ ନେଇଛନ୍ତି ଏହାକୁ ସ୍ୱୀକାର କରିବା ଜନସାଧାରଣଙ୍କ କର୍ତ୍ତବ୍ୟ। ତେଣୁ ଅଯଥାରେ ଅନ୍ୟକୁ ଦୋଷାରୋପ କରି ନିଜେ ଆଇନକୁ ଫାଙ୍କି ଦେବାର ଯେଉଁ ଉଦ୍ୟମ ହେଉଛି ତାହା ଆଦୌ ଗ୍ରହଣୀୟ ନୁହେଁ। ପରିବହନ କର୍ମଚାରୀ କିମ୍ବା ପୋଲିସ ଉପରେ ଦୋଷାରୋପ କରି ଯେଉଁମାନେ ଆଇନକୁ ଫାଙ୍କିବାକୁ ଉଦ୍ୟମ କରୁଛନ୍ତି ସେମାନେ ଜାଣିରଖିବା ଉଚିତ୍ ଯେ, ନିୟମ କଠୋର ନହେଲେ ବ୍ୟବସ୍ଥାକୁ ଭଙ୍ଗ କରୁଥିବା ଲୋକେ ସୁଧୁରିବେ ନାହିଁ। ରାଜମହଲ ଘଟଣା ପରେ ରାଜ୍ୟ ସରକାର ଯଦିଓ ଏହାକୁ ତିନିମାସ କୋହଳ କରିଛନ୍ତି ସେହି ସୁବିଧା ଆଳରେ ପୁଣି ରାସ୍ତା ଉପରେ ମଦ୍ୟପ ଗାଡି ଚାଳକମାନେ ଉତ୍ପାତ ନକରିବା ଉଚିତ୍। ଆଇନକୁ ଫାଙ୍କି ଦେଲେ ଏହାର କୁପରିଣାମ ସେମାନଙ୍କୁ ହିଁ ଭୋଗ କରିବାକୁ ପଡିବ। ଯାହା ଜଣାପଡେ ନୂଆ ମଟର ଯାନ ଆଇନ ଆସିଲା ପରେ ଦେଶର ବିଭିନ୍ନ ରାଜ୍ୟରେ ଦୁର୍ଘଟଣାର ହାର ହ୍ରାସ ପାଇଛି। ଯେଉଁ ମଦୁଆ ଗାଡିଚାଳକ ମାନେ ଭବିଷ୍ୟତର ପରିଣାମ ସମ୍ପର୍କରେ ଚିନ୍ତା ନକରି ମଦ ପିଇ ଗାଡି ଚଳାଉଛନ୍ତି ସେମାନେ ନିଜ ଜୀବନ ନେବା ସହିତ ସାଧାରଣ ଲୋକଙ୍କ ପାଇଁ ଅପୂରଣୀୟ କ୍ଷତି ଘଟାଉଛନ୍ତି। ଅନ୍ୟକଥା ହେଲା କେବଳ ଜନସାଧାରଣ ଚେତିଲେ ଅବସ୍ଥା ସୁଧୁରିବ ନାହିଁ। ବ୍ୟବସ୍ଥା ସହିତ ସାମିଲ ଥିବା ଅଧିକାରୀଗଣ, ବୀମା କମ୍ପାନୀ, ପୋଲିସ ଓ ପରିବହନ ବିଭାଗ ନିଜ ନିଜ ଭିତରେ ଉତ୍ତମ ସମନ୍ୱୟ ରଖି ଜନସାଧାରଣଙ୍କୁ ସଚେତନ କରାଇବା ସହିତ ଆଇନକୁ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରିପାରିଲେ ଦୁର୍ଘଟଣା ନିଶ୍ଚୟ କମିବ। ସମସ୍ତେ ଜାଣିରଖିବା ଉଚିତ୍ ଯେ, ଆଇନ କେବଳ ସରକାରଙ୍କ ଫାଇଦା ପାଇଁ ନୁହେଁ, ଏହା ଜନସାଧାରଣଙ୍କ ହିତ ପାଇଁ।

### ଘରୋଇ କମ୍ପାନୀ ...

ଏହା ୨୦୧୯-୨୦ ଆର୍ଥିକ ବର୍ଷ ଠାରୁ ଲାଗୁ ହେବ। ୧ ଅକ୍ଟୋବର ୨୦୧୯ କିମ୍ବା ଏହାପରେ ପ୍ରତିଷ୍ଠିତ ହୋଇଥିବା ଯେକୌଣସି ନୂଆ ଉତ୍ପାଦନଭିତିକ ଘରୋଇ କମ୍ପାନୀକୁ ୧୫% ଦରରେ ଟିକସ ପଇଠ କରିବାର ବିକଳ୍ପ ମିଳିବ। ତେବେ କୌଣସି ପ୍ରକାରର ରିହାତି କିମ୍ବା ପ୍ରୋତ୍ସାହନର ଲାଭ ନେଉଥିବା ଏବଂ ୩୧ ମାର୍ଚ୍ଚ ୨୦୨୩ କିମ୍ବା ତା' ପୂର୍ବରୁ ଉତ୍ପାଦନ ଆରମ୍ଭ କରୁଥିବା କମ୍ପାନୀକୁ ଏହି ସୁବିଧା ମିଳିବ ନାହିଁ। ସରଚାର୍ଜ ଏବଂ ସେସ୍‌କୁ ମିଶାଇ ଏହି କମ୍ପାନୀଗୁଡ଼ିକ ପାଇଁ ଲାଗୁ ଟିକସ ଦର ୧୭.୦୧% ରହିବ। ଏପରି କମ୍ପାନୀଗୁଡ଼ିକୁ ସର୍ବନିମ୍ନ ବିକଳ୍ପ ଟିକସ ପଇଠ କରିବାର ମଧ୍ୟ ଆବଶ୍ୟକତା ରହିବ ନାହିଁ। ରିହାତି ଟିକସ ବ୍ୟବସ୍ଥାର ବିକଳ୍ପ ଚୟନ କରୁନଥିବା ତଥା ଟିକସ ଛାଡ଼ କିମ୍ବା ପ୍ରୋତ୍ସାହନର ଲାଭ ଉଠାଉଥିବା କମ୍ପାନୀକୁ ପୂର୍ବ ସଂଶୋଧିତ ଦରରେ ଟିକସ ପଇଠ କରିବାକୁ ପଡ଼ିବ। ତେବେ ଏପରି କମ୍ପାନୀ ନିଜ ଟିକସ ଛାଡ଼ ଅବଧି ଶେଷ ହେବା ପରେ ରିହାତି ଟିକସ ବ୍ୟବସ୍ଥାର ବିକଳ୍ପ ଚୟନ କରିପାରିବେ। ବିକଳ୍ପ ଚୟନ କରିବା ପରେ ସେମାନେ ୨୨% ଦରରେ ଟିକସ ପଇଠ କରିବା ଲାଗି ଉତରଦାୟୀ ହେବେ। ଥରେ ଏହି ବିକଳ୍ପ ଚୟନ କରିବା ପରେ ଏହି ବିକଳ୍ପକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ। ରିହାତି କିମ୍ବା ପ୍ରୋତ୍ସାହନର ଲାଭ ନେବା ଜାରି ରଖୁଥିବା କମ୍ପାନୀଗୁଡ଼ିକୁ ରିହାତି ପ୍ରଦାନ କରିବା ଲାଗି ସର୍ବନିମ୍ନ ବିକଳ୍ପ ଟିକସ ଦରକୁ ୧୮.୫%ରୁ ହ୍ରାସ କରି ୧୫% କରି ଦିଆଯାଇଛି। ପୁଞ୍ଜି ବଜାରରେ ଅର୍ଥ ପ୍ରବାହକୁ ସ୍ଥିର ରଖିବା ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତି, ଏଚୟୁଏଫ, ଏଓପି, ବିଓଆଇ ଏବଂ ଏଜେପି ହାତରେ ଥିବା ଏକ କମ୍ପାନୀ କିମ୍ବା ଇକ୍ୟୁଟି ଆଧାରିତ ପାଣ୍ଠି, କିମ୍ବା ପ୍ରତିଭୂତି କାରବାର ଟିକସ ପାଇଁ ଉତରଦାୟୀ ଏକ ବ୍ୟବସାୟିକ ଟ୍ରଷ୍ଟର ଏକ ୟୁନିଟରେ ଇକ୍ୟୁଟି ଶେୟାର ବିକ୍ରିରୁ ମିଳୁଥିବା ପୁଞ୍ଜି ଲାଭ ଉପରେ ଅର୍ଥ (ସଂଖ୍ୟା ୨), ଆଇନ ୨୦୧୯ ଦ୍ୱାରା ବର୍ଦ୍ଧିତ ସରଚାର୍ଜ ଲାଗୁ ହେବ ନାହିଁ। ବର୍ଦ୍ଧିତ ସରଚାର୍ଜ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ) ଦ୍ୱାରା ଡେରିଭେଟିଭ୍ସ ସମେତ କୌଣସି ପ୍ରକାର ପ୍ରତିଭୂତି ବିକ୍ରିରୁ ହେଉଥିବା ଲାଭ ଉପରେ ମଧ୍ୟ ଲାଗୁ ହେବ ନାହିଁ। ୬.୫ ଜୁଲାଇ ୨୦୧୯ ପୂର୍ବରୁ ଶେୟାର ବାଏବ୍ୟାକ ଘୋଷଣା କରୁଥିବା ତାଲିକାଭୁକ୍ତ କମ୍ପାନୀଗୁଡ଼ିକୁ ଏଥିପାଇଁ ଲାଗୁ ହେଉଥିବା ଟିକସ ଦେବାକୁ ପଡ଼ିବ ନାହିଁ। ଉକ୍ତ କମ୍ପାନୀଗୁଡ଼ିକୁ ରିହାତି ଦେବା ଲାଗି ଏହି ନିଷ୍ପତି ନିଆଯାଇଛି। ସିଏସଆର ଅନ୍ତର୍ଗତ ହେଉଥିବା ୨% ଖର୍ଚ୍ଚର ପରିଧି ବୃଦ୍ଧି କରିବା ଲାଗି ମଧ୍ୟ ସରକାର ନିଷ୍ପତି ନେଇଛନ୍ତି। ବର୍ତ୍ତମାନ ୨% ସିଏସଆର ଅର୍ଥରାଶି କେନ୍ଦ୍ର କିମ୍ବା ରାଜ୍ୟ ସରକାର କିମ୍ବା ଅନ୍ୟ କୌଣସି ଏଜେନ୍ସି କିମ୍ବା କେନ୍ଦ୍ର ଓ ରାଜ୍ୟର ରାଷ୍ଟ୍ରାୟତ ଉଦ୍ୟୋଗ ଦ୍ୱାରା ଅର୍ଥ ଯୋଗାଣ ହେଉଥିବା ଇନକ୍ୟୁବେଟର୍ସ ଉପରେ ମଧ୍ୟ ଖର୍ଚ୍ଚ କରାଯାଇପାରିବ। ଏଥିସହିତ ଏସଡିଜିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଏବଂ ମେଡିସିନ କ୍ଷେତ୍ରରେ ଗବେଷଣା କରୁଥିବା ସରକାରୀ ବିଶ୍ୱ ବିଦ୍ୟାଳୟ, ଆଇଆଇଟି, ଜାତୀୟ ଗବେଷଣାଗାର ଏବଂ ସ୍ୱାୟତ ସଂସ୍ଥା (ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଆଇସିଏଆର, ଆଇସିଏମଆର, ସିଏସଆଇଆର, ଡିଏଇ, ଡିଆରଡିଓ, ଡିଏସଟି ଅଧୀନରେ ପ୍ରତିଷ୍ଠିତ) ଲାଗି ମଧ୍ୟ ଏହି ଅର୍ଥ ଖର୍ଚ୍ଚ କରାଯାଇପାରିବ। କର୍ପୋରେଟ ଟିକସ ଦରରେ ରିହାତି ଏବଂ ଅନ୍ୟ ରିହାତି ଘୋଷଣା ହେବା ଫଳରେ ରାଜକୋଷ ଉପରେ ୧,୪୫,୦୦୦ କୋଟି ଟଙ୍କାର ବୋଝ ପଡ଼ିବ।

### ଗାନ୍ଧି ଜୟନ୍ତୀରୁ ...

ଜୟନ୍ତୀ ପର୍ଯ୍ୟନ୍ତ ପାଳନ କରିବ। ଏହି ଅବସରରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ, ଅକ୍ଟୋବର ୯ ତାରିଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଏବଂ ଅକ୍ଟୋବର ୧୧ ତାରିଖରେ ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କ ଜୟନ୍ତୀ ସହରଠାରୁ ଆରମ୍ଭ କରି ପୁରପଲ୍ଲୀ ପର୍ଯ୍ୟନ୍ତ ପାଳନ କରାଯିବ। ପଦଯାତ୍ରା ଅବଧି ମଧ୍ୟରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନକୁ ଆହୁରି ବ୍ୟାପକ କରାଯିବା ସହ ବିଜେଡିର ନୀତି ଏବଂ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ନୂଆ ସଦସ୍ୟଙ୍କୁ ସାମିଲ କରିବା ପାଇଁ ଯୁବକ, ଛାତ୍ର ଏବଂ ମହିଳାମାନଙ୍କୁ ଉତ୍ସାହିତ କରାଯିବ। ପ୍ରଶାସନିକ ବ୍ୟବସ୍ଥାକୁ ଆହୁରି ସ୍ୱଚ୍ଛ ଏବଂ କ୍ରିୟାଶୀଳ କରିବା ପାଇଁ ଉଦ୍ଦିଷ୍ଟ ୫-ଟି ଓ ମୋ ସରକାର ଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ସହରାଞ୍ଚଳ ଏବଂ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ କ୍ଷେତ୍ରୀୟ ପର୍ଯ୍ୟବେକ୍ଷକ, ବ୍ଲକ ଏବଂ ନଗରାଞ୍ଚଳରେ ଜିଲ୍ଲା ପର୍ଯ୍ୟବେକ୍ଷକ ଓ ଜିଲ୍ଲା ସଂଯୋଜକ, ନିର୍ବାଚନମଣ୍ଡଳୀ ଏବଂ ଜିଲ୍ଲା ସ୍ତରରେ ଜିଲ୍ଲା ସଭାପତି, ବିଧାୟକମାନେ ଉପସ୍ଥିତ ରହି ଜନସମ୍ପର୍କ ପଦଯାତ୍ରା ସହ ସଦସ୍ୟତା କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ଦଳର ସୁପ୍ରିମୋ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଦଳର ମହିଳା, କୃଷକ, ସଂଖ୍ୟାଲଘୁ, ଶ୍ରମିକ, ଦଳିତ, ଜନଜାତି, ସମବାୟ, ଆଇନ, ଯୁବ ଏବଂ ଛାତ୍ର ଶାଖା ସହିତ ବିଜେଡିର ଅନ୍ୟାନ୍ୟ ପ୍ରମୁଖ ସଂଗଠନ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। କାର୍ଯ୍ୟକ୍ରମ ସମ୍ବନ୍ଧିତ ସମସ୍ତ ବିବରଣୀ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବ। ଏହିସବୁ କାର୍ଯ୍ୟକ୍ରମକୁ ସୁପ୍ରିମୋ ନିଜେ ଅନୁଧ୍ୟାନ କରିବେ। ଦଳର ତୃଣମୂଳସ୍ତରର କର୍ମକର୍ତ୍ତା ଓ କର୍ମୀଙ୍କୁ ସାଥୀରେ ଧରି ପ୍ରତି ଘରେ ପହଞ୍ଚିବାକୁ ଦଳୀୟ ସୁପ୍ରିମୋ କର୍ମୀଙ୍କ ଆହ୍ୱାନ ଦେଇଛନ୍ତି। ଏହାସହ ସମସ୍ତଙ୍କୁ ପରିବର୍ତ୍ତନର ବାର୍ତ୍ତାବହ ହେବାକୁ ପରାମର୍ଶ ଦେଇଛନ୍ତି। ନିଜର ଛାତ୍ର ଏବଂ ଯୁବ ସଂଗଠନ ଦ୍ୱାରା ରାଜ୍ୟରେ ଏକ ପ୍ରମୁଖ ଭୋଟ ବ୍ୟାଙ୍କ ପ୍ରସ୍ତୁତ କରିପାରିଥିବା ବିଜେଡି ଏବେ ଅଧିକ ଭୋଟରଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି କରୁଛି। ଏହି ଜନସମ୍ପର୍କ ପଦଯାତ୍ରା ଜରିଆରେ ସମସ୍ତ ବର୍ଗଙ୍କୁ ଦଳ ପ୍ରତି ଆକର୍ଷିତ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି। ସଦସ୍ୟତା ଅଭିଯାନ ଆରମ୍ଭ ହେବା ପରେ ପ୍ରତି ସଂସଦୀୟ କ୍ଷେତ୍ରର ଭୋଟରଙ୍କୁ ଦଳ ଫୋକସ୍ କରିଛି। ତେଣୁ ଦଳର ସଭାପତି ଏହି କାର୍ଯ୍ୟକ୍ରମର ସଫଳତା ନେଇ ଆଶା ପ୍ରକାଶ କରିଛନ୍ତି।

### ବଳାତ୍କାରୀଙ୍କୁ ...

ବଳାତ୍କାର ଓ ହତ୍ୟା ମାମଲାରେ ଏଡିଜେ କୋର୍ଟ ପୋକ୍‌ସୋ ଆଇନ ଆଧାରରେ ଅଭିଯୁକ୍ତକୁ ଫାଶୀ ଦଣ୍ଡାଦେଶ ଶୁଣାଇଥିଲେ। ଗତ ୨୦୧୮ ମାର୍ଚ୍ଚ ୨୧ରେ ନାବାଳିକା ଦାଣ୍ଡରେ ଖେଳୁଥିବା ବେଳେ ଅଭିଯୁକ୍ତ ଜଣଙ୍କ ତାକୁ ଉଠାଇ ନେଇ କାଜୁ ଜଙ୍ଗଲରେ ବଳାତ୍କାର କରିବା ପରେ ହତ୍ୟା କରିଥିଲା। ଏହି ଘଟଣାରେ ୨୫ଜଣ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ଅଭିଯୁକ୍ତ ଲବ ମାନା ଓରଫ କାଳିଆକୁ ଫାଶୀ ଦଣ୍ଡାଦେଶ ଦେଇଥିଲେ। ସେହିପରି ଗତ ଗୁରୁବାର ଚଳିତ ମାସର ଦ୍ୱିତୀୟ ତଥା ରାଜ୍ୟର ଚତୁର୍ଥ ଫାଶୀ ଦଣ୍ଡାଦେଶ ହୋଇଛି। କଟକ ଜିଲ୍ଲା ସାଲେପୁରରେ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ଦୋଷୀକୁ ଅଦାଲତ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସେକ୍ ମୁସ୍ତାକକୁ କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୮ ଏପ୍ରିଲ ୨୧ ତାରିଖରେ ସାଲେପୁର ଅଞ୍ଚଳରେ ଏହି ଘଟଣା ଘଟିଥିଲା। ୬ ବର୍ଷର ନାବାଳିକା ଜଣକ ନିଜ ଭାଇ ସହ ଖେଳୁଥିବା ସମୟରେ ଚକୋଲେଟ ଦେବା ବାହାନାରେ ମୁସ୍ତାକ ତାକୁ ଡାକି ନେଇ ବଳାତ୍କାର କରିଥିଲା। ପରେ ଏକ ଇଟାରେ ପୀଡିତାଙ୍କ ମୁଣ୍ଡକୁ ଛେଚି ହତ୍ୟା କିରବାକୁ ଉଦ୍ୟମ କରିଥିଲା। ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ପୀଡିତା ଜଣଙ୍କ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଥିଲେ।

### ଆଶୀର୍ବାଦଙ୍କ ...

ସିବିଆଇକୁ ପ୍ରଦାନ କରାଯାଇଥିଲା। ଏହି ମାମଲାରେ ଆଶୀର୍ବାଦଙ୍କ ସମେତ ତାଙ୍କ ପୁଅ ଓ ଜ୍ୱାଇଁଙ୍କୁ ମଧ୍ୟ ଜେରା କରାଯାଇଥିଲା। ଏବେବି ମାମଲାର ତଦନ୍ତ ପ୍ରକ୍ରିୟା ସରିନାହିଁ। ଯେଉଁ ସମୟରେ ସିବିଆଇ ଏଟି ଗ୍ରୁପ୍ ସହ ଆଶୀର୍ବାଦଙ୍କ ଲିଙ୍କ୍ ତଦନ୍ତ ଆରମ୍ଭ କରିଥିଲା, ସେତେବେଳେ ମଧ୍ୟ ଓସିଏକୁ ତଦନ୍ତ ପରିସରକୁ ଅଣାଯାଇଥିଲା। ଆଶୀର୍ବାଦଙ୍କ ସହିତ ଆଉ ତିନିଜଣ ଅଧିକାରୀଙ୍କୁ ସିବିଆଇ ବାରମ୍ବାର ଜେରା କରିଥିଲା। ତତ୍କାଳୀନ କୋଷାଧ୍ୟକ୍ଷ ସତ୍ୟ ମହାନ୍ତି ୨୦୧୪, ନଭେମ୍ବର ୧୮ ତାରିଖରେ ସିବିଆଇ କାର୍ଯ୍ୟାଳୟରୁ ବାହାରିଲା ବେଳେ ଗଣମାଧ୍ୟମକୁ କହିଥିଲେ ଯେ, ଏଟି ଗ୍ରୁପ୍ ସହିତ ପ୍ରାୟୋଜକ ବାବଦକୁ ୧ କୋଟି ଟଙ୍କାର ଚୁକ୍ତି ହୋଇଥିଲା। ସେଥିମଧ୍ୟରୁ ଓଡ଼ିଶା ରଣଜୀ ଦଳ ଅଷ୍ଟ୍ରେଲିଆକୁ ଯାଇଥିବା ସମୟରେ ୫୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା ଏବଂ ମାଇକେଲ ବେଭାନଙ୍କ ପ୍ରଶିକ୍ଷକ ନିଯୁକ୍ତି ପାଇଁ ୫୭ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ଓଡ଼ିଶା ଦଳର ଜର୍ସି ଓ ଲୋଗ ବ୍ୟବହାର ବାବଦକୁ ୩୦ଲକ୍ଷ ଟଙ୍କା ଓସିଏ ବ୍ୟୟ କରିଥିବା ଶ୍ରୀ ମହାନ୍ତି ସେତେବେଳେ ସୂଚନା ଦେଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଶୀର୍ବାଦ ଚାହୁଁଥିଲେ ତାଙ୍କ ପରେ ତାଙ୍କର ଦୁଇପୁତ୍ର ସତ୍ୟବ୍ରତ ଓ ସଞ୍ଜୟଙ୍କୁ ଓସିଏର ମୁଖ୍ୟ ଆସନରେ ବସାଇବେ। ଯେଉଁଥିପାଇଁ ଓସିଏର ଉପସଭାପତି ଓ ଯୁଗ୍ମ ସମ୍ପାଦକ ପଦବୀ ସଂଖ୍ୟା ବୃଦ୍ଧି କରାଯାଇଥିଲା। ସିବିଆଇ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ୨୦୧୧ ମସିହାରେ ଓସିଏର ସମ୍ପାଦକ ଥିବା ବେଳେ ଆଶୀର୍ବାଦ ଓପିଏଲ୍ ଟୁର୍ଣ୍ଣାମେଣ୍ଟ ପାଇଁ ଅର୍ଥତତ୍ତ୍ୱ ଠାରୁ ୧ କୋଟି ଟଙ୍କା ନେଇଥିଲେ। ତେବେ ଏହି ଟଙ୍କାର ହିସାବ ସିବିଆଇକୁ ଦେଇପାରି ନଥିଲେ ଆଶୀର୍ବାଦ। ସେହିପରି ସୋଲାନ୍-ଇନ୍ ମାଲିକ କମଳାକାନ୍ତ ମଧ୍ୟ ଅର୍ଥତତ୍ତ୍ୱର ସୁନ୍ଦରପଦା ଅଞ୍ଚଳରେ ଥିବା କେତେକ ଫ୍ଲାଟ ବିକ୍ରି କରିଥିଲେ ଏବଂ ଏହି ବିକ୍ରିଲବ୍ଧ ଟଙ୍କାକୁ ସେ ଏଟିକୁ ଫେରାଇ ନଥିଲେ। ଆଶୀର୍ବାଦ ଗିରଫ ହେବା ପରେ ତାଙ୍କ ପୁଅ ସଞ୍ଜୟ ବେହେରା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଜାଣିଶୁଣି ବାପାଙ୍କୁ ଷଡଯନ୍ତ୍ର କରି ଫସାଇ ଦିଆଯାଇଛି। ଯେହେତୁ ଓସିଏ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ହେବାର ଥିଲା। ସେହିଭଳି ସିବିଆଇ ଦ୍ୱାରା ଗିରଫ ହୋଇଥିବା ଆଶୀର୍ବାଦ ଗଣମାଧ୍ୟମକୁ କହିଛନ୍ତି, ମୋତେ ଗିରଫ କରାଯିବାର ରହସ୍ୟ କ'ଣ ଆପଣମାନେ ଭଲ ଭାବେ ଜାଣିଛନ୍ତି। ୧୨ବର୍ଷ ପରେ ଗିରଫ କରାଯିବାର ଅର୍ଥ କ'ଣ ? ଏହା ପଛରେ ରହିଥିବା ଷଡଯନ୍ତ୍ରକାରୀଙ୍କୁ ଆପଣମାନେ ବାହାର କରନ୍ତୁ। ହେଲେ ଆଶୀର୍ବାଦ ଓ କମଳାକାନ୍ତଙ୍କ ବିରୋଧ ସମ୍ପର୍କରେ ସିବିଆଇ ଏସ୍‌ପି ଜେଏନ୍ ରାଣା କହିଛନ୍ତି, ସିବିଆଇ ଆଶୀର୍ବାଦ, କମଳାକାନ୍ତ ଓ ସମ୍ବିତ ଖୁଣ୍ଟିଆ ପ୍ରମୁଖ ତିନିଜଣ ଅଭିଯୁକ୍ତଙ୍କ ବିରୋଧରେ ସିବିଆଇ ଚାର୍ଜସିଟ୍ ଦାଖଲ କରିଥିଲା। ସମ୍ବିତ ଖୁଣ୍ଟିଆ ହାଇକୋର୍ଟରୁ ଆଗୁଆ ଜାମିନ ପାଇଯାଇଥିଲେ। ହେଲେ ଆଶୀର୍ବାଦ ଓ କମଳାକାନ୍ତଙ୍କୁ କୋର୍ଟ ୱାରେଣ୍ଟି ବଳରେ ଗିରଫ କରାଯାଇଛି। ଶୁଣାଯାଏ ଆଶୀର୍ବାଦଙ୍କ ଗିରଫ ପରେ ପୁଣିଥରେ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ମନରେ ଛନକା ପଶିଛି।

### ଚମକିବ ...

ସମସ୍ତ ଯାତ୍ରୀ ସୁବିଧା ଉପଲବ୍ଧ କରାଯିବ। ସେହିଭଳି, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୬୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି ଯେଉଁଥିରେ ତଳ ମହଲା ସହିତ ଦୁଇ ମହଲା ନୂତନ ଷ୍ଟେସନ ବିଲଡିଙ୍ଗ ନିର୍ମାଣ କରାଯିବ। ଭୁବନେଶ୍ୱର ରେଳ ଷ୍ଟେସନର ବିକାଶ କାର୍ଯ୍ୟ ୧୨ ଏକର ପରିମିତ ଜମି ଉପରେ କରାଯିବ। ଏଥିପାଇଁ ୮୪୦ କୋଟି ବ୍ୟୟ ହେବ। ଏହି ଅର୍ଥ ରାଜ୍ୟ ସରକାର ବହନ କରିବେ। ଏହା ବ୍ୟତୀତ ସମସ୍ତ ପ୍ରକାର ସହଯୋଗ ଓ ଆନୁସଂଗିକ ଭିତିଭୂମି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଅନ୍ୟ ପକ୍ଷରେ ଏ ସମ୍ପର୍କରେ ହୋଇଥିବା ବୁଝାମଣାପତ୍ର ଓଡ଼ିଶା ପାଇଁ ଏକ ଐତିହାସିକ ଦିବସ ବୋଲି କହିଥିଲେ। ସେ କହିଛନ୍ତି ଯେ, ଏହି ପ୍ରକଳ୍ପର ବିଲଟଅପ୍ ଏରିଆ ୧.୭୪ ଲକ୍ଷ ବର୍ଗଫୁଟ ଅଂଚଳରେ ସୀମିତ ରହିବ। ଏଥିରେ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ରହିବ। ଯାତ୍ରୀ ସୁବିଧା ସୁଯୋଗ ପୂର୍ବତଟ ରେଳବାଇର ସମନ୍ୱୟରେ କାର୍ଯ୍ୟକାରୀ ହେବ। ଯାହାକି ଯାତ୍ରୀ ମାନଙ୍କୁ ଏକ ନୂତନ ତଥା ସୁଖଦ ଅନୁଭୂତି ପ୍ରଦାନ କରିବ। ପ୍ରକଳ୍ପର କେନ୍ଦ୍ରୀୟ କଳ୍ପନା ଅନୁସାରେ ଭୁବନେଶ୍ୱର ରେଳ ଷ୍ଟେସନ-ମଲ୍ଟି-ମୋଡ଼ାଲ ହବ୍ ଏକ ଅତୁଳନୀୟ ସଟିସ୍କୋୟାରର ଉପସ୍ଥାପନା କରିବ ଯେଉଁଥିରେ କି ସହରର କେନ୍ଦ୍ର ସ୍ଥଳରେ ସୁଉଚ୍ଚ ଅଟ୍ଟାଳିକା ମାନ ରହିବା ସହ ବାଣିଜ୍ୟିକ, ରିଟେଲ, ହୋଟେଲ ଏବଂ ସର୍ଭିସ୍ ଆପାର୍ଟମେଂଟମାନ ରହିବ। ଏଥିରେ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଭିତିଭୂମି ଇଞ୍ଜିନିୟରିଂ ପ୍ରୋକ୍ୟୁରମେଣ୍ଟ ଏବଂ କନଷ୍ଟ୍ରକସନ୍ ମଡ଼େଲରେ ତିଆରି ହେବ ଏବଂ ଏଥିପାଇଁ ପ୍ରାୟ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଅପର ପକ୍ଷରେ ମିଶ୍ରିତ ପ୍ରକଳ୍ପ ଯେଉଁଥିରେ ମୁଖ୍ୟତଃ ରିୟଲ ଇଷ୍ଟେଟ୍ ରହିବ ତାହା ପବ୍ଲିକ୍ ପ୍ରାଇଭେଟ ପାର୍ଟନରସିପ ମଡ଼େଲରେ ହେବ ଏବଂ ଏଥିପାଇଁ ପ୍ରାୟ ୫୪୦ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ପ୍ରସ୍ତାବିତ ବିଶ୍ୱ ସ୍ତରୀୟ ଭୁବନେଶ୍ୱର ରେଳ ଷ୍ଟେସନ ପ୍ରକଳ୍ପ ଟେଣ୍ଡର ହେବାର ୩୦ ମାସ ମଧ୍ୟରେ ଶେଷ ହେବ।

# ବେଆଇନ ପଥର ଖଣି ବନ୍ଦ କରିବା ନେଇ ଜନସ୍ୱାର୍ଥ ମାମଲା କରିଥିବା ବ୍ୟକ୍ତିଙ୍କ ନାମରେ ପାଲଟା ମକଦ୍ଦମା

**ଖୋରଧା :** ଶ୍ରୀମନ୍ଦିର ପ୍ରଶାସନ ଓ ଖୋରଧା ଜିଲ୍ଲା ପ୍ରଶାସନର ଅପାରଗତାର ସୁଯୋଗ ନେଇ ଖଣି ମାଫିଆମାନେ ଖୋରଧା ବେଗୁନିଆ ଓ ଟାଙ୍ଗୀ ତହସିଲ ଅଧିନରେ ଥିବା ମୁଣ୍ଡିଆଗୁଡ଼ିକରୁ ଦିନ ଦ୍ୱିପ୍ରହରେ ଲୁଟ୍ କରି ଚାଲିଥିବାବେଳେ ମୁଣ୍ଡିଆ ନିକଟରେ ଥିବା ଗ୍ରାମ ଗୁଡ଼ିକର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ମୁଣ୍ଡିଆ ବ୍ଲାଷ୍ଟିଂ କରିବା ସମୟରେ ପଥର ଖଣ୍ଡମାନ ଆସି ନିକଟରେ ଥିବା ଗ୍ରାମ ଗୁଡ଼ିକ ଉପରେ ପଡ଼ିବା ସହିତ ଧାନ ଜମି, ଗ୍ରାମ୍ୟ ରାସ୍ତା ସବୁ କ୍ଷତିଗ୍ରସ୍ତ ହେଉଥିଲା। ଏହି ବେଆଇନ ପଥର ଖଣି ଗୁଡ଼ିକ ଖନନ ଉପରେ ରୋକ ଲଗାଇବା ନିମନ୍ତେ ସାମାଜିକ କର୍ମୀ ପ୍ରକାଶ କୁମାର ହାତୀ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଡ଼ବ୍ଲୁ.ପି (ସି) ପି.ଆଇ.ଏଲ ନଂ.୭୯୩୯/୨୦୧୬ ଏକ ଜନସ୍ୱାର୍ଥ ମାମଲା ଦାଖଲ କରିଥିଲେ। ଫଳରେ ମାନ୍ୟବର ଉଚ୍ଚନ୍ୟାୟଳୟ ଏହି ମାମଲାଟିକୁ ଗ୍ରହଣ କରି ଖୋରଧା ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର ଏବଂ ଶ୍ରୀମନ୍ଦିର ପ୍ରଶାସନ ସମେତ ଅନ୍ୟ ଅଧିକାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏ ସମ୍ପର୍କୀତ ଖବର ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ସେ ସମୟରେ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ବେଆଇନ ପଥର ଖଣି ମାଫିଆ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଶ୍ରୀ ହାତୀ ସମ୍ବାଦ ପତ୍ର ମାଧ୍ୟମରେ ସମ୍ବାଦ ପରିବେଷଣ କରିବାରେ ଜଙ୍କିଆ ଥାନା ଅଧିନସ୍ଥ ଗୟାବନ୍ଧ ଗ୍ରାମରେ ଖଣି ମାଫିଆଙ୍କ ଦ୍ୱାରା ମରଣାତ୍ମକ ଆକ୍ରମଣର ଶୀକାର ମଧ୍ୟ ହୋଇଥିଲେ। ଯାହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ସେ ସମୟରେ ଚର୍ଚ୍ଚା ଜୋର ଧରିଥିଲା। ଜଣେ ବ୍ୟକ୍ତି ଚୋରା ଖଣି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜନ ସ୍ୱାର୍ଥ ମାମଲା ଦାଖଲ ଠାରୁ ଆରମ୍ଭ କରି ଗଣ ମାଧ୍ୟମ ଗୁଡ଼ିକରେ ସମ୍ବାଦ ପରିବେଷଣ କରିବାରେ ଏହି ଚୋର ପଥର ଖଣି କାରବାରର ତଦନ୍ତ ଭାର ନେଇଥିବା ଏସ.ଟି.ଏଫ ପକ୍ଷରୁ ଶ୍ରୀ ହାତୀଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନର ଇଙ୍ଗିତରେ ମାମଲାରୁଜ୍ଜୁ କରିଥିବା ନେଇ ଜଣାପଡ଼ିଛି। ଏହି ଚୋରା ପଥର କାରବାରରେ ସମ୍ପୃକ୍ତ ବଡ଼ବଡ଼ିଆଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୋରା ଖଣି କାରବାରକୁ ବନ୍ଦ କରିବା ନେଇ ସ୍ୱର ଉତ୍ତୋଳନ କରିଥିବା ଶ୍ରୀ ହାତୀଙ୍କ ବିରୋଧରେ ମକଦ୍ଦମା ରୁଜ୍ଜୁ କିରବା ନେଇ ସାଧାରଣରେ ନାପସନ୍ଦ କରାଯାଇଛି।

# ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଲେ ସମାଜସେବୀ

**ଥୁ.ରାମପୁର :** ତଳଝାପି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଉପରଝାମ୍ପି ଗ୍ରାମର କୁହୁନା ମାଝୀଙ୍କ ଝିଅ ମୋଇନା ମାଝୀ (୪ବର୍ଷ) ନିଆଁରେ ପଡି ୬୦% ପୋଡି ହୋଇଯାଇଥିଲେ। କୁହୁନା ମାଝୀ ଅତି ଗରିବ ଶ୍ରେଣୀର ହୋଇଥିବାରୁ ଝିଅର ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇପାରୁ ନଥିଲେ। ଏହି ଘଟଣା ଆଜକୁ ପ୍ରାୟ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଚିକିତ୍ସା ନପାଇ ମୋଇନା ବିକଳାଙ୍ଗ ଅବସ୍ଥାରେ ଘରେ ପଡି ରହିଛି। ଏ ସମ୍ପର୍କରେ ଖବ ପାଇ କଳାହାଣ୍ଡି ଜିଲ୍ଲାର ବରିଷ୍ଠ ସମାଜସେବୀ ସୁଶୀଲ କୁମାର ଶବର କୁହୁନା ମାଝୀଙ୍କ ପରିବାରକୁ ୨୫୦୦ ଟଙ୍କାର ଆର୍ଥିକ ସହାୟତା ଦେବା ସହିତ ମୋଇନା ମାଝୀଙ୍କୁ କଟକ ବଡ ମେଡିକାଲକୁ ନେଇ ଚିକିତ୍ସା କରାଇବାରେ ସହାୟତା କରିଛନ୍ତି।



# ଡାକକୋଟା ବିଦ୍ୟାଳୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ




**ଥୁ.ରାମପୁର, (ବିବି ନାଏକ):** ଗୋପାଳପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡାକକୋଟା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲେ। ଏଥିରେ ଭାଗନେଇ ଛାତ୍ରଛାତ୍ରୀମାନେ ବକ୍ତୃତା ଦେବା ସହିତ କଣ୍ଠସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ୱାର୍ଡମେମ୍ବର ମଣିଭଦ୍ର ନାଏକ, ଦିବାକର ଗଉଡ, ରୂପା ସିଂ ମାଝୀ, କଣ୍ଠଶ୍ୱର ଗଉଡ ଏବଂ ପ୍ରଧାନ ଶିକ୍ଷକ ପ୍ରବୀଣ କୁମାର ପାତ୍ର ଉପସ୍ଥିତ ରହି ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ପିତୃମାତୃହୀନ ଏବଂ ଏକକ ଅଭିଭାବକ ଥିବା ଶିଶୁଙ୍କ ସର୍ବେକ୍ଷଣ ଅକ୍ଟୋବର ୫ସୁଦ୍ଧା ସରିବ

**ଭୁବନେଶ୍ୱର:** ଶିଶୁମାନଙ୍କ ସୁରକ୍ଷିତ ଶୈଶବ ଏବଂ ପୂର୍ଣ୍ଣ ବିକାଶକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଅଞ୍ଚଳ ତଥା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଅଧୀନରେ ଥିବା ପିତୃ-ମାତୃହୀନ ଶିଶୁ ଏବଂ ଏକକ ଅଭିଭାବକ ଥିବା ଶିଶୁମାନଙ୍କ ସର୍ବେକ୍ଷଣ କରାଯିବ। ପ୍ରତ୍ୟେକ ଜିଲ୍ଲାର ଅଙ୍ଗନବାଡ଼ି କର୍ମୀମାନଙ୍କ ସହାୟତାରେ ଏହି ସର୍ବେକ୍ଷଣ କରାଯିବ। ଏଥିପାଇଁ ଉଦ୍ଦିଷ୍ଟ ଫର୍ମାଟରେ ଅଙ୍ଗନବାଡ଼ି କର୍ମୀମାନେ ଚିହ୍ନଟ ହୋଇଥିବା ଶିଶୁମାନଙ୍କ ସବିଶେଷ ତଥ୍ୟ ସଂଗ୍ରହ କରି ଅଙ୍ଗନବାଡ଼ି ସୁପରଭାଇଜରମାନଙ୍କୁ ଦେବେ। ଅଙ୍ଗନବାଡ଼ି ସୁପରଭାଇଜରମାନେ ଏହାକୁ ଭଲ ଭାବେ ଯାଞ୍ଚ କରିବା ପରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଜରିଆରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବେ। ଦୁଇଟି ଫର୍ମାଟ ମଧ୍ୟରୁ ଗୋଟିକରେ ପିତୃମାତୃହୀନ ଶିଶୁ ଏବଂ ଆଉ ଗୋଟିଏ ଫର୍ମାଟରେ ଏକକ ଅଭିଭାବକ ଥିବା ଶିଶୁଙ୍କ ସମସ୍ତ ତଥ୍ୟ ସଂଲଗ୍ନ କରି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଅନୁମୋଦନ ପରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗକୁ ପ୍ରେରଣ କରିବେ। ଏହି ଫର୍ମାଟରେ ଶିଶୁର ପରିବାରର ସମ୍ପୂର୍ଣ୍ଣ ତଥ୍ୟ, ଲିଙ୍ଗ, ବୟସ, ବିଦ୍ୟାଳୟ ଶିକ୍ଷା, ଠିକଣା, ପରିବାରର ଆର୍ଥିକ ସ୍ଥିତି, ଶିଶୁଟି କାହା ପାଖରେ ଅଛି, ଆଦି ସଂପୂର୍ଣ୍ଣ ତଥ୍ୟ ସନ୍ନିବେଶିତ ହେବ। ଏଥିପାଇଁ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଆବଶ୍ୟକୀୟ ପାରିତୋଷିକ ପ୍ରଦାନ କରାଯିବ। ଏ ସମସ୍ତ କାର୍ଯ୍ୟ ୨୦୧୯ ଅକ୍ଟୋବର ୫ ତାରିଖ ମଧ୍ୟରେ ଶେଷ କରାଯିବ। ଏହି ମର୍ମରେ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯିବା ସହ ଆବଶ୍ୟକୀୟ ଫର୍ମାଟ ସଂଲଗ୍ନ କରି ପ୍ରେରଣ କରାଯାଇଛି। ରାଜ୍ୟର ଶିଶୁମାନଙ୍କ ସୁରକ୍ଷା, ବିକାଶ ଏବଂ ନିରାପଦ ଜୀବନକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ଶିଶୁ ପ୍ରଯତ୍ନ ଗୃହ, ପୋଷ୍ୟ ସନ୍ତାନ ଗ୍ରହଣ, ବିଜୁ ଶିଶୁ ସୁରକ୍ଷା ଯୋଜନା ଆଦି କାର୍ଯ୍ୟକାରୀ ହେଉଛି। କିନ୍ତୁ ଠିକ୍ ଭାବରେ ଚିହ୍ନଟ ହୋଇ ପାରି ନ ଥିବାରୁ ଅନେକ ସମୟରେ ଏହି ଶିଶୁମାନଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ସମ୍ଭବ ହେଉ ନାହିଁ। ତେଣୁ ଏହି ବର୍ଗର ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରି ରାଜ୍ୟରେ ଶିଶୁମାନଙ୍କ ସୁରକ୍ଷା ଓ ବିକାଶକୁ ସୁନିଶ୍ଚିତ କରିବା ପାଇଁ ବିଭାଗ ତରଫରୁ ଉଦ୍ୟମ କରାଯାଉଛି। ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ବିଭାଗ ପାଇଁ ୫ 'ଟି' ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ଏହି ଶିଶୁ ସର୍ବେକ୍ଷଣ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ପ୍ରୟାସ କରାଯାଉଛି ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି।

# ଋଷିକ୍ଷେତ୍ର ଋଷିକେଶ

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ



ତୀର୍ଥ ଗମନ, ଦେବ ଦର୍ଶନ ଓ ସାଧୁ ସଜ୍ଜନ ସଂଗତି ଭଗବତ ପ୍ରସାର ରୂପେ ପ୍ରାଣକୁ ପୁଲକିତ କରେ ଓ ମଣିଷକୁ ଶୁଦ୍ଧମନା କରେ। ଏହି ଭାବନା ଜୀବନପଥରେ ବଳ ପ୍ରଦାନ କରେ। ତେଣୁ ଭଗବତ ପ୍ରେମୀମାନେ ଭଗବତ କୃପାରେ ଭରସା ରଖି ଶାନ୍ତି ଓ ଆନନ୍ଦ କାମନା କରି ତୀର୍ଥାଟନ କରନ୍ତି। ସାଧୁସନ୍ଥଙ୍କର ନିବାସସ୍ଥଳ ରଷିକେଶ ହିମାଳୟ ପାଦଦେଶରେ ଅବସ୍ଥିତ ଏକ ପବିତ୍ର ତୀର୍ଥସ୍ଥାନ। ଏହା ହରିଦ୍ୱାର ଠାରୁ ୨୪.କି.ମି ଦୂରରେ ପବିତ୍ର ଗଙ୍ଗାନଦୀ କୂଳରେ ବିସ୍ତାରଲାଭ କରିଛି। ପ୍ରତିଦିନ ଶହ ଶହ ପର୍ଯ୍ୟଟକ, ତୀର୍ଥଯାତ୍ରୀ ଓ ସାଧୁସନ୍ଥମାନେ ଏହି ସ୍ଥାନକୁ ଭ୍ରମଣ ତଥା ପୂଣ୍ୟଅର୍ଜନ କରିବା ପାଇଁ ଆଗମନ କରନ୍ତି। ପୁରାଣ ବର୍ଣ୍ଣିତ ଯେ ରୈଭ୍ୟ ରଷି ଏଠାରେ କଠୋର ତପସ୍ୟା କରି ଭଗବାନ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିଥିଲେ। ଭଗବାନ ହୃଷିକେଶ ନାମରେ ତାଙ୍କୁ ଦର୍ଶନ ଦେଇ ଆଶୀର୍ବାଦ କରିଥିବାରୁ ଏ ସ୍ଥାନର ନାମ ରଷିକେଶ ହୋଇଅଛି। ଏହି ପବିତ୍ର କ୍ଷେତ୍ର ଦେଇ ସାଧୁସନ୍ଥମାନେ ହିମାଳୟରେ ଅବସ୍ଥିତ ପବିତ୍ର ଚାରିଧାମ ଯଥା ଗାଙ୍ଗୋତ୍ରୀ, ଯମୁନେତ୍ରୀ, କେଦାରନାଥ ଓ ବଦ୍ରିନାଥ ଯାତ୍ରା କରନ୍ତି। ଦେଶ ବିଦେଶରୁ ଅନେକ ଯାତ୍ରୀ ତପୋଭୂମି ରଷିକେଶକୁ ଯାତ୍ରା କରି ଯୋଗ, ଧ୍ୟାନ ତଥା ଆଧ୍ୟାତ୍ମିକ ଉନ୍ନତି ଉପର ଜ୍ଞାନ ଅର୍ଜନ ତଥା ଗବେଷଣା କରନ୍ତି। ଏଠାରେ ଅନେକ ଆଶ୍ରମ ଓ ଧର୍ମଶାଳା ଅବସ୍ଥିତ। ଯାତ୍ରୀମାନଙ୍କ ପାଇଁ ଏଠାରେ ମାଗଣା ରହିବା ଓ ଖାଇବାର ବନ୍ଦୋବସ୍ତ କରାଯାଇଥାଏ। ରଷିକେଶକୁ ରେଳ କିମ୍ବା ବସ ଯୋଗେ ଯାତ୍ରା କରିବାର ସୁବିଧା ଅଛି। ସହର ଭିତରେ ଯାତାୟାତ ପାଇଁ ଟ୍ୟାକ୍ସି ଓ ଟୋଙ୍ଗାର ବ୍ୟବସ୍ଥା ରହିଛି।

ଭାରତର ଉତ୍ତରରେ ଅବସ୍ଥିତ ଉତ୍ତରାଖଣ୍ଡ ପ୍ରଦେଶର ଡେରାଡୁନ୍ ଜିଲ୍ଲାରେ ଶିବାଲିକ୍ ପାର୍ବତ୍ୟାଞ୍ଚଳ ପାଦଦେଶରେ ଗଙ୍ଗାନଦୀ କୂଳରେ ରଷିକେଶ ଏକ ପୂଣ୍ୟକ୍ଷେତ୍ର। ଏଠାରେ ଯୋଗ ବିଦ୍ୟା ଓ ଧ୍ୟାନ ସାଧନା ପାଇଁ ବିଭିନ୍ନ ଆଶ୍ରମ ଓ ଅନୁଷ୍ଠାନମାନ ବିଦ୍ୟମାନ। ଏହା ଡେରାଡୁନ୍ ଜିଲ୍ଲାର ଏକ ତହସିଲ ଓ ମୁନିସପାଲଟି ପରିଷଦର ଅନ୍ତର୍ଗତ। ଏହା କେଦାରଖଣ୍ଡ ବା ବର୍ତ୍ତମାନର ଘରଓ୍ୱାଲ ଅଞ୍ଚଳରେ ଅବସ୍ଥିତ। ପୁରାଣ କହେ ଭଗବାନ ଶ୍ରୀରାମଚନ୍ଦ୍ର ଏଠାରେ କଠୋର ତପସ୍ୟା କରିଥିଲେ ଯାହାଫଳରେ ଲଙ୍କାର ଅସୁର ରାଜା ପ୍ରବଳ ପରାକ୍ରମୀ ରାବଣକୁ ମାରିବା ପାଇଁ ସମର୍ଥ ହୋଇଥିଲେ। ଶ୍ରୀରାମଙ୍କ ସାନଭାଇ ଲକ୍ଷ୍ମଣ ଏହି ସ୍ଥାନରେ ଦଉଡି ସାହାଯ୍ୟରେ ଝୁଲା ପୋଲ ତିଆରି କରି ଗଙ୍ଗାନଦୀ ପାର ହୋଇଥିଲେ। ବର୍ତ୍ତମାନ ତାହା ଲକ୍ଷ୍ମଣ ଝୁଲା ନାମରେ ବିଖ୍ୟାତ। ୧୯୨୪ ମସିହା ବନ୍ୟାରେ ଲକ୍ଷ୍ମଣଝୁଲା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯିବାପରେ ବର୍ତ୍ତମାନର ଲୌହ ଜଞ୍ଜିରରେ ନିର୍ମିତ ଝୁଲା ନିର୍ମାଣ କରାଯାଇଛି। ହିମାଳୟର ଶିବାଲିକ୍ ପାର୍ବତ୍ୟାଞ୍ଚଳ ଅତିକ୍ରମ କରି ରଷିକେଶ ମଧ୍ୟ ଦେଇ ଗଙ୍ଗାନଦୀ ସମତଳ ଅଞ୍ଚଳକୁ ପ୍ରବାହମାନ ହେଉଅଛି। ରଷିକେଶ ଠାରେ ଗଙ୍ଗାନଦୀର ଦୁଇ ପାର୍ଶ୍ୱରେ ଅନେକ ମନ୍ଦିର ଓ ପୁରାଣ ପ୍ରସିଦ୍ଧ ଦର୍ଶନୀୟ ସ୍ଥାନମାନ ଅବସ୍ଥିତ। ସେମାନଙ୍କ ମଧ୍ୟରୁ ଭରତ ମନ୍ଦିର, ଶତ୍ରୁଘ୍ନ ମନ୍ଦିର, ଲକ୍ଷ୍ମଣଝୁଲା, ରାମଝୁଲା, ରଘୁନାଥ ମନ୍ଦିର ଓ ରଷିକୁଣ୍ଡ ଆଦି ପ୍ରସିଦ୍ଧ। ଗଙ୍ଗାକୂଳରେ ଅବସ୍ଥିତ ରଷିକେଶ ଏକ ଚାଷପୋଯୋଗୀ ଶସ୍ୟଶ୍ୟାମଳା ଅଞ୍ଚଳ। ନିକଟବର୍ତ୍ତୀ ଘରଓ୍ୱାଲ, ତେହେରୀ ଓ ଅନ୍ୟାନ୍ୟ ଅଞ୍ଚଳକୁ ଏଠାରୁ ଖାଦ୍ୟଶସ୍ୟ ଓ ଫଳପରିବା ଯୋଗାଣ କରାଯାଏ। ଆଶ୍ରମ ଓ ଧର୍ମଶାଳା ଛାଡ଼ିଦେଲେ ଯାତ୍ରୀମାନେ ରହିବା ପାଇଁ ଏଠାରେ ଅନେକ ଛୋଟବଡ଼ ହୋଟେଲର ବ୍ୟବସ୍ଥା ରହିଛି। ହୋଟେଲ ତରଫରୁ ଯାତ୍ରୀମାନଙ୍କୁ ଦର୍ଶନୀୟସ୍ଥାନ ଓ ଗଙ୍ଗାଆରତୀ ଦର୍ଶନ କରିବାର ବ୍ୟବସ୍ଥା କରାଯାଇଥାଏ। ପର୍ଯ୍ୟଟକମାନେ ଚାହିଁଲେ ଗଙ୍ଗାନଦୀରେ ରାଫ୍‌ଟିଂ କରି ମଜା ଉଠାନ୍ତି। ସେପ୍ଟେମ୍ବର ଠାରୁ ନଭେମ୍ବର ପର୍ଯ୍ୟନ୍ତ ଓ ମାର୍ଚ୍ଚ, ଏପ୍ରିଲ ମାସ ରଷିକେଶ ଯାତ୍ରା ପାଇଁ ଉତ୍କୃଷ୍ଟ ସମୟ। ମେ, ଜୁନ୍ ମାସରେ ଏଠାରେ ଟାଣଖରା ଓ ଡିସେମ୍ବର, ଜାନୁୟାରୀ ମାସରେ ପ୍ରବଳ ଥଣ୍ଡା ଅନୁଭୂତ ହୁଏ। ଏହାର ସମଗ୍ର ଅଞ୍ଚଳରେ ଆମିଷ ଓ ମଦ ପ୍ରବେଶ ନିଷେଧ। ରଷିକେଶରେ ଅନେକ ଦର୍ଶନୀୟ ସ୍ଥାନ ଅବସ୍ଥିତ ହେଲେ ମଧ୍ୟ କେତେକ ସ୍ଥାନ ଉପରେ ନିମ୍ନରେ ଆଲୋଚନା କରାଯାଇଛି।

**ତ୍ରିବେଣୀଘାଟ :** ପବିତ୍ର ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଂଗମସ୍ଥଳ ହୋଇଥିବାରୁ ଏହି ଘାଟର ନାମ ତ୍ରିବେଣୀ ଘାଟ। ଏହା ହରିଦ୍ୱାରର ବ୍ରହ୍ମକୁଣ୍ଡ ସହ ତୁଳନୀୟ। ଏଠାରେ ବହୁ ସଂଖ୍ୟାରେ ତୀର୍ଥଯାତ୍ରୀ ବୁଡ଼ ପକାଇ ପୂଣ୍ୟ ଅର୍ଜନ କରନ୍ତି। ଏଠାରେ ନଦୀକୂଳରେ ଅନେକ ମନ୍ଦିର ଅବସ୍ଥିତ।

**ଭରତ ମନ୍ଦିର :** ଏହା ହୃଷିକେଶର ସବୁଠାରୁ ପୁରୁଣା ମନ୍ଦିର। ଏହାକୁ କେବେ କିଏ ନିର୍ମାଣ କରିଥିଲେ ତାର କିଛି ପ୍ରମାଣ ନାହିଁ। କଥିତ ଅଛି ଶ୍ରୀରାମଙ୍କର ସାନ ଭାଇ ଭରତ ଏଠାରେ ଅନେକ ଦିନ ତପସ୍ୟା କରିଥିଲେ। ତାଙ୍କର ସ୍ମୃତିରେ ଏହି ବିରାଟ ଭରତ ମନ୍ଦିର ନିର୍ମିତ ହୋଇଥିବାର ଅନୁମାନ କରାଯାଏ।

**ଲକ୍ଷ୍ମଣ ଝୋଲା :** ରଷିକେଶର ସବୁଠାରୁ ଆକର୍ଷଣୀୟ ସ୍ଥାନ ଲକ୍ଷ୍ମଣ ଝୋଲା। ଏହି ସ୍ଥାନରେ ଲକ୍ଷ୍ମଣ ଦଉଡି ସାହାଯ୍ୟରେ ଏକ ଝୋଲା ନିର୍ମାଣ କରି ଗଙ୍ଗାନଦୀ ପାର ହୋଇଥିଲେ। ଏହା ୩ କି.ମି. ବିଶିଷ୍ଟ ଏକ ଝୁଲା ପୋଲ। ଏହା ଅଣ ଓସାରିଆ ହୋଇଥିବାରୁ ଯାତ୍ରୀମାନେ ଏହା ଉପରେ କେବଳ ପାଦରେ ଚାଲି ନଦୀ ପାର ହୁଅନ୍ତି। ଏହା ନିକଟରେ ଲକ୍ଷ୍ମଣ ତପସ୍ୟା କରିଥିଲେ। ତେଣୁ ଏଠାରେ ଲକ୍ଷ୍ମଣ ମନ୍ଦିର ମଧ୍ୟ ଅବସ୍ଥିତ। ୧୮୮୯ ପର୍ଯ୍ୟନ୍ତ ଏଠାରେ ଦଉଡି ନିର୍ମିତ ଝୁଲା ପୋଲ ଥିଲା। ତାପରେ ଏହା ମୋଟା ମୋଟା ଲୁହା ତାର ଦ୍ୱାରା ନିର୍ମିତ ହୋଇ ଏକ ମଜବୁତ୍ ଝୁଲା ପୋଲାରେ ପରିଣତ ହୋଇଛି। ଏହି ପୋଲ ପାର୍ଶ୍ୱରେ ଶ୍ରୀରାମଙ୍କ ମନ୍ଦିର ଅବସ୍ଥିତ ଯାହା ଶ୍ରୀରାମଙ୍କର ଏଠାକୁ ଆଗମନର ସୂଚନା ଦିଏ।

**କୈଳାସ ନିକେତନ ମନ୍ଦିର :** ଲକ୍ଷ୍ମଣ ଝୋଲା ନିକଟରେ ୧୩ ମହଲା ବିଶିଷ୍ଟ କୈଳାସ ନିକେତନ ମନ୍ଦିର ଅବସ୍ଥିତ। ତୀର୍ଥ ଯାତ୍ରୀମାନେ ଏହାର ପ୍ରତ୍ୟେକ ମହଲାରେ ବିଭିନ୍ନ ଦେବାଦେବୀଙ୍କୁ ଦର୍ଶନ କରି ପୂଜା ଅର୍ଚ୍ଚନା କରନ୍ତି।

**ସ୍ୱର୍ଗ ଆଶ୍ରମ :** ସ୍ୱାମୀ ଆତ୍ମା ପ୍ରକାଶଙ୍କ ଦ୍ୱାରା ନିର୍ମିତ ଏହି ଆଶ୍ରମ ଗଙ୍ଗାନଦୀର ବାମ ପାର୍ଶ୍ୱରେ ଶିବାନନ୍ଦ ଆଶ୍ରମର ବିପରୀତ ପାର୍ଶ୍ୱରେ ଅବସ୍ଥିତ। ଡଙ୍ଗା କିମ୍ବା ଲକ୍ଷ୍ମଣ ଝୋଲା ଦେଇ ଏହି ଆଶ୍ରମ ମଧ୍ୟକୁ ଯାତ୍ରା କରିବାକୁ ପଡ଼େ। ଏଠାରେ ଶ୍ରୀ ବଦ୍ରିନାଥ ଜୀଉଙ୍କର ବିଗ୍ରହ ପୂଜା ପାଆନ୍ତି। ପାହାଡ଼ ଜଙ୍ଗଲ ଭରା ପରିବେଶ ମଧ୍ୟରେ ଅବସ୍ଥିତ ଏହି ଆଶ୍ରମ ଯାତ୍ରୀମାନଙ୍କୁ ଆକର୍ଷଣ କରେ।

**ଗୀତା ଭବନ :** ଲକ୍ଷ୍ମଣ ଝୋଲା ପାରି ହେଲେ ଗୀତା ଭବନ ପଡ଼େ। ଏହି ଭବନର କାନ୍ଥ ମାନଙ୍କରେ ଗୀତା ଓ ରାମାୟଣ ଖୋଦେଇ ହୋଇ ଲେଖାଯାଇଛି। ଗୋରଖପୁର ଗୀତା ପ୍ରେସ୍ ଦ୍ୱାରା ନିୟୋଜିତ ଟ୍ରଷ୍ଟ ଗୀତା ଭବନ ପରିଚାଳନା ଦାୟିତ୍ୱ ବହନ କରନ୍ତି। ମଣିଷ ମଧ୍ୟରେ ଥିବା ମାନବିକ ମୂଲ୍ୟବୋଧର ଉତ୍ଥାନ କରିବା ଏହି ଭବନର ମୁଖ୍ୟ ଉଦ୍ଦେଶ୍ୟ।

**କଣ୍ୱ ରଷି ଆଶ୍ରମ :** ଏହିଠାରେ କଣ୍ୱ ରଷିଙ୍କର ଆଶ୍ରମ ଥିଲା। ଏଠାରେ ସେ ଶକୁନ୍ତଳାଙ୍କୁ କନ୍ୟାରୂପେ ପାଳନ କରିଥିଲେ। ପରେ ରାଜା ଦୁଷ୍ମନ୍ତଙ୍କୁ ଶକୁନ୍ତଳା ବିବାହ କରିଥିଲେ। ପବିତ୍ର ମାଳିନୀ ନଦୀକୂଳରେ ଏହି ଆଶ୍ରମ ଅବସ୍ଥିତ।


**ସ୍ୱାମୀ ଶିବାନନ୍ଦ ଆଶ୍ରମ :** ୧୯୩୬ ମସିହାରେ ସ୍ୱାମୀ ଶିବାନନ୍ଦ ଏହି ଆଶ୍ରମ ପ୍ରତିଷ୍ଠା କରିଥିଲେ। ଏଠାରେ ସ୍ୱାମୀଜୀ ତାଙ୍କ ଶିଷ୍ୟମାନଙ୍କୁ ଯୋଗ ଅଭ୍ୟାସ କରାଉଥିଲେ। ଏବେ ମଧ୍ୟ ଏହି ଆଶ୍ରମରେ ଅନେକ ସାଧୁସନ୍ଥ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଯୋଗ ଜ୍ଞାନ ଶିକ୍ଷା କରନ୍ତି। ଦି ଡିଭାଇନ ସୋସାଇଟି ବା ଦିବ୍ୟ ଜୀବନ ସଂଘ ଏହି ଆଶ୍ରମ ପରିଚାଳନା କରେ। ଦୁସ୍ଥ ମାନବଙ୍କୁ ଉଦ୍ଧାର କରି ଦିବ୍ୟ ଜୀବନ ପ୍ରଦାନ କରିବା ଏହି ସଂଘର ମୁଖ୍ୟ ଉଦ୍ଦେଶ୍ୟ। ସାରା ପୃଥିବୀର ଅନେକ ସ୍ଥାନରେ ଏହାର ଶାଖାମାନ କାର୍ଯ୍ୟ କରୁଛି। ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଏଠାରେ ଥିବା ଚିକିତ୍ସାଳୟରେ ଚିକିତ୍ସା ପ୍ରଦାନ କରାଯାଏ। ରୋଗୀମାନଙ୍କୁ ଏଠାରେ ବିନା ମୂଲ୍ୟରେ ଖାଦ୍ୟ, ଔଷଧ ଓ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଏ। ଏହି ଆଶ୍ରମରେ ନିଜର ପ୍ରିଣ୍ଟିଂ ପ୍ରେସ କାମ କରୁଛି। ଏଠାରେ ସଂଘ ତରଫରୁ ଭାରତୀୟ ଦର୍ଶନଶାସ୍ତ୍ର, ଭାରତୀୟ ସଂସ୍କୃତି, ଯୋଗ ବିଜ୍ଞାନ ଓ ଆଧ୍ୟାତ୍ମିକ ପୁସ୍ତକ ଓ ପତ୍ରିକାମାନ ଛପାଯାଏ। ଏଠାରେ ଯୋଗ ସାଧନା ସହିତ ସମାଜ ସଂସ୍କାରକ ଓ ସ୍ୱେଚ୍ଛାସେବକ ମାନଙ୍କୁ ପ୍ରସ୍ତୁତ କରାଯାଏ। ଏହାଛଡ଼ା ହୃଷୀକେଶରେ ନୀଳକଣ୍ଠ ମନ୍ଦିର, ଶତ୍ରୁଘ୍ନ ମନ୍ଦିର, ପୁଷ୍କର ମନ୍ଦିର, ମହର୍ଷି ମହେଶ ଯୋଗୀଙ୍କ ଯୋଗ ଆଶ୍ରମ, ସାହାଜାହାନପୁରର ମହାରାଜାଙ୍କ ଦ୍ୱାରା ନିର୍ମିତ ପରମାର୍ଥ ନିକେତନ ଆଦି ଅନେକ ଦର୍ଶନୀୟ ସ୍ଥାନ ଅବସ୍ଥିତ। ଏପରି ଏକ ପବିତ୍ର ସ୍ଥାନକୁ ଯାତ୍ରାକରି ଜଣେ ନିଜର ମନୋରଞ୍ଜନ ସହିତ ଧର୍ମ ଅର୍ଜନ କରେ। ଆଧୁନିକ ଯୁଗରେ ପୃଥିବୀର ବିଭିନ୍ନ ସ୍ଥାନରେ ଅନେକ ଦର୍ଶନୀୟ ସ୍ଥାନ ରହିଥିଲେ ମଧ୍ୟ ଭାରତର ହୃଷୀକେଶ ଯାତ୍ରା ଦ୍ୱାରା ଯାତ୍ରୀମାନଙ୍କୁ ସ୍ୱର୍ଗୀୟ ଆନନ୍ଦ ଅନୁଭୂତ ହୁଏ। ପାହାଡ଼ ଜଙ୍ଗଲଭରା ପ୍ରାକୃତିକ ପରିବେଶ, ମଠ ମନ୍ଦିର ବେଷ୍ଟିତ ଆଧ୍ୟାତ୍ମିକ ପରିବେଶ ଓ ଗଙ୍ଗାନଦୀର କୁଳୁକୁଳୁ ନାଦ ଦେଶ ବିଦେଶରୁ ଅନେକ ପର୍ଯ୍ୟଟକଙ୍କୁ ଏଠାକୁ ଆକର୍ଷଣ କରେ। ଆଧ୍ୟାତ୍ମିକ ଉନ୍ନତି ପାଇଁ ସତସଙ୍ଗ ଓ ତୀର୍ଥ ଭ୍ରମଣର ବିଶେଷ ପ୍ରୟୋଜନ ରହିଛି।

**ପ୍ଲଟନଂ -୧୦୮୨/ଡି, ମର୍କତନଗର, ସିଡିଏ, ସେକ୍ଟର-୬, କଟକ**
**ଦୂରଭାଷ : ୯୮୬୧୩୫୫୬୨୮**














# ଅଶେଷ ଆନନ୍ଦର ସମାହାର ପର୍ଯ୍ୟଟନ: ରାଜ୍ୟପାଳ



**ଭୁବନେଶ୍ୱର:** ପର୍ଯ୍ୟଟନର ପରିଧି ବ୍ୟାପକ। ଯଦିଓ ରାଜସ୍ୱ ଆଦାୟ ଏହାର ଏକ ପ୍ରମୁଖ ଦିଗ ଓ ଆଭିମୁଖ୍ୟ ତଥାପି ପର୍ଯ୍ୟଟନ ମୁଖ୍ୟତଃ ହେଉଛି ସୁଖଦ ଅନୁଭୂତି, ଅଭୁଲା ସ୍ମୃତି ଓ ଅଶେଷ ଆନନ୍ଦର ଅପୂର୍ବ ସମାହାର। ବିଭିନ୍ନ ସ୍ଥାନ ପରିଭ୍ରମଣ ଦ୍ୱାରା ଜ୍ଞାନର ପରିସର ମଧ୍ୟ ବୃଦ୍ଧି ପାଇଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମତବ୍ୟକ୍ତ କରିଛନ୍ତି। ଚତୁର୍ଥ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ୍ ୨୦୧୯କୁ ପ୍ରଦୀପ ପ୍ରଜ୍ୱଳନ ସହ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମୁଖ୍ୟ ଅତିଥି ରାଜ୍ୟପାଳ କହିଲେ ଯେ ଓଡ଼ିଶାରେ ପର୍ଯ୍ୟଟନର ସାମର୍ଥ୍ୟ ଓ ସୁଯୋଗ ଯଥେଷ୍ଟ ରହିଛି। ଏହି ପରିପ୍ରେକ୍ଷୀରେ ସେ ସୁଦୀର୍ଘ ବେଳାଭୂମି, ପ୍ରାକୃତିକ ସୌନ୍ଦର୍ଯ୍ୟର ଅପୂର୍ବ ସମ୍ଭାର, ପ୍ରାଚୀନ ମନ୍ଦିର, ବୌଦ୍ଧ କୀର୍ତିରାଜି, ସମୃଦ୍ଧ କଳା ଓ ସଂସ୍କୃତି ସଂପର୍କରେ ଉଲ୍ଲେଖ କରି ଓଡ଼ିଶା ସମଗ୍ର ଦେଶରେ ଅନନ୍ୟ ଯାହା ପର୍ଯ୍ୟଟକଙ୍କୁ ଏହାକୁ ଅନୁଭବ ଓ ଆବିଷ୍କାର କରିବାକୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିଥାଏ ବୋଲି କହିଥିଲେ। ପ୍ରକୃତିର କୋଳରେ ଈଶ୍ୱରଙ୍କ ସୃଷ୍ଟିକୁ ଅନୁଧାନ କରିବା ଓ ଏହାର ଆନନ୍ଦ ଉପଭୋଗ କରିବାରେ ଓଡ଼ିଶା ପର୍ଯ୍ୟଟକମାନଙ୍କ ପାଇଁ ଏକ ଉତ୍କୃଷ୍ଟ ରାଜ୍ୟ। ସେହିପରି ଆଧ୍ୟାତ୍ମିକତା କ୍ଷେତ୍ରରେ ରାଜ୍ୟର ସ୍ୱତନ୍ତ୍ର ପରିଚୟ ରହିଛି ଯାହାର ଅଧ୍ୟୟନ ଓ ଉଚ୍ଚତର ଗବେଷଣା ପାଇଁ ଅନେକଙ୍କୁ ଆକୃଷ୍ଟ କରିପାରିଛି। ଏହି ସବୁର ସଦୁପଯୋଗ କରି ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ କ୍ରିୟାଶୀଳ କରାଇ ରାଜ୍ୟରେ ପର୍ଯ୍ୟଟକମାନଙ୍କର ଆଗମନ ଓ ଉତ୍ତମ ରହଣି ପାଇଁ ସମସ୍ତ ଅଂଶୀଦାରମାନଙ୍କୁ ସହମତିରେ ଆବଶ୍ୟକୀୟ ପଦକ୍ଷେପ ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ଓ କନ୍‌କ୍ଲେଭ୍‌ର ସଫଳତା କାମନା କରିଥିଲେ। ଏହି ଅବସରରେ ରାଜ୍ୟପାଳ 'ୱଣ୍ଡର୍ସ ଅଫ୍ ୱେଷ୍ଟର୍ଣ୍ଣ ଓଡ଼ିଶା' ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇ ରାଜ୍ୟର ପର୍ଯ୍ୟଟନ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓଡ଼ିଶାକୁ ଦେଶର ପ୍ରମୁଖ ପର୍ଯ୍ୟଟନ ରାଜ୍ୟ ଭାବେ ଉପସ୍ଥାପନ କରିବା ପାଇଁ ସମସ୍ତ ପଦକ୍ଷେପ ଓ ଯୋଜନା ପ୍ରସ୍ତୁତ କରାଯାଉଛି ଓ ଏହାର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

# ଖୁବ୍‌ଶୀଘ୍ର ପିସିସି ପୁନର୍ଗଠନ: ନିରଞ୍ଜନ



**ଭୁବନେଶ୍ୱର:** ନିରଞ୍ଜନଙ୍କ ଓଡ଼ିଶା ଫେରିବା ପରେ କଂଗ୍ରେସ ଚଳଚଞ୍ଚଳ ହୋଇଛି। ଦଳର ସାଂଗଠନିକ ସ୍ଥିତି ସୁଧାରିବା ପାଇଁ ଗୁରୁବାର କଂଗ୍ରେସ ଭବନରେ ନିରଞ୍ଜନଙ୍କ ସଭାପତିତ୍ୱରେ ଏକ ବଡ଼ ଧରଣର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ ଅଖିଳ ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ରାଜ୍ୟରେ ତଳୁ ଉପର ପର୍ଯ୍ୟନ୍ତ ସବୁ କମିଟି ପୁନର୍ଗଠିତ ହେବ। ତେବେ କେବଳ ଆଗରୁ କାର୍ଯ୍ୟକ୍ଷମ ଥିବା ଜୋନ୍ କମିଟିକୁ ସ୍ଥାୟୀ ଭାବେ ବିଲୀନ ହେବା କଥା ମଧ୍ୟ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରୀୟ ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ ଯଥାଶୀଘ୍ର ଏକ ଛୋଟିଆ କମିଟି ଗଠନ କରାଯିବ। ଯେଉଁ ମାନେ ଦଳ ପାଇଁ ନିଷ୍ଠାପର ଭାବେ କାମ କରିଛନ୍ତି ଓ କମିଟିରେ ରହିବା ପାଇଁ ଯୋଗ୍ୟତା ବହନ କରନ୍ତି ସେମାନଙ୍କୁ କମିଟି ଚୟନ ବେଳେ ପ୍ରାଥମିକତା ଦିଆଯିବ। ତେବେ ଆଗାମୀ ଦିନରେ ହେବାକୁ ଥିବା ବିଜେପୁର ଉପ ନିର୍ବାଚନ ପାଇଁ ଦଳର ପ୍ରସ୍ତୁତିକୁ ନେଇ ନିରଞ୍ଜନ ମନ୍ତବ୍ୟ ରଖିଛନ୍ତି। ଶ୍ରୀ ପଟ୍ଟନାୟକଙ୍କ କହିବା ଅନୁଯାୟୀ କଂଗ୍ରେସ ବିଜେପୁର ନିର୍ବାଚନ ପାଇଁ ଦେଢ଼ ମାସ ଆଗରୁ କମିଟି ଗଠନ କରିସାରିଛି। କମିଟିର ଚୂଡ଼ାନ୍ତ ନିଷ୍ପତ୍ତି ଏଯାବତ୍ ହସ୍ତଗତ ହୋଇନାହିଁ। କମିଟିର ନିର୍ଦ୍ଦେଶ ପରେ ହିଁ ବିଜେପୁର ନିର୍ବାଚନ ନେଇ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ପିସିସି ସଭାପତି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଏଯାବତ୍ ସଦସ୍ୟତା ଅଭିଯାନ ଆରମ୍ଭ କରିଥିବା କଂଗ୍ରେସ ଗୁରୁବାର ବୈଠକରେ ଏନେଇ ମଧ୍ୟ ଆଲୋଚନା କରିଛି। ସଦସ୍ୟତା ଅଭିଯାନ ଆରମ୍ଭ ନେଇ ବିଧିବଦ୍ଧ ତାରିଖ ଘୋଷଣା ହୋଇଛି। ଆଗାମୀ ଅକ୍ଟୋବର ଦୁଇ ତାରିଖରୁ ରାଜ୍ୟରେ ସଦସ୍ୟତା ଅଭିଯାନ ଆରମ୍ଭ ହେବ। ଉଭୟ ଡିଜିଟାଲ୍ ଓ ପାରମ୍ପରିକ ପୁସ୍ତକ ମାଧ୍ୟମରେ ସଦସ୍ୟତା ସଂଗ୍ରହ ପ୍ରକ୍ରିୟା ଚାଲୁ ରହିବ ବୋଲି ଦଳ ପକ୍ଷରୁ ସ୍ପଷ୍ଟତା ମିଳିଛି। ଏହାବ୍ୟତୀତ ଅକ୍ଟୋବର ୨ ତାରିଖ ତଥା ୧୫୦ତମ ଗାନ୍ଧୀ ଜୟନ୍ତୀ ଅବସରରେ ରାଜ୍ୟ କଂଗ୍ରେସ ଭବନରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅୟୋଜନ ହେବା ସହ ଶୋଭାଯାତ୍ରା ମଧ୍ୟ ହେବ। ରାଜ୍ୟରେ କଂଗ୍ରେସ କର୍ମୀଙ୍କୁ ଏକତ୍ରିତ କରି କଂଗ୍ରେସର ମନୋବଳ ବୃଦ୍ଧି କରିବା ପାଇଁ ଏଭଳି ଶୋଭାଯାତ୍ରା କରାଯାଉଛି। ସେହିଭଳି ଅକ୍ଟୋବର ୧୫ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ମୋଦୀ ସରକାରଙ୍କ ବିରୋଧରେ ଜନ ଆନ୍ଦୋଳନ କରାଯିବ। ବିଶେଷ ଭାବେ ଦେଶରେ ସଂପ୍ରତି ଦେଖା ଦେଇଥିବା ଅର୍ଥନୀତିକ ମାନ୍ଦା ଅବସ୍ଥାକୁ ନେଇ ରାଜ୍ୟ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ବିରୋଧ କରିବା ନେଇ ପ୍ରସ୍ତୁତ ହେଉଛି। ରାଜ୍ୟରେ ପ୍ରତ୍ୟକ ଜିଲ୍ଲା ସଦର ମହକୁମା ଓ ବ୍ଲକ୍ ସ୍ତରରେ ଏହି ଆନ୍ଦୋଳନ ଚାଲୁ ରହିବ। ତେବେ କଂଗ୍ରେସର ନୂଆ କ୍ୟାଡର୍ ପ୍ରେରକକୁ ନେଇ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି। ସମଗ୍ର ରାଜ୍ୟକୁ ୭ଟି ଜୋନ୍‌ରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ଶିବିରମାନ ସ୍ଥାପନ କରାଯିବ। ଅକ୍ଟୋବର ୧୦ ସୁଦ୍ଧା ରାଜ୍ୟ କଂଗ୍ରେସ ପ୍ରଶିକ୍ଷଣ ଦେବାକୁ ଥିବା ପ୍ରେରକଙ୍କ ନାମ ଘୋଷଣା କରିବ। ଏହି ପ୍ରଶିକ୍ଷଣ ଶିବିରରେ ସଂଯୋଜକ ଭାବେ ଶୁଭେନ୍ଦୁ ମହାନ୍ତିଙ୍କୁ ଦାୟିତ୍ୱ ମିଳିଛି।

# 'ମୋ ଜନତା, ମୋ ରକ୍ତ' କାର୍ଯ୍ୟକ୍ରମର ଶୁଭାରମ୍ଭ




**କେନ୍ଦ୍ରାପଡ଼ା:** ଦେଶର ଯଶସ୍ୱୀ କର୍ମଯୋଗୀ ପ୍ରଧାନ ସେବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଉପଲକ୍ଷେ ସେବା ସପ୍ତାହର ସମାରୋହ ଦିବସ ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଗୋପ ଛକଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜେପି ନେତା ଇଂ. ମାନସ ରଞ୍ଜନ ମହାନ୍ତି, ବିଜେପି ରାଜ୍ୟ ଉପସଭାପତି ଭୁବନ ମୋହନ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜ ଭୂୟାଁ ଓ ଉମା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି 'ମୋ ଜନତା, ମୋ ରକ୍ତ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଇଂ. ମହାନ୍ତି କହିଥିଲେ ଯେ, କେନ୍ଦ୍ରାପଡା ଜିଲ୍ଲାରେ ବିଜେପି ଆଗାମୀ ଦିନରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନହିତକର କାର୍ଯ୍ୟକୁ ଏ ଅଞ୍ଚଳର ଘରେ ଘରେ ପହଞ୍ଚାଇବା ପାଇଁ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରାଯିବ। ଏହି ଅବସରରେ ୧୧୮ ଥର ରକ୍ତଦାନ କରିଥିବା କେନ୍ଦ୍ରାପଡ଼ାର ଆନନ୍ଦ ଚନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତଦାନ ଶିବିରରେ ୬୯ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ପ୍ରଭାରୀ ଦିଲ୍ଲୀପ ମଲ୍ଲିକଙ୍କ ସମେତ ଅନେକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ।

# ମଧୁସୂଦନ ଦେବ ଡିଗ୍ରୀ କଲେଜରେ ସେବା ସପ୍ତାହ କାର୍ଯ୍ୟକ୍ରମ



**ଭୁବନେଶ୍ୱର:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଉପଲକ୍ଷେ ସେବା ସପ୍ତାହର ସମାରୋହ ଦିବସ ପରିପ୍ରେକ୍ଷୀରେ ପଟିଆ ସ୍ଥିତ ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ବିଜେପି ପ୍ରବକ୍ତା ଦିଲ୍ଲୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଥରେ ବ୍ୟବହୃତ ହୋଇଥିବା ପ୍ଲାଷ୍ଟିକ୍‌କୁ ବର୍ଜନ କରିବା ସହିତ ଜଳ ସଂରକ୍ଷଣ ଉପରେ ସମସ୍ତେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ପ୍ଲାଷ୍ଟିକ୍ ବର୍ଜନ ଓ ଜଳ ସଂରକ୍ଷଣକୁ ନେଇ ଶପଥ ପାଠ କରାଯାଇଥିଲା। ଏଥିରେ କଲେଜର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ବସନ୍ତ କୁମାର ରାଉତ, ମିହୀର କୁମାର ଦାସ, ଜୟପ୍ରକାଶ ମିଶ୍ର, ସୁଶାନ୍ତ କୁମାର ସାବତ, ବିନୟ କୁମାର ରାଉତ, ବିକ୍ରମ ପ୍ରଧାନ, କଳ୍ପନା ପଣ୍ଡା ପ୍ରମୁଖ ବହୁ ବିଜେପି କର୍ମୀ ଉପସ୍ଥିତ ରହିଥିଲେ।

# ଥଇଥାନ ଗୃହ କମିଟିର ପ୍ରଥମ ବୈଠକ

**ଭୁବନେଶ୍ୱର:** ଥଇଥାନ ଗୃହ କମିଟିର ପ୍ରଥମ ବୈଠକ ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ବିଧାନସଭା ସଚିବାଳୟର କମିଟି ପ୍ରକୋଷ୍ଠ ନଂ-୫୪ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟରେ ଜଳସେଚନ, ଶିଳ୍ପ ଓ ଖଣି ପ୍ରକଳ୍ପଗୁଡ଼ିକର ସ୍ଥାପନ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକମାନଙ୍କର ସମସ୍ୟାର ସମାଧାନ ଓ ସେମାନଙ୍କର ଥଇଥାନ ସଂପର୍କରେ ଆଲୋଚନା ହୋଇଥିଲା। ବୈଠକରେ କମିଟିର ସଦସ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଜେପି ବିଧାୟକ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବିଧାୟକ ଶ୍ରୀ ସନ୍ତୋଷ ସିଂ ସାଲୁଜା, ପ୍ରୀତିରଞ୍ଜନ ଘଡ଼ାଇ, ମନୋହର ରନ୍ଧାରୀ, ପର୍ଶୁରାମ ଧଡ଼ା, ପ୍ରଶାନ୍ତ କୁମାର ଜଗଦେବ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଇଡ଼୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଂଜୟ କୁମାର ସିଂ, ଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ହେମନ୍ତ କୁମାର ଶର୍ମା, ଇସ୍ପାତ ଓ ଖଣି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଏସ୍.କେ. ପୋପଲି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଆର୍.ଏନ୍ ପଲାଇ, ସଂପୃକ୍ତ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦଙ୍କ ସମେତ ବିଧାନସଭା ସଚିବ ଦାଶରଥୀ ଶତପଥୀ ଏହି ବୈଠକରେ ଉପସ୍ଥିତ ଥିଲେ।

# ମାଗଣା ଦନ୍ତ ପରୀକ୍ଷା ଓ ସ୍ୱାସ୍ଥ୍ୟ ଶିବିର



**ଭୁବନେଶ୍ୱର:** ଋତୁ ପରିବର୍ତ୍ତନ ସହିତ ଲୋକମାନେ ସ୍ୱାସ୍ଥ୍ୟ ସମସ୍ୟାରେ ପଡିଥାନ୍ତି। ବିଶେଷକରି ଶୀତ ଋତୁରେ ଦାନ୍ତର ସମସ୍ୟା ଦେଖା ଦେଇଥାଏ। ବରିଷ୍ଠ ନାଗରିକ ମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ଅଧିକ। କେତେକ ବ୍ୟକ୍ତି ନିଜେ ନିଜେ ଡାକ୍ତରଖାନା ଯାଇ ଏହି ସମସ୍ୟାର ସମାଧାନ କରିପାରିଥିଲା ବେଳେ ଆଉ କିଛି ବ୍ୟକ୍ତି ଅନ୍ୟାନ୍ୟ ବଦାନ୍ୟ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ସହାୟତା ନେଇଥାନ୍ତି। ରାଜଧାନୀର ପ୍ରମୁଖ ଅନୁଷ୍ଠାନ ଇନର ହୁଇଲ କ୍ଲବ ଏ କ୍ଷେତ୍ରରେ ଆଗୁଆ। ଶାସ୍ତ୍ରୀନଗରରେ ଥିବା ଏଲଟି ଓ ୟୁଥ ୱେଲଫେୟାର ଆସୋସିଏସନ ସହଭାଗିତାରେ ଇନର ହୁଇଲ କ୍ଲବ ଦିନିକିଆ ଦନ୍ତ ପରୀକ୍ଷା ଓ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରିଥିଲା। ହାଇଟେକ ଡେଣ୍ଟାଲ କଲେଜ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଇନର ହୁଇଲ କ୍ଲବର ସଭାପତି ସମାଜସେବୀ ସୁଜାତା ମିଶ୍ର, ସମ୍ପାଦକ ମିରା ମହାପାତ୍ରଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ମହିଳା ଓ ସମାଜସେବୀଙ୍କ ଉପସ୍ଥିତିରେ ଏହି ଶିବିର ଉଦ୍‌ଘାଟନ ହୋଇଥିଲା। ଡଃ ସୁନୟନା ପ୍ରିୟଦର୍ଶିନୀ, ଡଃ ଦେବାଶିଷ ଗିରିଙ୍କ ସହିତ ଅନ୍ୟ ଚିକିତ୍ସା ସହାୟକଙ୍କ ସହଯୋଗରେ ଏହି ଶିବିର ପରିଚାଳିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଅନେକ ବ୍ୟକ୍ତି ନିଜର ସମସ୍ୟା ଓ ରୋଗ ପରୀକ୍ଷା ସମ୍ପର୍କରେ ପରାମର୍ଶ ନେଇଥିଲେ। ଏହି ଶିବିରରେ ପାଖାପାଖି ୧୫୦ ବରିଷ୍ଠ ଓ କନିଷ୍ଠ ବ୍ୟକ୍ତି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ନିଦାନ ସମ୍ପର୍କରେ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଯୁବନେତା ତଥା ସମାଜସେବୀ କୈଳାସ ରଥ। କ୍ଲବର ସଭାପତି ସୁଜାତା ମିଶ୍ର କହିଥିଲେ ଯେ, ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବ।


ମାତ୍ର ୩୫,୦୦୦/- ଟଙ୍କା ବିନିଯୋଗ କରି ଘରେ ତିଆରି କରନ୍ତୁ Slipper Chapal

ଦୈନିକ ୫ଶହ ଟଙ୍କାରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ।



Aditi Greens

Going green is our only choice...

CONTACT

Aditi Greens, Amrit Nagar, Dumduma (A), Khandagiri, Bhubaneswar, Odisha.

Cell-7735652665, 7008807228.

PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286




PLOT FOR SALE

MOUZA : JUJHAGADA

(Back side of Nandankanan Zoo)

BHUBANESWAR

Contact : 865807286 / 8917571455



MOUZA : BEGUNIA BOREHI

(NEAR CV RAMAN COLLEGE)

TAMANDO - YELLOW ZONE

BHUBANESWAR

30ft Approch Road

Contact : 8658607286 / 8917571455



30ft Internal Road

Mouza : Pandiapada

Contact Immediately :

8658607286 / 8917571455

PLOT FOR SALE@BHUBANESWAR

Yellow Zone, 30ft wide Road

Mouza : Dakhina Mundamuhan

(Near CV Raman College)

100ft Proposed BDA Road

Contact Immediately :

8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି